# ସର୍ବହରାର ଅଟ୍ଟହାସ୍ୟ

ବିଭୁତି ପଟ୍ଟନାୟକ

************************

ରଚନା-ପହିଲି ରଜ-୧୯୫୩

ଡିଙ୍କେଶ୍ୱର

Printed by P.K.Das at Krushak Press,Cuttack and
published by B.B.Nayak for Dipti Novel Series
Jatni-1955

—ଏକ—

ଟ୍ରେନ୍ ଅଧ୍ୟାଶ ଅଟି—

ଟ୍ରେନ୍ ଚାଲିବାର ସଙ୍କେତ ଦେଲା ।

ଗାର୍ଡ ସାହେବ ନରହରି ବାବୁ କଂପାଟ୍‌ମେଂଟର ଦରଜା ଆଉଜେଇ ନେବାକୁ ଚେଷ୍ଟା କଲାବେଳେ କେହି ଯାତ୍ରୀ ଉଠିବାକୁ ଚେଷ୍ଟାକଲା । ନରହରିବାବୁ ରୁକ୍ଷକଣ୍ଠରେ ପଚାରିଲେ—‘କିଏ ସେ ରିଜର୍ଭ କଂପାଟ୍‌ମେଂଟରେ ପଶିବାକୁ ଚେଷ୍ଟା କରୁଛ ?’

କେହି ଶୁଣିଲେ ନାହିଁ, ଜଣେ ଶିଖ୍ ପୋଷାକପିନ୍ଧା ଭଦ୍ରଲୋକ ଜବରଦସ୍ତି ସେ କଂପାଟ୍‌ମେଂଟ୍‌ରେ ଉଠିଲେ । ବଦଳରେ ଗାର୍ଡସାହେବ ପଚାରିଲେ, “ଏଇଟା ରିଜର୍ଭ କଂପାଟ୍‌ମେଂଟ୍ ବୋଲି ଜାଣ ?”

ଟ୍ରେନ୍ ସେତେବେଳକୁ ଚାଲିବାକୁ ଆରମ୍ଭ କଲାଣି । ଶିଖ୍ ଭଦ୍ରଲୋକ ଜଣକ କିଛି ଉତ୍ତର ନ ଦେଇ ନିଜ ବ୍ୟାଗ୍‌ଟି ଥୋଇ ଆରାମରେ ବସିବାର ଉପକ୍ରମ କଲେ । ତାପରେ କିଛି ସମୟ ପରେ ଓଲଟି ପଚାରିଲେ, “ଉତ୍ତମ ଆପଣ ଗାର୍ଡସାହେବ ନରହରିବାବୁ ?”

ଅପରିଚିତ ମୁହଁରୁ ନିଜ ନାମ ଶୁଣି ସମ୍ମୋହିତ ଭଳି ଚମକି ପଡ଼ିଲେ ରାୟ ସାହେବ। ତାପରେ ଯଥାସମ୍ଭବ ନିଜକୁ ସଂଯତ କରି କହିଲେ, "ନା—ହିଁ ··ଜାର୍କ ?"

ହୋ—ହୋ ହୋଇ ଉଚ୍ଚକଣ୍ଠରେ ହସି ଉଠିଲା ଯୁବକ ଜଣକ। ତା'ପରେ ବିଦ୍ୟୁତ୍‌ବେଗରେ ନିଜ ବ୍ୟାଗରୁ ଅଟୋମେଟିକ ରିଭଲଭରଟି ଉତ୍ତୋଳନ କରି ଶାସନସଂଯତ କଣ୍ଠରେ କହିଲେ, "ସାବଧାନ—ନିଜ ପକେଟକୁ ହାତ ନିଅ ନାହିଁ ରାୟସାହେବ—ହାତ ଉପରକୁ ଟେକି ଠିଆ ହୁଅ—କହ ସେ ସହସ୍ରାଧିକଟଙ୍କାର ହୀରାହାର କେଉଁଠି ଅଛି ?"

ହୀରା—ହାର ନାଁ ଶୁଣି ଟନ ବାଜିଗଲା ରାୟସାହେବଙ୍କ ପାଟି। ସେ ଟେନେଇ ଖେନେଇ କହିଲେ—"ତୁଇ—ତୁଇ ·"

"ହଁ—ହଁ—ମୁଁ **ରକ୍ତଲୋଭୀ**, ହୀରାହାର ନ ଦେଲେ ନିଜ ଭ୍ରମର ପ୍ରାୟଶ୍ଚିତ୍ତ କରିବାକୁ ହେବ ନିଜ ରକ୍ତ ଦେଇ; ପାରିବ—ପାରିବ ତୁମର ରହସ୍ୟମୟ ଜୀବନଟାକୁ ବନ୍ଧୁକ ଗୁଳିର ଉଷ୍ଣ ଚୁମ୍ବନ ଭିତରେ ବଳିଦେଇ ?"

ରାୟସାହେବ ଚାରିଆଡ଼କୁ ଚାହିଁଲେ। ଫାଶିମୁହଁକୁ ଯାଉଥିବା ଆସାମୀ ମୁହଁ ଭଳି ମୁଖମଣ୍ଡଳ ବିବର୍ଣ୍ଣ। ନା—ନା ସେ ପ୍ରତାରିତ ହୋଇଛନ୍ତି, ତାଙ୍କ ବିରୁଦ୍ଧରେ କରାଯାଇଛି ଏକ ଭୀଷଣ ଷଡ଼ଯନ୍ତ୍ର। ସେ ନିଜ ଜୀବନକୁ ଏମିତି ଶସ୍ତା ବନ୍ଧୁକ ମୁନରେ ହତ୍ୟା କରିବାକୁ ଦେବେନ। ସେ ନିଜ ପକେଟରୁ ଅତି ଯତ୍ନରେ ସୁରକ୍ଷିତ ହୀରାହାରଟି ଆଣି ଆତତାୟୀ ହାତରେ ଟେକିଦେଲେ।

"Hands up please···"···ରଜନୀବାବୁଙ୍କ ଗମ୍ଭୀର ଆଦେଶ। ହୀରାହାରଟା ପକେଟରେ ରଖୁ ରଖୁ ଦସ୍ୟୁ ଯୁବକ ଏପରି ଆଦେଶ ପାଇ ବିଚଳିତ ହୋଇ ପଡ଼ିଲେ। ତାପରେ କ୍ଷିପ୍ର ଗତିରେ ଘୂରି ପଡ଼ି ସେ ଗୁଳି

କରି ଦେଲେ କମ୍ପାର୍ଟମେଣ୍ଟର ବଜୁଳିବତୀକୁ । ଝିଣ୍‌ଝିଣ୍‌ ହୋଇ ଝରିପଡ଼ିଲା ଲାଇଟ୍‌ କାଚ । ଘନ ଅନ୍ଧାର ଭିତରେ ବୁଡ଼ିଗଲା ସାରା କମ୍ପାର୍ଟ୍‌ମେଣ୍ଟ । ରଜନୀବାବୁ ଗୁଳି କରିଦେଲେ । କିନ୍ତୁ ଚତୁର ଦସ୍ୟୁ ଯୁବକ ବସି ପଡ଼ିଥିଲେ ସେତେବେଳକୁ । ଗୁଳିଟା ଲକ୍ଷ୍ୟଭ୍ରଷ୍ଟ ହୋଇଗଲା । ତାପରେ ସେ ଘନଅନ୍ଧାରରେ କିଂକର୍ତ୍ତବ୍ୟବିମୂଢ଼ ରଜନୀବାବୁ ନିଜ ମସ୍ତକରେ ଅନୁଭବ କଲେ ଏକ ବଜ୍ରମୁଷ୍ଟିର ଆଘାତ । ପରେ ପରେ ଗୋଟାଏ ଅଟ୍ଟହାସ୍ୟରେ ମୁଖରିତ ହୋଇ ଉଠିଲା ସମସ୍ତ କଂପାର୍ଟ୍‌ମେଂଟ୍‌ ।

—ଦୁଇ—

ଟ୍ରିଂ—ଟ୍ରିଂ—ଟ୍ରିଂ—ହୋଇ ବାଜି ଉଠିଲା ଫୋନ୍‌ । ରାୟସାହେବ ମାଉଥ୍‌ପିସ୍‌ଟା ଉଠାଇ ପଚାରିଲେ, "ହଲୋ—ହଲୋ—କିଏ ? ରଜନୀବାବୁ ? ନମସ୍ତେ—ହଁ-ହଁ-ନିହାତ ଜରୁରୀ ସମ୍ବାଦ, ଶୀଘ୍ର ଆସନ୍ତୁ······ନମସ୍ତେ –"

ଫୋନ୍‌ଟା ଛାଡ଼ି ସେ ଶ୍ରାନ୍ତକ୍ଲାନ୍ତ ମସ୍ତକରେ ବସି ପଡ଼ିଲେ ଚେୟାରରେ । ଛାତି ଦପ୍‌ଦପ୍‌ ତାଙ୍କର ସେତେବେଳ ପର୍ଯ୍ୟନ୍ତ କମିନି— ସତେ ଯେପରି ଗୋଟାଏ ଆଶଙ୍କାର ହାତୁଡ଼ି ତାଙ୍କ ଛାତିତଳେ ପିଟି ହେଉଛି ଅନବରତ ।

ବାହାରେ ମୋଟର ହର୍ଣ୍ଣ ଶୁଭିଲା । ରାୟସାହେବ ଉଠିଗଲେ । ହସି ହସି ନିଜ ସହକାରୀଙ୍କ ସହିତ ରଜନୀବାବୁ ନିଜ ମେଘୁଆରଙ୍ଗ କାର୍‌ରୁ ବାହାରି ଆସୁଛନ୍ତି । ଅଭିବାଦନର ଆଦାନ ପ୍ରଦାନ ପରେ ରଜନୀବାବୁ ପଚାରିଲେ, "କ'ଣ ଜରୁରୀ କାମ ରାୟସାହେବ ?"

ଗୋଟାଏ ନିର୍ଜନ କୋଠରୀରେ ପ୍ରବେଶ କରିସାରିଲା ପରେ ରାୟ-ସାହେବ କହିଲେ, "ଭୟଙ୍କର ବିପଦ ରଜନୀବାବୁ, ଏହି ଚିଠିଟା ପଢ଼ିଲେ ସବୁ ବୁଝି ପାରିବେ ।"

ରଜନୀବାବୁ କାଗଜଟା ଖୋଲି ପଢ଼ିଲେ —

"ରାୟ ସାହେବ,

ଆଜି ମୋର ଏଁ ଆକସି଼କ ଚିଠି ପାଇ ଚମକି ଉଠିବ ତମେ । ତା ଜାଣି ବି ଲେଖୁଛି । ଦୁନିଆ ଆଖିରେ ଆଙ୍ଗୁଠି ଗେଞ୍ଜି ଆଜି ତୁମେ ଯେଉଁ ଧନ ସମ୍ପଦ ଠୁଳ କରଛ, ସେଥିରେ ତୁମେ ମଣିଷ ମାନୁନ ଆଜି । ହବେ ନା ହବେ ତମେ ଏଥିର ପ୍ରତିଫଳ ପାଇବ । ମୋର ପ୍ରତିହିଂସା ନିଆଁରେ ଜାଳିପୋଡି ତୁମକୁ ମୁଁ ପାଉଁଶ କରିଦେବି । ତମେ ତମ ଗତି ପରିବର୍ତ୍ତନ କର ।

ଆସନ୍ତା ବାଇଶ ତାରିଖ ଟ୍ରେନ୍‌ରେ ତୁମର ମୋର ପ୍ରଥମ ସାକ୍ଷାତ ହେବ । ଇତି ।

ତୁମର
ରକ୍ତପିପାସୀ"

ଚିଠିଟା ପଢ଼ି ସାରି ରଜନୀବାବୁ ଭାବନା ବିହ୍ୱଳ ହୋଇ ପଡ଼ିଲେ । ଚିନ୍ତାଧାରା ତାଙ୍କର ଗୋଳମାଳ ହୋଇଗଲା । ସହରର ନାମଜାଦା ଧନପତି ରାୟସାହେବ । ତାଙ୍କ ବିରୁଦ୍ଧରେ ଆଜି ମାତି ଉଠିଛି କିଏ ? ତାପରେ ସେ ପଚାରିଲେ, "କାଲି ତୁମେ ଟ୍ରେନ୍‌ରେ ଯିବ ବୋଲି ପତ୍ରପ୍ରେରକ ଜାଣିଲା କିପରି ?"

"ମୁଁ ବା କିପରି ଜାଣିବି ?"

"ଆଚ୍ଛା କାଲି ଟ୍ରେନରେ ଗଲାବେଳେ ତୁମେ ନେବ କ'ଣ ସାଥିରେ ?"

ରାୟସାହେବ ଜିନିଷଟିର ନାମ କହିବାକୁ କୁଣ୍ଠିତ ହେଲେ । "ଆପଣ ଜିନିଷର ନାମ ନ କହିଲେ ମୁଁ ଆପଣଙ୍କୁ ସାହାଯ୍ୟ କରିବି କିପରି ?

"ନାଇଁ—ନ ଜାଣିଲେ···"

"ଆପଣଙ୍କ ଜିନିଷ ନାମ ମୋ ଦ୍ୱାରା ଅନ୍ୟ ସମ୍ମୁଖରେ ପ୍ରକାଶିତ ହେବାର ଭୟ ନାହିଁ । ଆଉ ରମଣୀ (ସହକାରୀ) ମୋର ଅତି ଆପଣାର । ଆପଣ ନିର୍ଭୟରେ କୁହନ୍ତୁ ।"

"ହଁ—ଗୋଟାଏ ହୀରାହାର ।"

ହୀରାହାର....ବେଦନା ବାଦଲରେ ରଜନୀବାବୁଙ୍କ ମୁଖ-ଆକାଶ ରହସ୍ୟମୟ ହୋଇ ଉଠିଲା । ସେ କ'ଣ ଭାବିବାକୁ ଲାଗିଲେ । ତାପରେ ହାରଟା ଦେଖିବାକୁ ଉଠିଗଲେ ରାୟସାହେବଙ୍କ ସହିତ । କକ୍ଷ ପରେ କକ୍ଷ ପାର ହୋଇ ଶେଷରେ ଗୋଟିଏ ଗୁପ୍ତକୋଠରୀରେ ଇଲେକ୍‌ଟ୍ରିକ୍ ବଟମ୍ ଚିପି ଖୋଲିଲେ ରାୟସାହେବ । କକ୍ଷର ଏକ ଲୌହ ସିନ୍ଦୁକରୁ ଗୋଟିଏ ଡବା କାଢ଼ି ଆଣିଲେ । ସେ ଡବାଟି ଖୋଲି ଦେବା ସଙ୍ଗେ ସଙ୍ଗେ ରଜନୀବାବୁଙ୍କ ଆଖି ଝଲସି ଉଠିଲା । ସେ ହାରଟାକୁ ଆଣି ଭଲ କରି ପରୀକ୍ଷା କରି ପୁଣି ରଖିଦେଲେ ।

ପୂର୍ବ କୋଠରୀକୁ ଫେରି ଆସିଲେ ସେମାନେ । ରଜନୀବାବୁ କହିଲେ, "କାଲି ଏ ହାର ସାଙ୍ଗରେ ନନେଲେ ଚଳିବ ନାହିଁ ? ରାୟସାହେବ ମୁଣ୍ଡ ହଲାଇ ମନାକଲେ । ମୁଖମଣ୍ଡଳ ସେତେବେଳେ ତାଙ୍କର ଦୁଃଖ ଓ କ୍ଷୋଭରେ ମୁହ୍ୟମାନ ଦେଖାଯାଉଥିଲା । ରଜନୀ ବାବୁ କହିଲେ, "ଅଚ୍ଛା— ମୁଁ ତୁମ ସଙ୍ଗରେ କାଲି ଟ୍ରେନରେ ଯିବି କିନ୍ତୁ ମୁଁ ରହିବି ବାଥରୁମରେ । ଭିତରେ ବି ଏ କଥା ଅନ୍ୟ କେହି ଯେପରି ଜାଣି ନ ପାରନ୍ତି ।"

ରାୟସାହେବ ସମ୍ମତି ଜଣାଇ କହିଲେ, "ଆପଣ ଆଜି ଆମ ଘରେ ରୁହନ୍ତୁ ।" ତାପରେ ସେ ରଜନୀବାବୁଙ୍କ ପାଇଁ ରହିବା ଆୟୋଜନ କରିବା ପାଇଁ ଚାଲିଗଲେ ।

ଶଶୀକାନ୍ତ ମସ୍ତକରେ ରଜନୀବାବୁ ମଧ୍ୟ ମୋଟରରେ ନେଇ ଚାଲିଲେ ବଜାରଆଡେ । ଡ୍ରାଇଭର ସିଟରୁ ରମଣୀ ପଚାରିଲା—"କେମିତି ମନେ ହେଉଛି କେଶ୍‌ଟା ?"

"ଅତି ରହସ୍ୟମୟ ଓ ଜଟିଳ । ପ୍ରତିପଦକ୍ଷେପ ବିଶୃଙ୍ଖଳ । ତଥାପି—

"କୁଆଡ଼େ ନେବି ମୋଟର—"

"ବଢ଼ିଆ ସାହୁଆଜ୍ଞେ ।"

କିଛୁ କାରଣ ବୁଝି ନ ପାରି ବ ରମଣୀ ମୋଟର ଘୁରେଇ ଚାଲିଲା ।

× × ×

ସେଦିନ ରାତି ଗୋଟାଏ ହେବ ।

ବାହାରେ ଝିପି ଝିପି ବରଷା ହେଉଛି । ଆକାଶ ମେଘାଚ୍ଛିତ । କେହି ଜଣେ ଆଗନ୍ତୁକ ଆସ୍ତେ କବାଟ ମେଲେଇ ପଶିଲା ରାମୁସାହେବଙ୍କ ଶୟନକକ୍ଷରେ, ଆସ୍ତେ ଆସ୍ତେ ସେ ପକେଟରୁ ଗୋଟାଏ କ'ଣ ଜିନିଷ ଆଣି ରାମୁସାହେବଙ୍କ ନାକପାଖରେ ଚିପି ଧରିଲା । ତାପରେ କଣ୍ଠି ଟ୍ରେପ୍ଥାଏ କାଢ଼ି ପୁଣି ଅଗେଇ ଆସିଲା । କିଛିପରେ କଣ ପର୍ ହୋଇଯିବା ପରେ ଶୋଇବାର ସ୍ନାନଘରେ ପ୍ରବେଶ କରି ଲାଗି ଅଣିଲା ସେ ତତ୍କାଳ । ଆଖି ତାର ଉଜ୍ଜ୍ୱଳ ହୋଇ ଉଠିଲା—ମୁହଁରେ ଫୁଟି ଉଠିଲା ହସ—ମୃତ୍ୟୁ—ତାପରେ ??

—ତିନି—

କଲିକତା ସହରର ଜନଗହଳି କମି ଆସିଲାଣି ।

ରାତି ଦ'ଟାରୁ ବେଶୀ ହେବ—

ସିଟିପାର୍କ…

ବଙ୍କିମ ଅଷ୍ଟମୀ ଚନ୍ଦ୍ରର ମଇଳା ଅଲୁଅ ଛୁରଳ ପଡ଼ୁଛି ପାର୍କର ବିଲାତି ଫୁଲ ଗଛଗୁଡ଼ିକରେ । ଚାରିଆଡ଼ ନିର୍ଜନ ନିଥର—ଦୂରରୁ ଗଙ୍ଗାରେ ଷ୍ଟିମର ଆସିବାର ଶବ୍ଦ ଶୁଭୁଛି—ଗଛଗହଳିରେ କୋଉଠିଏ ଜାଣା ଅଜଣା ଚଢ଼େଇଆ, ସେହି ସ୍ଥାନରେ ଥରେ ଟର୍ଚ ଜଳି ଉଠିଲା । ତାପରେ ଶୁଭିଲା ଜଣକର ସତର୍କ ପଦଧ୍ୱନି—

"ନମସ୍କାର—"

"ଆପଣଙ୍କ ଆସିବା ଡେରି ହେଲା"

ଆଗନ୍ତୁକ ଜଣଙ୍କର ମୁଖମଣ୍ଡଳ ଉପରେ ଅଥବା ସ୍ପଷ୍ଟ ଆଶଙ୍କାରେ ଶୁଖି ଯାଇଥାଏ । ସେ ସ୍ୱପା କଣ୍ଠରେ କହିଲା, "କ୍ଷମା କରିବ ଲୀଳା—ମୁଁ ନିରୁପାୟ, ଆସ ବେଞ୍ଚ ଉପରକୁ ଯିବା ।"

ଅନ୍ୟଜଣକ ଯୁବତୀ ଜଣେ । ସେ ଆଗେଇଗଲେ ଅନତିଦୂରରେ ପଡ଼ିଥିବା ସିମେଣ୍ଟ ବେଞ୍ଚ ଆଡ଼େ । ଆଗନ୍ତୁକ ଦେହକୁ ଆଉଜି ଯୁବତୀ-ଜଣକ ବସିଲାପରେ ଅଳ୍ପ ହସି କହିଲେ—"ମୋ କଥା ମନେଥିଲା ତୁମର ?"

ଆଗନ୍ତୁକ ମୃଦୁହସି କହିଲେ "ତମର ଲୀଳାୟିତ ମୁଖମଣ୍ଡଳ ମୁଁ ଭୁଲି ପାରେ ଲୀଳା ? କୁହ କଣ ଠିକ୍ କରି ରଖିଛ ?"

ଯୁବତୀ ଲୀଳା ଅଭିମାନରେ ମୁହଁ ଫୁଲେଇ କହିଲେ, "ଆସୁ ନ ଆସୁଣୁ ଖାଲି ସେଇ କଥା । ଆଉ କଥା କ'ଣ ଜାଣି ନଥାଏ ।"

"ତୁମେ ବୁଝିପାରିବ ନାହିଁ ଲୀଳା ମୋ କର୍ତ୍ତବ୍ୟ କଠୋର—ତମ ଭଳି ରୂପସୀ ଯୁବତୀର କଅଁଳ କଥା, କଳ କଳ ହସ କାହାର ଶୁଣିବାକୁ ଇଚ୍ଛା ନ ଥାଏ ? କିନ୍ତୁ କର୍ତ୍ତବ୍ୟ ପାଖରେ ସେ ଭୋଗ ବିଳାସ କିଛି ନୁହେଁ । କୁହ କଣ ସବୁ ଠିକ୍ ଅଛି ?"

ନାଟକୀୟ ଭଙ୍ଗିରେ ଲୀଳା କହିଲା, "କୋଉ କଥାଟା କେବେ ମୋର ଅଠିକ ରହିଛି ଭଲା ? କିନ୍ତୁ ସେ ସେତିକରେ ରାଜିନୁହେଁ—ଆଉ ପାଞ୍ଚ ହଜାର ।"

ଏଥରକ ଆଗନ୍ତୁକ ମର୍ମାହତ ହୋଇ ପଡ଼ିଲେ । ତାଙ୍କ ମୁଖମଣ୍ଡଳରୁ ଲିଭିଗଲା ସରସତା । ସେ ବିନୀତ କଣ୍ଠରେ କହିଲେ, "ସେଇ ଦଶହଜାର ପୁରା ମୁଁ ଆଣି ପାରିନି ଲୀଳା—ଜିନିଷଟା ହାତକୁ ଆସିଲେ ମୁଁ ସବୁ ଦେଇ ଦେବି । ତୁମେ ମୋତେ ଜିନିଷଟା ଆଣିଦିଅ ।"

ଲୀଳା କଣ୍ଠରୁ ସରଳତା ଏଥରକ ମରିଗଲା । ସେ ରୁକ୍ଷକଣ୍ଠରେ କହିଲା—"କିନ୍ତୁ ତାକୁ ମୁଁ ଜବାବ ଦେଇ ସାରିଛି, ଆଜିରାତିର କଳା-

ପରଦା ଟେକ ସୂର୍ଯ୍ୟ ଉଇଁଲେ ମୁଁ ମୁହଁ ଦେଖାଇ ପାରିବ ନାହିଁ ଏ ମହା-ନଗରୀରେ, ତୁମେ ଆଜ ସେତକ ନଦେଲେ ମୁଁ ସେ ବିଷମୟ କାମରେ ହାତ ଦେଇ ପାରିବ ନାହିଁ ।"

"ଏହା ବିଷମୟ କାମ ସତ, କିନ୍ତୁ ଗୋଲାପ ପାଖୁଡ଼ା ଭଳି ରୂପ ଢଳ ଢଳ ଯୁବତୀ ଲୀଳା ପାଖରେ ଏ କାମ ମଶା ମାରିଲାଠାରୁ ଆହୁରି ସହଜ । ମୁଁ ତୁମକୁ ଦୃଢ଼ ପ୍ରତିଶ୍ରୁତି ଦେଉଛି ଏ ଦୁଇତିନ ଦିନ ମଧ୍ୟରେ ମୁଁ ସବୁ ଟଙ୍କା ଆଣି ଦେଇ ଦେବି । ତୁମେ ତୁମ ଚେଷ୍ଟାରେ ରୁହ—"

ଲୀଳା ସମ୍ମତି ଜଣାଇଲା । ତାପରେ ଆଗନ୍ତୁକ ଚୁପାକଣ୍ଠରେ କହିଲେ- ତୁମେ ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ "ପ୍ରେତପୁରୀ" ପାଖରେ ମୋତେ ସାକ୍ଷାତ କର । ସେଠାରେ ମୁଁ ତୁମର ପାଉଣା ଚୁକ୍ତାଇ ଦେବି । ପହିଲି ପର୍ବରୁ ମାଲ୍ ଯେପରି ମୁଁ ତକ୍ଷୁ ଆସେ । ହଁ — ୨୮ ତାରିଖରେ ପ୍ରେତପୁରୀକୁ ଯିବ ବୋଲି କେହି ଯେପରି ଭୁଲିରେ ସୁଦ୍ଧା ନଜାଣନ୍ତି । ଗଙ୍ଗା ପଶ୍ଚିମ ଘାଟରେ ୧୨ ନମ୍ବର ଝୁଣ୍ଟି ପାଖରେ ଷ୍ଟିମର ଥିବ, ରାତି ଅଠଟା ସୁଦ୍ଧା ତୁମେ ସେଠାରେ ଷ୍ଟିମର ଚାଳକକୁ ଏ କାର୍ଡ଼୍ ଦେଖାଇଲେ ସେ ନେଇ ସେଠାରେ ପହଞ୍ଚାଇ ଦେବ—"

ତାପରେ ଦୁଇ ଆଡକୁ ସତର୍କ ଦୃଷ୍ଟିରେ ଚାହିଁ ଦୁଇଜଣଯାକ ରାସ୍ତା ଦେହରେ ମିଳେଇଗଲେ । ଠିକ୍ ତାଙ୍କ ପଛେ ପଛେ ଗୋଟିଏ ଫୁଲଗଛ ବୁଦା ମୂଳରୁ ବାହାରିଲେ ଗୋଟିଏ କଳାଛାଇ—ତାପରେ ଧୀର ଅଥଚ ଦ୍ରୁତ ପଦକ୍ଷେପରେ ସେ ସେଇ ମଇଳା ଜହ୍ନ ଆଲୁଅ ମିଶା କାଳି ଅନ୍ଧାରରେ ମିଶିଗଲା କୁଆଡ଼େ ।

—ଚାରି—

ପୌଷର ଗୋଟିଏ କମ୍ର ପ୍ରଭାତ ।

ବାତାୟନ ପଥଦେଇ ସୁନେଲି ରଶ୍ମି ରେଖା ପଡ଼ୁଛି କକ୍ଷ ଭିତରକୁ । କକ୍ଷସ୍ଥ ଟେବୁଲ୍ ଉପରେ ସ୍ତୁପିକୃତ ପୁସ୍ତକ ଉପରେ ଝଲକାଏ ଆଲୁଅ ଛୁଇଁଛି

ପଡ଼ିଛି । ସେହି ପୁଷ୍ପକ ସ୍ତୁପ ମଧ୍ୟରେ ଥୁଆ ହୋଇଥିବା ଚା’ ପିଆଲାରୁ ଧୂଆଁ ଚହଲି ଚହଲି ଉଠୁଛି ଉପରକୁ । ଚା’ ଶୀତଳ ହୋ’ଇ ଯାଉଥିଲେବି ରଜନୀବାବୁଙ୍କ ଲକ୍ଷ୍ୟ ସେତେଣେ ନାହିଁ । ମୁଖମଣ୍ଡଳ ତାଙ୍କର ଗମ୍ଭୀର ଭାବନାରେ ଭାରାକ୍ରାନ୍ତ, ସେ ଭାବି ଚାଲିଛନ୍ତି ଆକାଶ ପାତାଳ —

"ଆରେ ଚା’ ଶୀତଳ ହୋଇଗଲା ଯେ···" ରମଣୀବାବୁ ସାବଧାନ କରାଇଦେଲେ ।

ଅନ୍ୟମନସ୍କ ଭାବରେ ଚା’ ପିଆଲା ଉଠାଇ ନେଇ ଢକ ଢକ କରି ସରବତ ପିଇଲା ଭଳି ରଜନୀବାବୁ ଚା’ତକ ପିଇଦେଲେ । ତାପରେ ପୁଣି ବୁଡ଼ି ରହିଲେ ଭାବନାରେ । ଗୋଟାଏ ଜିନିଷକୁ ସେ ପରୀକ୍ଷା କରି ଦେଖିପାରୁ ନ ଥାନ୍ତି କଣ—

ଦ୍ୱାରର ନଟିଆ ତଳେ ଦେଲା ବାହାରେ ପୋଷ୍ଟ୍‌ପିଅନ ଡାକୁଛି— ରଜନୀବାବୁ ତାକୁ ଭିତରକୁ ଡାକ ଆଣିବାକୁ କହିଲେ ।

ପୋଷ୍ଟପିଅନ ଗୋଟାଏ ରେଜେଷ୍ଟ୍ରି ଚିଠି ଦେଇ ଦସ୍ତଖତ କରେଇ ନେଇ ଚାଲିଗଲା । ରଜନୀବାବୁ ଚିଠିଟା ଖୋଲି ପଢିଲେ । ପଢୁ ପଢୁ ମୁହଁରେ ତାଙ୍କର ଫୁଟି ଉଠିଥିଲା ବିସ୍ମୟର ଚିହ୍ନ । କୌତୂହଳ ଦମନ କରି ନ ପାରି ରମଣୀ ମଧ୍ୟ ଚିଠିଟା ପଢିନେଲା—

ଲେଖା ଅଛି—

"ମାନନୀୟ ରଜନୀବାବୁ,

ଆପଣଙ୍କୁ ଚିହ୍ନେ ନାହିଁ—ମୁଁ ବି ଆପଣଙ୍କର ଅପରିଚିତ—ତଥାପି ଲୋକ ମୁହଁରେ ଆଉ ସମ୍ବାଦପତ୍ରରେ ଆପଣଙ୍କ ସୁଖ୍ୟାତି ଅପରିସୀମ ଶୁଣିଛି, ଆପଣ ବିପଦଗ୍ରସ୍ତର ସହାୟକ—ଉପଦେଷ୍ଟା—

ଘୋରଆଜ୍ଞେ ଆଜ ମୋର ବିପଦ—ସଏତାନର ବିଷଦୃଷ୍ଟି ଆଜ ମୋ’ର ଉପରେ ପଡିଛି—ମୁଁ ଆଜ ସଦାବେଳେ ଅନୁଭବ କରୁଛି ପ୍ରେତାତ୍ମାର ଖର ନିଶ୍ୱାସ—ମୋର ମାନ ସମ୍ମାନ—ଜୀବନଧାରଣ ଏକ ଧାରରେ ନିର୍ଭର

କରୁଛୁ ଆପଣଙ୍କ ସାହାଯ୍ୟ ଓ ସହାନୁଭୂତି ଉପରେ—ଆପଣହିଁ ମୋର ଶେଷ ଭରସା—

ଆଶାକରୁଛୁ ଆପଣ ମୋତେ ନିରାଶ କରିବେ ନାହିଁ । ଦୟାକରି ଏ ଚିଠି ପାଇବାମାତ୍ରେ କଲିକତା [illegible] ଘୋଷ ଷ୍ଟ୍ରିଟ୍‌ସ୍ଥ ମୋ ବାସଭବନରେ ମୋତେ ସାକ୍ଷାତ କରନ୍ତୁ । କିଛିଦିନ ଏଠାରେ ରହିବାକୁ ମଧ୍ୟ ପ୍ରସ୍ତୁତ ହୋଇ ଆସିଥିବେ । ଇତି ।

ଆପଣଙ୍କର
ଅଖିଳ ମୋହନ ବ୍ୟାନାର୍ଜି

ଚିଠିଟି ପଢ଼ି ଉତ୍ତେଜନାରେ ଝଲସିଗଲା ରମଣୀବାବୁଙ୍କ ମୁଖମଣ୍ଡଳ । ସେ ଅନେଇ ରହିଲେ ରଜନୀବାବୁଙ୍କ ଆଡ଼େ । ମୁଖମଣ୍ଡଳରେ ତାଙ୍କର ଫୁଟି ଉଠିଥାଏ କୋଟିଏ ପ୍ରଶ୍ନବାଚୀ ଚିହ୍ନ ।

ରଜନୀବାବୁ କହିଲେ, "ଶୀଘ୍ର ପ୍ରସ୍ତୁତ ହୋଇ ପଡ଼ ରମଣୀ । ଆମକୁ କଲିକତା ଯିବାକୁ ହେବ । ଚିଠିରୁ ବୁଝୁଛି ତେଣିକି ଗଲେ ପତ୍ରପ୍ରେରକ ହୁଏତ ବିପଦରେ ପଡ଼ିଯିବେ ।"

ରମଣୀ ଆଶ୍ଚର୍ଯ୍ୟରେ କହି ଉଠିଲେ, "ସତ ପାଇଲେ ଦୁର୍ଗାପୂଜାର ମହୋତ୍ସବ । ଏସବୁ ଛାଡ଼ି ଆମେ ଅଜଣା ରହସ୍ୟର ସନ୍ଧାନ ପାଇଁ ପାଦ ବଢ଼ାଇବା ବିପଦର ଘନଅନ୍ଧାର ଭିତରେ !"

ରଜନୀବାବୁ ଅଳ୍ପ ହସିଲେ । କହିଲେ—"ରହସ୍ୟ ଆଉ ରୋମାଞ୍ଚ ଭିତରେ ଜୀବନ ଆମର ଗତା । ଜଣେ ଲୋକ ମୃତ୍ୟୁ ବିଭୀଷିକା ଭିତରେ ବଞ୍ଚିବାପାଇଁ ଆର୍ତ୍ତନାଦ କରୁଥିଲାବେଳେ ଆମେ ଦୁର୍ଗାପୂଜାର ଆଡ଼ମ୍ବର ଭିତରେ ମାତି ରହିବାର ଯଥାର୍ଥ୍ୟ କେଉଁଠି ? ତାହାଛଡ଼ା ରକ୍ତଲୋଭୀର ଆଘାତ ଏବେବି ମୁଁ ଭୁଲି ପାରିନି । ତାର ସନ୍ଧାନ ନ କଲେ ମୋ ମନରେ ଶାନ୍ତି ନାହିଁ । ତୁ ଶୀଘ୍ର ବାହାରି ପଡ଼୍ । ମୁଁ ପ୍ରସ୍ତୁତ ହୋଇ ଯାଉଛି ।"

ରମଣୀ ଓ ରଜନୀ ଦୁହେଁ ଷ୍ଟେସନରେ ପହଞ୍ଚିଲା ବେଳକୁ ଟ୍ରେନ୍ ଆସିବା ଡେରି ଅଛି । ସେକେଣ୍ଡ୍‌କ୍ଲାସ ଟିକେଟ ଦୁଇଖଣ୍ଡ ନେଇ ରଜନୀବାବୁ ୱେଟିଙ୍ଗ୍ ରୁମରେ ବସି ପଡ଼ିଲେ – ଘୋଷସାହେବଙ୍କ ବ୍ୟବହାର ଧରଣ ଓ ଅଖିଳବାବୁଙ୍କ ଆମନ୍ତ୍ରଣ ଭିତରେ ଯୋଗସୂତ୍ର ଅଛି କି ନାହିଁ ଭାବି ଭାବି ସେ ବେଳେବେଳେ ବିବ୍ରତ ହୋଇ ପଡ଼ୁଥିଲେ ।

କିଛି ସମୟପରେ ଟ୍ରେନ୍ ଆସିଲା । ରଜନୀ ଓ ରମଣୀବାବୁ ଉଠି ପଡ଼ିଲେ । ଅନ୍ୟ କେହି ଯାତ୍ରୀ ନ ଥାନ୍ତି—କଥାବାର୍ତ୍ତା ହେବାକୁ ସୁବିଧା ମିଳିବ ଭାବି ରଜନୀବାବୁ ସନ୍ତୁଷ୍ଟ ହୋଇ ବସିଲାବେଳକୁ ଜଣେ ଯାତ୍ରୀ ଉଠି ପଡ଼ିଲେ । ସେତେବେଳକୁ ଟ୍ରେନ୍ ଚାଲିବା ଆରମ୍ଭ କଲାଣି । ଯାତ୍ରୀଙ୍କ କଳା ସ୍ଥୂଳ ଶରୀର । ଚାଲିଚଳନ ଓ ବେଶଭୂଷାରୁ ତାଙ୍କୁ ଜଣେ ଫିରିଙ୍ଗି ବୋଲି ଭାବିବାର ଯଥେଷ୍ଟ କାରଣ ଥିଲା । ପରବର୍ତ୍ତୀ କଥାବାର୍ତ୍ତାରୁ ତାହା ସ୍ପଷ୍ଟ ହୋଇଗଲା । ଫିରିଙ୍ଗି ଜଣକ ପୂର୍ବବଙ୍ଗର ଲୋକ । କୃଷ୍ଣବାଡ଼ିଆ ଗ୍ରାମରେ ଥିଲେ । କୌଣସି ଜରୁରୀ କାରଣରୁ ସେ ପଶ୍ଚିମବଙ୍ଗସ୍ଥ ଜଣେ ବନ୍ଧୁଙ୍କୁ ଦେଖା କରିବାକୁ କଲିକତା ଯାଉଛନ୍ତି ।

ସେ ନାନାକଥାବାର୍ତ୍ତା ଭିତରେ ନିଜ ଦୁଃଖ ଦୁର୍ଦ୍ଦଶାର ବେଶ୍ ନିଖୁଣ ଚିତ୍ର ସବୁ ଦେଉଥିଲେ । ତାଙ୍କର ସରଳ ହୃଦୟ, ନିଷ୍କପଟ କଥାବାର୍ତ୍ତାରେ ରଜନୀ ଓ ରମଣୀବାବୁ ଦୁହେଁ ମୁଗ୍ଧ ହୋଇ ଯାଇଥିଲେ ।

ଟ୍ରେନର ଗତି ମନ୍ଥର ହୋଇ ଆସିଲା । ରଜନୀବାବୁ ଦେଖିଲେ ସେମାନେ ଗୋଟିଏ ଛୋଟ ଷ୍ଟେସନ ପାଖରେ ପହଞ୍ଚିଛନ୍ତି । ଗାଡ଼ି ସେଠାରେ ଅଳ୍ପ ସମୟ ରହେ । ତଥାପି ଷ୍ଟେସନଟା ମୁଖରିତ ହୋଇ ଉଠିଛି ଫେରିବାଲାଙ୍କ ଡାକରେ-ପାନ, ବିଡ଼ି, ସିଗାରେଟ୍.....

ଫିରିଙ୍ଗି ଭଦ୍ରଲୋକ ଜଣଙ୍କ ଗୋଟିଏ ଫେରିବାଲାଠାରୁ କାପଷ୍ଟାନ ସିଗାରେଟ୍ ପ୍ୟାକେଟ୍‌ଟିଏ କିଣିଆଣି ଖଣ୍ଡେ ଖଣ୍ଡେ ରଜନୀ ଓ ରମଣୀବାବୁଙ୍କ ଆଡ଼େ ବଢ଼ାଇଦେଲେ । ପୁଣି ଅଭିଯାନର ସଙ୍କେତ ଦେଇ ଟ୍ରେନ୍ ଚାଲିଲା ।

ସିଗାରେଟ୍ ଖଣ୍ଡକ ଅଧାଖାଇଲା ବେଳକୁ ରଜନୀବାବୁ ଦେଖିଲେ ତାଙ୍କ ମୁଣ୍ଡ ଆସ୍ତେ ଆସ୍ତେ ବୁଲୁଅଛି । ଦେହ ହୋଇ ଆସୁଛି ନିସ୍ତେଜ—ଶକ୍ତିହୀନ—ରମଣୀବାବୁଙ୍କ ଆଡ଼କୁ ଚାହିଁଲା ବେଳକୁ ସେ ନିସ୍ତେଜ ଭାବରେ ଢୁଳାଉଛନ୍ତି—ଶର୍ଫିଉଜ ଭଦ୍ରବ୍ୟକ୍ତିଙ୍କ ମୁହଁରେ ଦୁଷ୍ଟ ବିଦ୍ରୂପର ଆଭାସ—ସେ ବୁଝିଲେ ସେ ପ୍ରତାରିତ ହୋଇଛନ୍ତି···ତା' ପରେ ସେ ଚେଷ୍ଟାକଲେ ଉଠି ଚେନ୍ ଟାଣିବାକୁ କିନ୍ତୁ ତାଙ୍କ ଶକ୍ତିହୀନ ନିର୍ବାକ ଶରୀର ଅକ୍ଷମ ହେଲା । ସେଥିପାଇଁ କିଛି ସମୟ ପରେ ସେହିପରି ଢୁଳାଇ ଢୁଳାଇ ତାଙ୍କର ଚେତନା ହୀନ ଶରୀର ତାଙ୍କ ଅଜାଣତରେ କମ୍ପାର୍ଟମେଣ୍ଟରେ ଢଳିପଡ଼ିଲା—

ଖଡ଼ଗପୁର ଷ୍ଟେସନରେ ପହଞ୍ଚିଲାବେଳକୁ ଅଣ୍ଡାପଟନ ବାଜିବା ଫଳରେ ତାଙ୍କର ଚେତନା ଫେରି ଆସିଲା । ସେ ଦେଖିଲେ ରମଣୀ ମଧ୍ୟ ନିଦରୁ ଉଠିଲା ଭଳି ବସିଛି । ଶର୍ଫିଉଜ ଭଦ୍ରବ୍ୟକ୍ତି ଜଣଙ୍କ ଅନ୍ତର୍ହିତ ହୋଇ ଯାଇଛନ୍ତି—ଅନ୍ୟାନ୍ୟ ଜିନିଷ ପୂର୍ବଭଳି ଠିକ୍ ଅଛି—କେବଳ ଗୁପ୍ତ ପକେଟରେ ମୋଡ଼ାମୋଡ଼ି ହୋଇ ପଡ଼ିଛି ଖଣ୍ଡେ କାଗଜ—ସେ ପଢ଼ିଲେ, ଲେଖାଅଛି—

ରଜନୀବାବୁ,

ଆପଣଙ୍କ ଚେତନାହୀନ ଶରୀର ବର୍ତ୍ତମାନ ଲୋଟି ପଡ଼ିଛି ଟ୍ରେନ୍‌ର ଏହି ନିର୍ଜନ କମ୍ପାର୍ଟମେଣ୍ଟରେ—ଇଚ୍ଛା କରିଥିଲେ ସାମାନ୍ୟ ଚେଷ୍ଟାରେ ତମ. ରକ୍ତ ଏ କମ୍ପାର୍ଟମେଣ୍ଟକୁ ସିନ୍ଦୂରିତ କରିଥା'ନ୍ତା—କିନ୍ତୁ ଶୁଷ୍କ ଶୃଗାଳର ରକ୍ତରେ ହାତ ପଖାଳିବା ମୋର ମତ ବିରୁଦ୍ଧ—ତେଣୁ ଏ ଚିଠି ଖଣ୍ଡିକ ଲେଖି ତୁମ ପକେଟରେ ରଖୁଛି—

ମୋ ଦୁର୍ବଳ ରକ୍ତ ଯେଉଁମାନେ ଦିନେ ଶୋଷି ଗୁଲିଥିଲେ—ସେମାନଙ୍କ କଲିଜା କାଢ଼ି କୁକୁର ମୁହଁରେ ନ ଦେଲେ ମୋର ଶାନ୍ତି ନାହିଁ—ମୋର ଉଦ୍ଦେଶ୍ୟ-ପୂରଣ ପୂର୍ବରୁ ଯଦି କେହି ମୋ ପ୍ରାଣ ନିଏ ମଲାପରେ ବି ମୋ ଅତୃପ୍ତ ଆତ୍ମା ଘୂରି ବୁଲିବ ସେଇମାନଙ୍କ ତାଜା ରକ୍ତର ସନ୍ଧାନରେ—

ମୁଁ ମୋର ଦ୍ରୁତ ଅଭିଯାନ ଅବଶ୍ୟ ଆରମ୍ଭ କରିବି—ଛିଲ ଛିଲ କରି ମୋ ପ୍ରତିହିଂସା'ର କଅଁରେ ମୁଁ ପୋଡ଼ି ମାରିବି ମୋ ଜୀବନ ନାଥଙ୍କୁ ଯେଉଁମାନେ ମହି ନଈରେ ବୁଡ଼େଇ ମାରିଛନ୍ତି, ସେଥିରେ ବାଧା ଦେଇ ପାରିବେ ନାହିଁ ଆପଣ—ଆପଣଙ୍କ ପୋଲିସ ଶକ୍ତି—

ମୁଁ ବି ଦିନେ ଥିଲି ଆପଣଙ୍କ ଭଳି ଶାନ୍ତିକାମୀ, ମଣିଷ ରକ୍ତ ଦେଖୁଥିଲେ ମୋ ଗ୍ଣତି ଥରି ଉଠୁଥିଲା—ଆଜି କିନ୍ତୁ ପାଷାଣ ରକ୍ତଲେଖା—ଇତି ।

ଆପଣଙ୍କର
ରକ୍ତଲେଖା"

ଚିଠିଟି ପଢ଼ିସାରି ରଜନୀବାବୁ କହି ଉଠିଲେ, "ଆମେ ବିପଦ ଆଡ଼କୁ ଟାଣି ହୋଇ ଯାଉଛୁ ରମଣୀ । ରକ୍ତଲେଖାର ଅନୁଚର ସିଗାରେଟ୍ ବିକାଳି ଛଦ୍ମବେଶରେ କେବଳ ନୁହେଁ, ସବୁବେଳେ ଆମ ପଛେ ପଛେ ଘୂରି ବୁଲୁଛନ୍ତି । ଆମକୁ ସାବଧାନ ହେବାକୁ ହେବ—

ରମଣୀ ମୂକ ପାଲଟି ଯାଇଥିଲା—

## —ପାଞ୍ଚ—

ଅଙ୍କାବଙ୍କା ରାସ୍ତା ଦେଇ ନୀଳରଙ୍ଗର କାର୍ ଖଣ୍ଡେ ଛୁଟିଛି ଗଙ୍ଗାନଦୀ କୂଳେ କୂଳେ । ଆରୋହୀ ଜଣେ ଯୁବତୀ—ଦେହରେ ଖେଳୁଛି ରୂପ ଯୌବନର ତରଙ୍ଗ, ଆଖିରେ ସ୍ୱପ୍ନର ମାଦକତା—ବନହରିଣୀ ଭଳି ଚଞ୍ଚଳ ଗତିରେ ଏଣେ ତେଣେ ଆଖିଡୋଳା ଖେଳୁଛି—

ହଠାତ୍ ପଶ୍ଚିମପଟ ୧୨ ନମ୍ବର ଖୁଣ୍ଟି ପାଖରେ କାର୍ ଖଣ୍ଡିକ ଅଟକି ଗଲା । କାର ଭିତରୁ ଯୁବତୀ ଜଣକ ବାହାରି ଆସି ଚାରିଆଡ଼କୁ ଚାହିଁଲେ । କେହି କୁଆଡ଼େ ନାହାନ୍ତି—ଚାରିଆଡ଼ ଶୂନ୍‌ଶାନ—ଯୁବତୀ ଚଞ୍ଚଳ ହୋଇ ଉଠିଲେ—ଦେହରେ ତାଙ୍କର ଖେଳିଗଲା ଆତଙ୍କର ଶିହରଣ—ମୁହଁରେ ଫୁଟି ଉଠିଲା ଭୟର ଛାପ ..

କାହାକୁ ନ ପାଇ ସେ ପୁଣି ଫେରି ଯିବାକୁ ବସିଲାବେଳେ ଶୁଣିଲେ ଆଉ ଜଣେ କାହାର କଳ କଳ ହସ । ସେ ଫେରିପଡ଼ି ଦେଖନ୍ତି ତ ଆଉ ଜଣେ ଯୁବତୀ ଅନତି ଦୂରରେ ତାଙ୍କଆଡ଼େ ଚାହିଁ ହସୁଛି । ସେ କିଛି ବୁଝି ନ ପାରି ମୂକ ଭଳି ଠିଆ ହୋଇ ରହିଲେ । ଅନ୍ୟ ଯୁବତୀ ନିଜେ ତାଙ୍କ ପାଖକୁ ଚାଲି ଆସି କହିଲା —

"ତମ ନାଁ କଣ ଭଉଣୀ ?"

"ମୋ ନାଁ—ହୁଁ-ମୋ ନାଁ-ଲୀଲା, ଆପଣଙ୍କ ନା ?"

"ମୋ ନା କୃଷ୍ଣା । ଷ୍ଟିମର ଆସିବାକୁ ଟିକିଏ ଡେରି ଅଛି । ଆସ ଆଉ ଟିକିଏ କାର୍‌ରେ ଘୂରି ଆସିବା ।"

ଲୀଲା ବୁଝିଲେ କୃଷ୍ଣା ନିଜ ଦଳର ଲୋକ । ଷ୍ଟିମର ଆସିବା ଡେରି ହେବ ବୋଲି ତାଙ୍କ ପାଇଁ ପଠାଯାଇଛନ୍ତି । ତେଣୁ ସେ ଆଉ ବିଳମ୍ବ ନ କରି କାର୍‌ରେ ବସି ପଡ଼ିଲେ । କାର ଘୋର ବେଗରେ ଛୁଟି ଚାଲିଲା....

ପାଞ୍ଚ ମିନିଟ ପରେ...

ପୁଣି କାର୍ ଫେରି ଆସିଲା । କାରରୁ ଓହ୍ଲାଇଲେ ଏକା କୃଷ୍ଣା । କାନ୍ଧରେ ତାଙ୍କର ଯୁବତୀ ଲୀଲାର ଅଚେତନ ଶରୀର । ସେ ନିଜେ ରୂପାନ୍ତରିତ ଲୀଲାବେଶରେ । କୃଷ୍ଣା ଦ୍ରୁତପଦକ୍ଷେପରେ ଅନ୍ଧାରରେ ଥିଆ ହୋଇଥିବା କଳା କାର ଆଡ଼କୁ ଆଗେଇ ଯାଇ ଲୀଲାର ଅଚେତନ ଦେହ ସେଥିରେ ରଖିଲେ । ତାପରେ କୃଷ୍ଣା ଛଦ୍ମବେଶରେ ଫେରି ଆସିଲେ ନାଲି କାର୍ ପାଖକୁ ଓ କଳା କାର୍ ଛୁଟିଲା ପୁଣି ଦ୍ରୁତବେଗରେ କୂଳେ କୂଳେ —

କିଛି ସମୟ ପରେ—

ଷ୍ଟିମରଟିଏ ଆସି ଲାଗିଲା କୂଳରେ । ଛଦ୍ମବେଶୀ ଲୀଲା କାର୍ଡଟି ଦେଖାଇବାରୁ ଷ୍ଟିମରଚାଳକ ବସିବାକୁ ନିର୍ଦ୍ଦେଶ ଦେଇ ଛୁଟାଇ ନେଲା ଷ୍ଟିମର—

ପ୍ରେତପୁରୀ—

ଗଙ୍ଗାନଦୀ ଆରପଟେ ସ୍ୱାଲ୍ଲାଲ ଗଛର ଜଙ୍ଗଲ । ତା'ର ଭିତରେ ଏକ ଅତି ପୁରୁଣା କୋଠା । କେତେ ଝଡ଼ ତା ଉପରେ ବହି ଯାଇଛି କିନ୍ତୁ କିଛି ପାରିନାହିଁ । ଦୂରରୁ ଏ କୋଠାର ଚନ୍ଦ୍ରବର୍ଣ୍ଣ ଗୁମ୍ବଜ ଦିଶେ —ଲୋକ ମୁଖରେ ଏହା ପ୍ରେତପୁରୀ ନାମରେ କଥିତ ।

ଶୁଣାଯାଏ ପ୍ରଥମେ ଯେତେବେଳେ ଗୋରା ବେପାରୀମାନେ ଆସି ଗୋବିନ୍ଦପୁର, ସୁତାନଟି ଓ କଲିକତା ଅଧିକାର କଲେ ସେତିକିବେଳେ ଆମୋଦ ପ୍ରମୋଦ ପାଇଁ ତିଆରି କରିଥିଲେ ଏ ନିର୍ଜନ ସ୍ଥାନରେ ଏ କୋଠାଟି । କୋଠାର ଉତ୍ତର ପାର୍ଶ୍ୱରେ ପ୍ରୋଥିତ ଭଙ୍ଗା ମଦ ବୋତଲ, ନରକପାଳ ଇତ୍ୟାଦିରୁ ଅନୁମିତ ହୁଏ ଶତ ଶତ ଭାରତୀୟ ବେପାରୀମାନଙ୍କୁ ହତ୍ୟା କରି ନିର୍ବିଘ୍ନରେ କେତେକ ଗୋରା ଦ୍ୟୁତକ୍ରୀଡ଼ା ଚଳାଇଥିଲେ ଏଠାରେ ଏକ ରକମର ଘୃଣ୍ୟ ବ୍ୟବସାୟ । ସିପାହୀ ବିଦ୍ରୋହବେଳେ ଭାରତୀୟ ସିପାହୀମାନେ ଅସଂଖ୍ୟ ଗୋରା ସାହେବଙ୍କୁ ହତ୍ୟା କରିଥିଲେ ବୋଲି କେହି କେହି କହନ୍ତି କିନ୍ତୁ ଇଂରେଜମାନେ ଭାରତରୁ ବିଦାୟ ନେଇଗଲା ପରେ ଏଠାରେ ଶୂନ୍‌ଶାନ୍ ।

ସେଇ ପ୍ରେତପୁରୀର ଗୋଟାଏ କକ୍ଷରେ ଜଳି ଉଠିଲା ନୀଳ ବିଜୁଳି ଆଲୁଅ । ବିଜୁଳି ପଡ଼ିଲା ନୀଳ-ଆଲୁଅ କକ୍ଷର ଚାରିଆଡେ । ସେଇ ଆଲୁଅରେ ଦେଖାଗଲା କଳାକନାର ଓଭରକୋଟ ଓ ଆଖିରେ ନୀଳ ଚଷମା ଦେଇଥିବା କେହି ଜଣେ ହଠାତ୍ ଫୋନ ଧରି ଡାକିଲା—"ହଲୋ - ହଲୋ—କିଏ ?..... ରଫିରେ ? କଣ କହୁଛ ? ବେଶ ବେଶ—ଏଁ—୫୩୫ ନମ୍ବର ଫଟୋ ? ··କେଯାଏ ଦେବେ ?···କାଲି···ହଉ ଚେଷ୍ଟା କରିବି—ଆଚ୍ଛା ନମସ୍ତେ ।"

ତାପରେ ହତାଶ ଦୃଷ୍ଟିରେ ନିଜ ପାଖରେ ବସିଥିବା ଜଣେ ଲୋକକୁ ଲକ୍ଷ୍ୟ କରି ନୀଳଚଷମା ପରିଧାନ କରିଥିବା ଲୋକ ଜଣକ କହିଲେ, 'ବଡ଼ ବିଷମ ସମ୍ବାଦ ଧୂମକେତୁ !. ୫୩୫ ନମ୍ବର ଫଟୋ ଏଇ ଦିନ ମଧ୍ୟରେ ପଠାଇବାକୁ ହେବ ନଚେତ ସର୍ବନାଶ ।'

ଧୂମକେତୁ ଉତ୍ସାହିତ ହୋଇ କହିଲା—'ଆଚ୍ଛା କେତେ ଦେବେ ସେଥିପାଇଁ ସାହେବ ? କ'ଣ କିଛି କହି ନାହାନ୍ତି ? ନୀଳଚଷମା ପିନ୍ଧା ଲୋକ ଚିନ୍ତିତ ଭାବରେ କହିଲେ —ହଁ—ପଚିଶ ହଜାର ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଆଉ ଅଧିକ ଆଶା ବି ଅଛି । କିନ୍ତୁ ତା ପରେ ଅଟକି ଯାଇ କହିଲେ, 'ଆଚ୍ଛା ଲୀଳା ଆସିଲାଣି ?'

ଠିକ ଏହି ସମୟରେ ଯୁବତୀ ଲୀଳା ସେ କକ୍ଷରେ ପ୍ରବେଶ କରୁ କରୁ ଖୁସି କଣ୍ଠରେ କହିଲେ 'ହଁ ସାର—ଲୀଳା ଉପଯୁକ୍ତ ସମୟରେ ଆସିଛି । କଣ ଭୁଲ ହୋଇଛି ?''

ମୃଦୁ ହସି ଧୂମକେତୁ କହିଲା, 'ଲୀଳାଙ୍କର ଭୁଲ ହେବା ଜାତକରେ ନାହିଁ । ବର୍ତ୍ତମାନ ରାତ୍ରିରେ କହୁଥିଲେ । ଗୋଟିଏ ସପ୍ତାହ ମଧ୍ୟରେ ୫୬୭୫ ନମ୍ବର ଫଟୋ ପଠାଇବାକୁ ପଡ଼ିବ । ଆପଣଙ୍କ ଉପରେ ସେ ଦାୟିତ୍ୱ ।'

ଲୀଳା ହସି ହସି କହିଲେ, ''ଖାସ ସେଇଥି ପାଇଁତ ଆସିଛି । ଆପଣଙ୍କୁ ସାହାଯ୍ୟ କରିବାହିଁ ମୋର ଚରମ ଲକ୍ଷ୍ୟ । କିନ୍ତୁ ସେଥିପାଇଁ ଆପଣ ଆପଣଙ୍କ ପ୍ରତିଶ୍ରୁତି ଭୁଲିଯିବା ଉଚିତ ନୁହେଁ ।

ନୀଳଚଷମାଧାରୀ ବ୍ୟକ୍ତି ପକେଟରୁ ଦୁଇ ବଡ଼ା ନୋଟ କାଢି ଲୀଳାଙ୍କ ହାତକୁ ବଢ଼ାଇ ଦେଇ କହିଲେ—କାମଟା ହାସଲ ହୋଇ ସାରିଲେ ତୁମ କଥା ପୁଣି ବିଚାର କରାଯିବ । ଏ ଦଶ ହଜାର ନଅନ୍ତୁ ।''

ଲୀଳା ହସି ହସି ସେତକ ପକେଟସ୍ଥ କଲେ । ତାପରେ ସେମାନଙ୍କ କେତେ ଚୁପ୍ ଚୁପ୍ ଆଲୋଚନା । ଲୀଳାଙ୍କୁ ତାଙ୍କ ପାଇଁ ଆୟୋଜନ କରା ଯାଇଥିବା ଶୟନକକ୍ଷ ଦେଖାଇଦେବା ପରେ ହଠାତ୍ ପୁଣି ଘନ ଅନ୍ଧାର ଭିତରେ ବୁଡ଼ିଗଲା ପ୍ରେତପୁରୀ । ସମସ୍ତେ ଆରାମରେ ଶୋଇବାକୁ ଲାଗିଲେ କିନ୍ତୁ ଲୀଳାଙ୍କ ଆଖି କଷା ପଡ଼ିଲାନି । ହିଂସ୍ର ବାଘୁଣୀ ଭଳି ସେ କଣ ଖୋଜି ବୁଲିଲେ । କକ୍ଷ ପରେ କକ୍ଷ ଦ୍ୱାର ପରେ ଦ୍ୱାର କେଉଁଟି ତାଙ୍କ ଆଖିରୁ ବାଦ ଯାଇନି । ତାଙ୍କ ହିଂସ୍ରକ ଆଖି ଜଳୁଥିଲା, ଦେହରେ ଖେଳୁଥିଲା ଉତ୍ୟକ୍ତ ଉତ୍ତେଜନା—

## —ଛଅ—

ଘଣ୍ଟାରେ ଠନ୍ ଠନ୍ ହୋଇ ଦ'ଟା ବାଜିଲା—

ଇଜିଚେୟାର ଖଣ୍ଡିକ ଉପରେ ଅଖିଲବାବୁ ନିଜ ଚିନ୍ତାମଗ୍ନ ଶରୀରଟା ଢାଳି ଦେଇ କାହାର ପ୍ରତୀକ୍ଷା କରୁଥିଲେ ଉଦବିଗ୍ନ ଭାବରେ। ମୁହଁରେ ତାଙ୍କର ଖେଳି ବୁଲୁଥିଲା ଆଶଙ୍କା ଆଉ ଉଦ୍‌ବିଗ୍ନତାର ତରଙ୍ଗ। ହୃଦୟ ତଳେ ତଳେ ତାଙ୍କର ମଥା ପିଟୁଥିଲା ଅଶାନ୍ତିର ଝାଞ୍ଜି।

ବାହାରେ ମୋଟର ହର୍ଣ୍ଣ ଶୁଭିଲା--

ଅଖିଲବାବୁ ଚାହିଁଲେ ରଜନୀ ଓ ରମଣୀବାବୁ ଓହ୍ଲାଇ ଆସୁଛନ୍ତି ତାଙ୍କ ମେଘୁଆରଙ୍ଗର ଅଷ୍ଟିନକାରରୁ। ଅଖିଲବାବୁ ନିଜ ଭୟ ବିହ୍ୱଳିତ ମୁଖମଣ୍ଡଳରେ ହସର କ୍ଷୀଣଧାରା ଖେଳାଇ ପାଛୋଟି ଆଣିଲେ ତାଙ୍କୁ। ରଜନୀବାବୁ ଆବିଷ୍କରିନେଲେ ଅଖିଲବାବୁଙ୍କ ସଶଙ୍କିତ ମୁଖମଣ୍ଡଳରୁ କାଢ଼ୁଥିଲେ ରହସ୍ୟର ଖିଅ। ଏଇ କେଇ ଦିନ ଭିତରେ ଅଖିଲ ବାବୁଙ୍କ ସ୍ୱାସ୍ଥ୍ୟ ଯେ ଯଥେଷ୍ଟ ନଷ୍ଟ ହୋଇଯାଇଛି, ତାହା ବେଶ ଜଣା ପଡୁଥିଲା। ସେ ଏକ ସୁସଜ୍ଜିତ କକ୍ଷରେ ରଜନୀ ଓ ରମଣୀ ବାବୁଙ୍କୁ ବସାଇ ତାଙ୍କର କଷ୍ଟ ସ୍ୱୀକାର ପାଇଁ କୃତଜ୍ଞତା ଜଣାଇଲେ ।

“ଆପଣଙ୍କ ବିପଦଟା କଣ ଜଣାଇ ନ ଥିଲେ ଚିଠିରେ, ଆଶା କରୁଛି... ?’ ରଜନୀବାବୁ କହୁ କହୁ ଅଟକି ଗଲେ। ସେହି ସମୟରେ ଜଣେ ଷୋଡଶୀ ରୂପସୀ ସେ କକ୍ଷରେ ପ୍ରବେଶ କରି ଅଭିନନ୍ଦନ ଜଣାଇଲା ରଜନୀବାବୁଙ୍କୁ। ରଜନୀବାବୁ ଦେଖିଲେ ଯୁବତୀ ଡେଇଁ ଯାଇଛନ୍ତି ଚକୁଳି ଭଳି ଝଲସି ଉଠିବାର ବୟସ। କଅଁଳ ଛନ ଛନ ହସିଲା ମୁହଁଟି ଗମ୍ଭୀର ଚିନ୍ତାରେ କୁଞ୍ଚିତ ହୋଇ ଉଠିଛି। ଆଖି ଦୁଇଟି ଭାବ ବ୍ୟଞ୍ଜକ। ରଜନୀବାବୁଙ୍କ କଥା ଶୁଣି ଅଖିଲ ବାବୁ କହିଲେ, “ଏ ହେଉଛନ୍ତି ଓଡ଼ିଶାର ପ୍ରଖ୍ୟାତ ଘରୋଇ ଗୋଏନ୍ଦା ରଜନୀ ପଟ୍ଟନାୟକଙ୍କ ମା । ଏ ହେଉଛନ୍ତି ତାଙ୍କର ସହକାରୀ ଆଉ ରଜନୀବାବୁ ଏ ମୋର ଏକ

ମାତ୍ର କନ୍ୟା—ସ୍ୱର୍ଣ୍ଣଲତା—ହଁ—ମୁଁ ଜାଣି ଜାଣି ମୋ ବିପଦ ଜଣାଇ ନ ଥିଲି ଚିଠିରେ, ମୋ ବିପଦ ଆପଣ ବୁଝି ପାରିବେ ନାହିଁ ରଜନୀ ବାବୁ—ବାଳେ ନ ଆସିବେ ସେଇ ଭୟରେ ଚିଠିରେ କିଛି ସୂଚନା ଦେଇ ନ ଥିଲି । ଆପଣ ଆସି ମୋ ଜୀବନ ରକ୍ଷା କରିଛନ୍ତି । ଆପଣ ନ ଆସିଥିଲେ ମୁଁ ଆତ୍ମହତ୍ୟା କରି ଥାଆନ୍ତି ।

ରମଣୀବାବୁ ଆଶ୍ଚର୍ଯ୍ୟ ଚିତ୍କାର କରି ଉଠିଲେ 'ଆତ୍ମହତ୍ୟା ! !'

'ହଁ—ହଁ ରମଣୀବାବୁ ଆତ୍ମହତ୍ୟା । ତା ଛଡ଼ା ଉପାୟ ନ ଥିଲା । ବନ୍ଦୀ ରହି କଅଣ୍ଟା ଜଳ ପୋଡ଼ି ମରିବା ଅପେକ୍ଷା ଆତ୍ମହତ୍ୟା ଥିଲା ମୋ ପକ୍ଷରେ ସହଜ ସାଧ୍ୟ ଉପାୟ । ଆପଣ ଆସିଛନ୍ତି, ମୋର ବିଶ୍ୱାସ, ଆପଣ ମୋତେ ବଞ୍ଚାଇ ଦେବେ—ଆପଣଙ୍କ ଯେତେ ଇଚ୍ଛା ସେତେ ପାରିଶ୍ରମିକ ଦେବାକୁ ମୁଁ କୁଣ୍ଠିତ ହେବି ନାହିଁ ।'

ରଜନୀବାବୁ ସେତେବେଳେ ରହସ୍ୟର ଘନ ଅନ୍ଧାର ଭିତରେ ଅନୁସନ୍ଧାନର ଝଟି ନାକୁଥିଲେ । ତାଙ୍କର ସମସ୍ତ ବୃତ୍ତି କେବଳ ଗୋଳମାଳ ହୋଇଯିବାକୁ ଲାଗୁଥିଲା । ସେ ନମ୍ର କଣ୍ଠରେ କହିଲେ, 'ଆପଣଙ୍କ ବିପଦଟା ନ କହିଲେ ମୁଁ ଆପଣଙ୍କୁ ସାହାଯ୍ୟ କରିବି କିପରି ? କିନ୍ତୁ ମୁଁ ଦୃଢ଼ ପ୍ରତିଶ୍ରୁତି ଦେଉଛି ଆପଣଙ୍କୁ ବିପଦରୁ ରକ୍ଷା କରିବା ପାଇଁ ମୋ ଜୀବନ ଦେଇ ଦେବି । ମୋ ଦେହରେ ଟୋପିଏ ମାତ୍ର ରକ୍ତ ଥିଲା ପର୍ଯ୍ୟନ୍ତ ଆପଣଙ୍କ ଦେହରେ ଟିକିଏ ଆଘାତ ଲାଗିବ ନାହିଁ । କିନ୍ତୁ ମୁଁ ଜାଣିବାକୁ ଚାହେଁ ଆପଣଙ୍କ ବିପଦଟା କ'ଣ ?'

ଅଖିଲବାବୁ ଖିବ ଖିବ କହିଲେ, 'କେବଳ ସେଇଥି ପାଇଁ ତ ଆପଣଙ୍କୁ ଡକାଇ ଆଣିଛି ସୁଦୂର ଓଡ଼ିଶା ପ୍ରଦେଶରୁ, ଆପଣଙ୍କୁ ନ କହି ଲାଭ କ'ଣ କିନ୍ତୁ ବର୍ତ୍ତମାନ ସେ କଥା କହିବାକୁ ଆପଣ ମୋତେ ବାଧ୍ୟ କରନ୍ତୁ ନାହିଁ। ସମୟ କ୍ରମେ ମୁଁ ସବୁ କହିବି ।'

'ଆପଣ କିଛି ନ କହିଲେ ଆମେ ଆପଣଙ୍କୁ ସାହାଯ୍ୟ କରିବୁ କିପରି ? ଆପଣ ଆପଣଙ୍କ ବିପଦଟା କୁହନ୍ତୁ—'' ରମଣୀ ବାବୁ କହିଲେ ।

ଅଖିଳ ବାବୁ ଦେଖିଲେ ନ କହିଲେ ରଜନୀବାବୁ ଛାଡ଼ିବେ ନାହିଁ । ତେଣୁ ସେ ଅସ୍ଥ ଗଳାରେ କହିଲେ—'ମୋ ବିପଦଟା ଜାଣି ସାରିଲା ପରେ ଆପଣ କିନ୍ତୁ ସେ ବିଷୟରେ ଆଉ ଅଧିକା କିଛି ପଚାରିବେ ନାହିଁ ।... ଆପଣ ମୋର ଏକ ଅପହୃତ ଫଟୋ ଆଣି ଦିଅନ୍ତୁ ।"

'ଫଟୋ—ସାମାନ୍ୟ ଫଟୋଟାଏ ଖୋଜି ଦେବା ପାଇଁ ଆମେ ଆସିଛୁ ଓଡ଼ିଶାରୁ' ରମଣୀ ବାବୁ ବିରକ୍ତିରେ ଚିତ୍କାର କରି ଉଠିଲେ । ଅଖିଳ ବାବୁ ଅସ୍ଥ ଅଥଚ ବିନୀତ କଣ୍ଠରେ କହିଲେ—ହଁ—ହଁ ଗୋଟାଏ ଫଟୋ, ସେଇ ଫଟୋ ଉପରେ ନିର୍ଭର କରୁଛି ମୋର ବଞ୍ଚିବା । ସେ ଫଟୋ ନ ପାଇଲେ ଏ ବିଶାଳ ସମ୍ପତ୍ତି, ଏ ଅମୂଲ୍ୟ ଜୀବନ ନଷ୍ଟ ହୋଇଯିବ ରଜନୀବାବୁ—ମୁଁ ଆପଣଙ୍କ ଶରଣ ପଶୁଛି, ଆପଣ ମୋତେ ଛାଡ଼ି ଯାଆନ୍ତୁ ନାହିଁ, ଆପଣ ମୋତେ ରକ୍ଷା କରନ୍ତୁ ।' କହୁ କହୁ କାନ୍ଦି କାନ୍ଦି ହୋଇ କାନ୍ଦି ଉଠିଲେ ଅଖିଳ ବାବୁ । ସ୍ୱର୍ଣ୍ଣଲତା ମଧ୍ୟ ମୁହଁରେ ଲୁଗା ଦେଇ କାନ୍ଦି ଉଠିଲେ କାନ୍ଦି କାନ୍ଦି ହୋଇ—କାରୁଣ୍ୟର ଗୋଟାଏ ମୂର୍ଚ୍ଛନାରେ ଭରି ଗଲା ସାରା ଘର ।

ରଜନୀବାବୁ ବୁଝିପାରିଲେ ନାହିଁ ଏ ଘରଟା ଉପରେ କାହିଁକି ଉଠିଛି ଗୋଟାଏ ଅଶାନ୍ତ ଓ ସର୍ବଗ୍ରାସୀ ଝଡ଼ । ଏ ଘରର ଶାନ୍ତି ଶୃଙ୍ଖଳା, ମାନ, ସଂଭ୍ରମ ଗୋଟାଏ ସାମାନ୍ୟ ଫଟୋ ଉପରେ ନିର୍ଭର କରୁଛି କିପରି ? କେଉଁ ରହସ୍ୟର ଘନଘଟାର ମୂଳ ଗୋଟାଏ କାଗଜ ଫଟୋ ଅପହରଣ କରି ନେଇଛି କିଏ ? ସେ ଅଖିଳବାବୁଙ୍କୁ ସାନ୍ତ୍ୱନା ଦେଇ କହିଲେ, ଆପଣ ସ୍ଥିର ହୁଅନ୍ତୁ ଅଖିଳବାବୁ, ଆପଣଙ୍କୁ ସାହାଯ୍ୟ କରିବାପାଇଁ ମୁଁ ସର୍ବଦା ପ୍ରସ୍ତୁତ ଅଛି—ମୁଁ ଆପଣଙ୍କ ଘରେ ରହିବି—କିନ୍ତୁ ଏ ସମ୍ବାଦ ଟିକିଏ ଯେପରି ଅନ୍ୟ କେହି ନ ଜାଣନ୍ତି ।"

ଅଖିଳବାବୁଙ୍କ ବେଦନାତୁର ମୁଖମଣ୍ଡଳରେ ହସର ରେଖା ଖେଳିଲା । ସ୍ୱର୍ଣ୍ଣଲତା ମଧ୍ୟ କୃତଜ୍ଞତାପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ ରଜନୀବାବୁଙ୍କ ଆଡ଼େ ।

ରମଣୀ କିନ୍ତୁ କିଛି ବୁଝି ପାରିଲେ ନାହିଁ । ସ୍ୱର୍ଣ୍ଣଲତା ଓ ଅଖିଳ ବାବୁଙ୍କ ବିଦାପରେ ସେ ବିରକ୍ତିରେ ପଚାରିଲେ—

"କିଏ ଗୋଟାଏ କି ଫଟୋ ନେଇଛି ତାକୁ ଆମେ ଖୋଜିବାକୁ ଏ ସୁଦୂର କଲିକତାରେ କେଇଦିନ ରହିବା ରଜନୀ ?"

ରଜନୀବାବୁ ମୃଦୁ ହସି କହିଲେ "ବ୍ୟସ୍ତ ହୁଅନା ବନ୍ଧୁ ! ଏଇ ଫଟୋ ରହସ୍ୟ ଭିତରୁ ମଧ୍ୟ ଆମକୁ ସନ୍ଧାନ କରିବାକୁ ପଡ଼ିବ ରକ୍ତଲେଖାର ଅସ୍ତିତ୍ୱ । ଏତେ ଚଞ୍ଚଳ କଣ ତୁ ଭୁଲିଗଲୁ ଟ୍ରେନରେ ରକ୍ତଲେଖାର ଚକ୍ରାନ୍ତ, ଏତେ ସହଜରେ କଣ ଆମେ ମାନିନେବା ରକ୍ତଲେଖା ପାଖରେ ପରାଜୟ ?"

ଟ୍ରେନ୍ କଥା ଶୁଣୁ ଶୁଣୁ ଟାଙ୍କି ଉଠିଲା ରମଣୀବାବୁଙ୍କ ଲୋମ ସବୁ । ସେ ନୀରବ ରହିଲେ ।

— ତିନି —

[illegible]

ଶେଠ ରଙ୍ଗାଲାଲଙ୍କ ବିଶାଳ ପ୍ରାସାଦ—

ଅଗଣିତ ଧନ, ଅପର୍ଯ୍ୟାପ୍ତ ମାନସମ୍ମାନର ଅଧିକାରୀ ଏଇ ଶେଠ ରଙ୍ଗାଲାଲ । ଦାନ୍ଧାରେ ଦାନୀ ହିସାବରେ ମଧ୍ୟ କଲିକତା ସହରରେ ସେ ଅଗ୍ରଗଣ୍ୟ । ଏତେ ଧନ, ଏତେ ସମ୍ମାନ ମଧ୍ୟରେ ମଧ୍ୟ ତାଙ୍କର ଗୋଟିଏ ଦୁଃଖ ସେ ଅପୁତ୍ରିକ । ଦୁଇଟି ଝିଅ ! ଦୁହେଁ ଅବିବାହିତା ଯୁବତୀ । ଆଜି ବଡ ଝିଅ ସୁଜାତା ଜନ୍ମଦିବସ ।

ସେଥିପାଇଁ ଲୋକଗହଳରେ ଫାଟି ପଡ଼ୁଛି ରଙ୍ଗାଲାଲବାବୁଙ୍କ ପ୍ରାସାଦ । ଚାରିଆଡ଼େ ଖିଆପିଆ—ହଟ୍ଟଗୋଳର ଧୂମ୍ । ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ଚର୍ଚ୍ଚା ବୁଝିବାରେ ରଙ୍ଗାଲାଲବାବୁଙ୍କୁ ବେଳ ନ ଥିବାରୁ ସେ ଦାୟିତ୍ୱ ଦିଆଯାଇଛି ନିକେ ସୁଜାତା ଉପରେ । ସୁଜାତା ଶିକ୍ଷିତା—ସୁନ୍ଦରୀ—ଆଧୁନିକା—

ସୁଜୟା ଜନ୍ମଦିବସରେ ଜନଗହଳି ଏତେ ପ୍ରବଳ ହେବାର କାରଣ ସୁଜୟା ନିମନ୍ତ୍ରିତ ଭଦ୍ର ବ୍ୟକ୍ତିମାନଙ୍କ ଖିଆପିଆ ପରେ ନିଜେ ଗୋଟିଏ ନୃତ୍ୟ ଦେଖାଇ ଦର୍ଶକମଣ୍ଡଳୀକୁ ମୁଗ୍ଧ କରିଦିଅନ୍ତି ପ୍ରତିବର୍ଷ । ଏ ବର୍ଷ ନୃତ୍ୟ ଆୟୋଜନ ଟିକିଏ ଭଲ ଭାବରେ ହୋଇଛି । ତେଣୁ ଅନେକ ମାନ୍ୟଗଣ୍ୟ ନିମନ୍ତ୍ରିତ ଅତିଥି ମଧ୍ୟ ସୁଜୟାଙ୍କ ନୃତ୍ୟ ଦେଖିବା ମୋହ ଏଡ଼ାଇ ନ ପାରି ଅଟକି ଯାଇଛନ୍ତି ।

ସନ୍ଧ୍ୟା ହେଲା—

ଧଳା, ନୀଳ, ନାଲି ଇତ୍ୟାଦି ବିଭିନ୍ନ ରଙ୍ଗର ବିଜୁଳି ଆଲୁଅ ମହୋତ୍ସବରେ ଆଲୋକିତ ହୋଇ ଉଠିଲା ରଙ୍ଗଲାଲଙ୍କ ଦ୍ୱିତଳ ପ୍ରାସାଦ । ଖିଆପିଆର ଧୂମ୍ ଛିଣ୍ଡିଲା । ତାପରେ ସମସ୍ତଙ୍କ ଆଗ୍ରହ ରହିଲା ନୃତ୍ୟ ଦେଖିବାରେ—

[illegible]—ସମସ୍ତେ ସୁଜୟାଙ୍କ ନୃତ୍ୟ ଦେଖିବାକୁ ବ୍ୟାକୁଳ । ନୃତ୍ୟ [illegible] ନୃତ୍ୟମଞ୍ଚକୁ ଆସିଗଲେ । ହଠାତ୍ ସେ କକ୍ଷର ବିଜୁଳି ଆଲୁଅ ନିଭିଗଲା । ଉତ୍କଣ୍ଠିତ ଦର୍ଶକମାନେ ଭାବିଲେ କୌଣସି କାରଣରୁ ବିଦ୍ୟୁତ୍ ବନ୍ଦ ହୋଇ ଯାଇଛି ପୁଣି ଜଳିବ । କିନ୍ତୁ—୧ ମିନିଟ [illegible]—୨ ମିନିଟ—୧୦ ମିନିଟ ଗଲା—ସେମିତି କଳା ଅନ୍ଧାର ଭିତରେ ବୁଡ଼ି ରହିଲା କକ୍ଷ—

ଦର୍ଶକମାନଙ୍କ ମଧ୍ୟରୁ ଜଣେ ଯୁବକ ଧୀର ଅଥଚ ଦୃଢପଦକ୍ଷେପରେ ଆଗେଇ ଗଲେ ସେ କକ୍ଷ ଆଡ଼େ । କିନ୍ତୁ ଏକଣ ?

ଗୋଟାଏ କଳାଛାଇ ଆସ୍ତେ ଆସ୍ତେ ସେ କକ୍ଷର ଝରକା ବାଟେ ଡେଇଁ ପଳାଇ ଯାଉଛି ବାହାରକୁ । ଯୁବକ ଅନୁସରଣ କଲେ ତାକୁ । କିନ୍ତୁ—କିନ୍ତୁ—ପବନ ବେଗରେ ସେ କଳାଛାଇ ଫାଟକ ଡେଇଁ ମିଳେଇ ଗଲା କୁଆଡ଼େ । କେବଳ ପବନ ସୁଅରେ ଭାସି ଆସିଲା ଗୋଟାଏ ଚାପା ହସର ଧ୍ୱନି—କ୍ଷୁବ୍ଧ ମନରେ ଯୁବକ ଫେରି ଆସି ଦେଖନ୍ତି କକ୍ଷର ଆଲୁଅ ଜଳୁଛି । ଉପସ୍ଥିତ ସମସ୍ତ ଦର୍ଶକଙ୍କ ମୁହଁରେ ଭୟ ଆଉ ଆଶଙ୍କାର

ଚକ୍ଷୁ । କକ୍ଷ ମଧ୍ୟରେ ବନ୍ଧୁକଷ୍ଟରେ ପଶି ସେ ଦେଖିଲେ ରଙ୍ଗଲାଲବାବୁ ଓ ତାଙ୍କ ସାନ ଝିଅ ମାୟା ମୂର୍ଚ୍ଛିତ...ଗୋଟାଏ ଆରାମଚେୟାରରେ ସୁଜାତା ବସିଛନ୍ତି ବେକ ଆରପଟକୁ ଝୁଲି ପଡ଼ିଛି...ମୁହଁରେ ମାଡ଼ି ଦିଆଯାଇଛି ଗୋଟାଏ କନାବଣ୍ଡା । ତଣ୍ଟିରେ ଦୁଇଟି ଆଙ୍ଗୁଳିର ଚିହ୍ନ...

ସୁବଳଙ୍କୁ ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ । ତାଙ୍କ ମୁଖମଣ୍ଡଳରେ ମଧ୍ୟ ଫୁଟି ଉଠିଲା ନୈରାଶ୍ୟ ଆଉ ଆଶଙ୍କାର ଛାପ । ସେ ପୋଲିସ ସୁପରିଟେଣ୍ଡେଣ୍ଟଙ୍କୁ ଫୋନରେ ସମ୍ବାଦ ଦେଇ ଫେରିଗଲେ ନିଜ ବସାକୁ ।

ଅର ଦିନ ସକାଳେ ଏସ୍. ପି. ମିଃ ମୁଖର୍ଜି, ରମେଶ ଓ ରଙ୍ଗଲାଲବାବୁ [illegible] ବସିଲେ । [illegible] ଅପରାଧୀ [illegible] କଲାବେଳେ ଧରା ପଡ଼ିଯାନ୍ତି । ଏସ୍: ପି: କହିଲେ—'ଅପରାଧୀ ଭୁଲ କରି ଦୁଃଖରେ ଲୁଚି ପଡ଼ନ୍ତି । ମୁଁ ଆପଣଙ୍କୁ କେତେ କଥା ପଚାରିବି । କେଇଟି ଛୋଟ ପ୍ରଶ୍ନର ଉତ୍ତର ଦିଅନ୍ତୁ । ସମ୍ମତି ଜଣାଇ ରଙ୍ଗଲାଲବାବୁ ବସିଲେ । ମିଃ ମୁଖର୍ଜି ପଚାରିଲେ—

"ଯେଉଁ କକ୍ଷରେ ସୁଜାତା ସଜ୍ଜିତ ହେଉଥିଲେ ତାର ଅପର-ପାର୍ଶ୍ୱସ୍ଥ କକ୍ଷରେ ଥିଲେ କିଏ ?"

"ସେ'ଟାତ ମାୟାର ଶୋଇଲା ଘର । ସେ ଥିଲା । ଦିନ ସାରା ଖଟି ଖଟି ଶୋଇ ପଡ଼ିଥିଲା ବୋଧହୁଏ ।"

"ତାହେଲେ ସୁଜାତାଙ୍କ ବେଶ ଘରେ ଥିଲା କିଏ ?"

"ନା—କେହି ନ ଥିଲେ । ସେ ନିଜେ ବେଶ ହୁଏ ।"

ଆଚ୍ଛା ଆପଣ ଯାଆନ୍ତୁ ବିଶ୍ରାମ ନେବେ । ଆବଶ୍ୟକ ହେଲେ ଡକାଇବି ।" ରଙ୍ଗଲାଲବାବୁ ଚାଲିଗଲା ପରେ ମିଃ ଚାଟର୍ଜି କହିଲେ, "ଶୁଣିଲି ଆପଣ ମଧ୍ୟ କାଲି ଏ ଘରର ଅତିଥି ହୋଇଥିଲେ । ମୂଳରୁ ଶେଷ ପର୍ଯ୍ୟନ୍ତ ଯାହା ଘଟିଲା ସଂକ୍ଷେପରେ ଟିକିଏ କହନ୍ତୁ ।"

ରଜନୀବାବୁ କହିଲେ, 'ସବୁ ଯେମିତି ଚାଲିବାର କଥା ଯଥାବିଧି ଚାଲିଥିଲା । ଯେତେବେଳେ ସୁଜାତା ନୃତ୍ୟ ଦେଖାଇବା ପାଇଁ ନିଜ ବେଶ ଘରେ ଥିଲେ ମୁଁ ଅନ୍ୟ ଦର୍ଶକମାନଙ୍କ ସହିତ । ହଠାତ୍ ଯେତେବେଳେ ଆଲୁଅ ଲିଭିଗଲା ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ତାପରେ ପରେ ମୋ [illegible] ଗୋଟାଏ ଅଦ୍ଭୁତ ଆର୍ତ୍ତନାଦ । ଅବଶ୍ୟ ନୃତ୍ୟ ଦେଖିବା [illegible] ଦର୍ଶକମାନଙ୍କ [illegible] [illegible] ସୁଜାତାଙ୍କ ନୃତ୍ୟ ଦେଖାଇବା ପାଇଁ [illegible] ମୁଁ [illegible] [illegible] [illegible] ମୁଁ [illegible] ଲାଗି ସତ । ମାତ୍ର ବିଫଳ ହେଲି—ସେ ହିରର ଦଳ ଅନ୍ଧାର ଭିତରେ କୁଆଡ଼େ ମିଶିଗଲା ।"

ଆଗ୍ରହର ସହିତ ମିଃ ଚାଟର୍ଜି ରଜନୀବାବୁଙ୍କ କଥା ଶୁଣୁଥିଲେ । ତା ପରେ ସେ କହିଲେ, "ଆପଣତ ମୂଳରୁ ଶେଷଯାଏ ଏ ଘଟଣା ସହିତ ସଂପୃକ୍ତ ଅଛନ୍ତି । ତେବେ ଏ ଘଟଣାର ସମାଧାନ ଦାୟିତ୍ୱ ଆପଣ ନିଅନ୍ତୁ ।"

ରଜନୀବାବୁ କହିଲେ, ଆପଣ ଏ ଦାୟିତ୍ୱ ନ ଦେଇଥିଲେ ମଧ ମୁଁ ନିଜେ ନିଜେ ନେଇ ଥାଆନ୍ତି । ଆପଣ ମୋତେ ସାହାଯ୍ୟ କରନ୍ତୁ । ମୁଁ ଏଥିରେ ସଫଳତା ଲାଭ କରିବି ବୋଲି ବିଶ୍ୱାସ କରୁଛି ।'

ମିଃ ଚାଟର୍ଜି ପଚାରିଲେ, "ଆପଣ ଏ ବିଷୟରେ କଣ ଭାବୁଛନ୍ତି ? ଡକାଏତ ସୁଜାତାଙ୍କ ବେଶ ଘରକୁ ପ୍ରବେଶ କଲା କିପରି ?"

"ଏଇଟା ନିଶ୍ଚିତ ଯେ ଡକାଏତ ଦରଜାବାଟେ ପ୍ରବେଶ କରିଛି ଭିତରକୁ । କାରଣ ଅନ୍ୟ କୌଣସି ବାଟେ ବାଟ ନାହିଁ । ଆଲୁଅ ଲିଭି ଯିବା ପରେ ଅନ୍ଧାରରେ ଦରଜା ବାଟେ ପ୍ରବେଶ କରିଛି । ତା ଛଡ଼ା ବେଶଘରର ସୁଇଚ ବେଶ ଘରେ ନାହିଁ । ଅଛି ମାୟାଦେବୀଙ୍କ ଶୟନ କକ୍ଷରେ । ସୁକନ୍ୟା ବେଶ ଘରେ ପ୍ରବେଶ କଲା ପୂର୍ବରୁ ଡକାଏତ ଆଗ୍ରମରେ ମାୟାଦେବୀଙ୍କ କକ୍ଷରେ ଶୟନ କରିଥିଲା ।"

"କିନ୍ତୁ ଏହା କିପରି ସମ୍ଭବ ହେବ ? ରଙ୍ଗାଲାଲଜୀ କହୁଛନ୍ତି ମାୟା ଦେବୀ ସନ୍ଧ୍ୟାବେଳେ ଶୟନ କରିଛନ୍ତି ତାଙ୍କ ନିଜ କକ୍ଷରେ ତେବେ ଡକାଏତକୁ ସେ ଦେଖି ନ ପାରିଲେ କିପରି ?"

"ତାହା ହିଁ ତ ମୋ ଅନୁସନ୍ଧାନ ସୂତ୍ରକୁ ଗୋଳମାଳ କରି ଦେଉଛି ତଥାପି ମୁଁ ନିକଟରେ ଏହାର କୌଣସି ସିଦ୍ଧାନ୍ତରେ ପହଞ୍ଚିବି ବୋଲି ଆଶା କରୁଛି ।"

ତାପରେ ସୁକନ୍ୟାଙ୍କ ମୃତ ଦେହ ପୋଷ୍ଟମାର୍ଟମ୍ ପାଇଁ ପଠାଇ ଦେଇ ରଜନୀ ଓ ରମଣୀ ବାବୁ ଫେରି ଆସିଲେ ଅଖିଳବାବୁଙ୍କ ଘରକୁ ।

— ଆଠ —

ସେଦିନ ରାତି ଦ'ଟା ହେବ—

ଆକାଶରେ ମେଘ ଉଠାଇଥାଏ । ମେଘୁଆ ଆକାଶ ଯୋଗୁ ଘର ଆଡ଼ ଭୟଙ୍କର ଦିଶୁଥାଏ । ହଠାତ୍ କାହିଁକି ରଜନୀବାବୁଙ୍କ ନିଦ ଭାଙ୍ଗିଗଲା । ସେ ମୁଣ୍ଡ ଉପରୁ ତାଙ୍କ ନିଜର ଅତି ଆଦରର ଆଟୋମେଟିକ ରିଭଲଭର ଖଣ୍ଡିକ ପକେଟରେ ଭରି ବାହାରକୁ ଛୁଟି ଆସିଲେ । ଘରଆଡ଼େ କଟି କଟି କଳା ଅନ୍ଧାର— ନିଶା ସାଇଁ ସାଇଁ ଗର୍ଜୁଛି । କେହି କୁଆଡ଼େ ନାହିଁ । ରଜନୀବାବୁ ବୁଝି ପାରିଲେ କାହିଁକି ତାଙ୍କର ନିଦ ଭାଙ୍ଗିଗଲା । କାହାର ଅସ୍ପଷ୍ଟ କଥାବାର୍ତ୍ତା ଶୁଣିଥିଲା ପରି ତାଙ୍କର କେବଳ ମନେ ହେଉଛି । ସେ

ଅସ୍ଥିର ହୋଇ ଉଠିଲେ । ସେ ଦେଖିଲେ ଅଖିଳବାବୁଙ୍କ ଶୟନକକ୍ଷର ଦରଜା ଦେଇ କ୍ଷୀଣ ଆଲୋକ ରେଖା ବାହାରକୁ ଆସୁଛି । ସେ ବୁଝି ପାରିଲେ ନାହିଁ କାହିଁକି ଏତେ ରାତିରେ ସୁଦ୍ଧା ଅଖିଳ ବାବୁଙ୍କ କକ୍ଷରେ ଆଲୁଅ ଜଳୁଛି । ସେ ଧୀର ପଦକ୍ଷେପରେ ଯାଇଁ ଠିଆହେଲେ ଅଖିଳ ବାବୁଙ୍କ ଦରଜା ପାଖରେ—

ଆଶ୍ଚର୍ଯ୍ୟ ! ! !

ସ୍ୱର୍ଣ୍ଣଲତା ମଧ୍ୟ ସେ କକ୍ଷରେ । ଆଖିରେ ତାର ଆଖିଏ ଲୁହ । ଲୁହ ସିନ୍ଧୁକରୁ କଣ ଖୋଜୁଛନ୍ତି ଅଖିଳବାବୁ । ତାଙ୍କ ମୁହଁରୁ ଜଣା ପଡୁଛି ସେ ଆଜି ରାତସାରା ଅନିଦ୍ରା । ଏହି ସମୟରେ ଶୁଣାଗଲା ସ୍ୱର୍ଣ୍ଣଲତା ଅସ୍ପଷ୍ଟ ସ୍ୱରରେ କଣ କହୁଛି । ନିଜ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରି ରଜନୀବାବୁ ଶୁଣିଲେ ସ୍ୱର୍ଣ୍ଣଲତା କହୁଛି—

"ମୋଟି—ତୁମେ କିଛ ଏତେ ରାତିରେ କୁଆଡେ ଯାଉଛ ? ନଇଲେ ମୁଁ ତୁମ ସଙ୍ଗେ ଯିବି ।"

ରଜନୀବାବୁ ବୁଝିପାରିଲେ ଅଖିଳବାବୁ ବର୍ତ୍ତମାନ କୌଣସି ସ୍ଥାନକୁ ଯିବେ ଏବଂ ଅଖିଳବାବୁଙ୍କ ଏ ରାତ୍ରି ଅଭିଯାନର ଉଦ୍ଦେଶ୍ୟ ସ୍ୱର୍ଣ୍ଣଲତା ମଧ୍ୟ ଜାଣେ ନାହିଁ । ଅଖିଳବାବୁ କଣ ଚୁପା କଣ୍ଠରେ କହିଲେ । ରଜନୀବାବୁ ସାବଧାନ ସହକାରେ ଶୁଣିଲେ—

"ତୁ ବ୍ୟସ୍ତ ହୋ ନା ମ ! ମୁଁ ବର୍ତ୍ତମାନ ଫେରି ଆସିବି । ଆଜିର ଏ ସୁଯୋଗ ଛାଡ଼ିଲେ ଜୀବନ ସାରା ଆମକୁ ହା ହୁତାଶିର କରାଳ ଅଗ୍ନିରେ ଜଳିପୋଡ଼ି ମରିବାକୁ ହେବ । ଆଜିର ଏ ସାମାନ୍ୟ ଟିକିଏ ଭୁଲ ପାଇଁ ଜୀବନ ସାରା ଆମକୁ ଲୁହ ଝାରିବାକୁ ପଡ଼ିବ । ସଏତାନର ବିଷଦୃଷ୍ଟି ଏଡ଼ାଇବାକୁ ହେଲେ ମତେ ଆଜ ଏ ଅନ୍ଧାର ରାତିରେ ରଚନା କରିବାକୁ ପଡ଼ିବ ଏକ ନୃଶଂସ ଅଭିଯାନ । ତୁ କବାଟ ଦେଇ ଆଲୁଅ ଲିଭାଇ ଶୋଇ ପଡ଼ ମା, ନଇଲେ 'ରଜନୀବାବୁ କମ୍ବା ରମଣୀବାବୁ ଉଠିଲେ ସର୍ବନାଶ ହେବ ।"

ରଜନୀବାବୁ ବୁଝିଲେ ଅଖିଳବାବୁ ବର୍ତ୍ତମାନ ବାହାରକୁ ଆସିବେ । ତେଣୁ ସେ ଆସ୍ତେ ଆସ୍ତେ ଯାଇ ବଗିଚାର କୋଣେକ ଗଛ ଗୁଛରେ ଲୁଚି ଗଲେ । ସତକୁ ସତ ଅଖିଳବାବୁ ପଦାକୁ ବାହାରି ଆସିଲେ—ସ୍ୱର୍ଣ୍ଣଲତା ଭିତରପଟୁ କବାଟ ଦେଇଦେଲେ—ଚାରିଆଡ଼କୁ ସତର୍କ ଦୃଷ୍ଟିରେ ଚାହିଁ ଫାଟକ ଆଡ଼େ ଆଗେଇଲେ ଅଖିଳବାବୁ—ରଜନୀବାବୁ ସତର୍କତାର ସହିତ ଅଖିଳବାବୁଙ୍କ ପଛେ ପଛେ ଆଗେଇଲେ—ବାହାରେ ଥୁଆ ହୋଇଥିବା ଖଣ୍ଡେ କଳାରଙ୍ଗର କାରରେ ଅଖିଳବାବୁ ଷ୍ଟାର୍ଟ ଦେଲାକ୍ଷଣି କିଛି ଉପାୟ ନପାଇ ରଜନୀବାବୁ ସତର୍କତାର ସହିତ କାର ପଛପଟ ବମ୍ପରରେ ବସି ପଡ଼ିଲେ ।

କାର୍ ଛୁଟିଲା ଝଡ଼ବେଗରେ । ରଜନୀବାବୁ [illegible] ସହିତ ବମ୍ପରରେ ବସି ଥାଆନ୍ତି—[illegible] ଦେହସାରା [illegible] । ସେମିତି [illegible] ନାହିଁ । [illegible] ରଜନୀ—ଏ [illegible] ଅଖିଳବାବୁ [illegible] ?

କାର୍ [illegible] ରଜନୀବାବୁ [illegible] ଓହ୍ଲାଇ ଆସିଲେ । ସେ ଦେଖିଲେ ସେ ଏକ ଏକମହଲା କୋଠାପାଖରେ ପହଞ୍ଚିଛନ୍ତି । କାଳ ବିଳମ୍ବ ନ କରି ଅଖିଳବାବୁ ପକେଟରୁ ଚାବି ନେଇ ତାଲା ଫିଟାଇଲେ । ଆଢ଼ୁଆଳରେ ରଜନୀବାବୁ କେବଳ ଦେଖି ଯାଉଥାନ୍ତି । ତାଲାଖୋଲି ଗୋଟିଏ ଗ୍ଲେଟ ଟର୍ଚ୍ଚ ଜାଳି ଅଖିଳବାବୁ ଘରକୁ ପଶିଲେ । ଧୀରେ ଧୀରେ ରଜନୀବାବୁ ଖୋଲା ଝରକାବାଟେ ଚାହାନ୍ତି ତ ଟର୍ଚ୍ଚ ଜାଳି ଅଖିଳବାବୁ କଣ ଖୋଜୁଛନ୍ତି । ଗୋଟିଏ ପଲଙ୍କ ଉପରେ ଜଣେ କେହି ଶୋଇଛି । ଦେହ ଲୁଗାରେ ଆବୃତ—ରଜନୀବାବୁ ନିଶ୍ଚୟ କରି ବୁଝି ପାରିଲେ ଶାୟିତା ଜଣେ ସ୍ତ୍ରୀଲୋକ ।

ରଜନୀବାବୁଙ୍କ ଆଶ୍ଚର୍ଯ୍ୟର ସୀମା ବଢ଼ିଗଲା । ଜଣେ ଏକାକିନୀ ସ୍ତ୍ରୀଲୋକ ମହାନଗରୀର ଗୋଟିଏ ଏକମହଲା ଘରେ ଏକା—ସେ ପୁଣି କଣ ଆଣିଛି, ଅଖିଳବାବୁ ଯାହାପାଇଁ ସେ ନିଜ ଜୀବନକୁ ପାଣି ଛଡ଼ାଇ

ଏ ଘନ ଅନ୍ଧାର ରାତ୍ରରେ ଛୁଟିଛନ୍ତି—ତାଙ୍କର ମନେ ପଡ଼ିଲା ଅଖିଳବାବୁ ସ୍ୱର୍ଣ୍ଣଲତାଙ୍କୁ କହିଥିବା କଥା। ଆଜିର ଏ ନୈଶ୍ୟ ଅଭିଯାନ ପଛରେ ଅଛି ତାଙ୍କ ଜୀବନର ଶ୍ରେଷ୍ଠ ସମ୍ପଦର ଉଦ୍ଧାର । ସେହି ଜିନିଷ ବିନା ତାଙ୍କ ଜୀବନ ପୋଡ଼ି ମରିବ ହାହାକାରରେ । ଠିକ୍ ଏଇକଥା ରଜନୀବାବୁ ଶୁଣିଥିଲେ ଅଖିଳବାବୁଙ୍କଠାରୁ ପ୍ରଥମ ଆସିଲା ଦିନ । ତେବେ କଣ ଏଇ ରମଣୀ ଚୋରାଇ ଆଣିଛି ଅଖିଳବାବୁଙ୍କ ଇପ୍ସିତ ଫଟୋ ?

ଶିର ଶିର୍ ହୋଇ ଶିହରି ଉଠିଲା ରଜନୀବାବୁଙ୍କ ଦେହ—ରହସ୍ୟ କିଛି ଜଣା ପଡ଼ୁନି—କେବଳ ବେଳକୁ ବେଳ ଅଧିକ ରହସ୍ୟମୟ ହୋଇ ଉଠୁଛି—

ତାଙ୍କ ଭାବନା ଅଟକି ଗଲା—ସେ ଶୁଣିଲେ ଗୋଟାଏ ଅଦ୍ଭୁତ [illegible]—ଠିକ୍ [illegible] ଗଲା [illegible] । କିନ୍ତୁ [illegible] [illegible] । [illegible] ଅଖିଳବାବୁ ସେ ଜଗିର ଗୋଟିଏ କୋଣକୁ ଥିବା ଲୁହା ସିନ୍ଦୁକର ତାଲା ଖୋଲି ଦେଇଛନ୍ତି—କିନ୍ତୁ ସେ ଶବ୍ଦରେ ଶାୟିତା ରମଣୀ ଜାଗ୍ରତ ହୋଇ ଉଠିଲା—

କିଏ ? କିଏ ଏ ଘରେ—ଶାୟିତା ରମଣୀ ନିଜ ମୁଣ୍ଡ ଉପରୁ ପିସ୍ତଲଟା ଟେକି ଧରି ଚିତ୍କାର କରି ଉଠିଲା, "ଶୀଘ୍ର କୁହ କିଏ ? ନହେଲେ ଏ ପିସ୍ତଲ ମୁନରେ ଚିକି ଚିକି କରି ହତ୍ୟାକରିବି ମୁଁ ।"

ରଜନୀବାବୁ ଦେଖିଲେ ସ୍ତ୍ରୀ ଲୋକଟି ଗୋଟାଏ ପିସ୍ତଲ ଟେକି ଧରିଛି । ଅଖିଳବାବୁ ଆଲୁଅ ଲିଭେଇ ଦେଇଛନ୍ତି । ତଥାପି ରଜନୀବାବୁଙ୍କ ସନ୍ଦେହ ହେଲା ହୁଏତ ସ୍ତ୍ରୀଲୋକ ଅଖିଳବାବୁଙ୍କୁ ଖୁନ କରିବ । ସେ କ୍ଷିପ୍ର ଗତିରେ ନିଜ ପକେଟରୁ ପିସ୍ତଲ କାଢ଼ି ରମଣୀର ଉତ୍ତୋଳିତ ପିସ୍ତଲ ଉଦ୍ଦେଶ୍ୟରେ ଗୁଳି କରିଦେଲେ—

"ଠାଏଁ......ଝଲକାଏ ଅଗ୍ନି ସ୍ଫୁଲିଙ୍ଗ ପକାଇ ଛୁଟିଗଲା ରଜନୀ ବାବୁଙ୍କ ପିସ୍ତଲରୁ ଗୋଟାଏ ଗୁଳି—କିନ୍ତୁ ଲକ୍ଷ୍ୟଭ୍ରଷ୍ଟ ହୋଇଗଲା—ଗୁଳି ଛୁଟିଯିବା ସଙ୍ଗେ ସଙ୍ଗେ ଭାସି ଆସିଲା ଗୋଟାଏ କ୍ଷୀଣ ଆର୍ତ୍ତନାଦ—ଭୟରେ ଶିହରି ଉଠିଲେ ରଜନୀବାବୁ—ଭୁଲରେ ସେ କାହାକୁ ଖୁନ୍ କରିନାହାନ୍ତି ତ ? ତାପରେ ସେ ଶୁଣିଲେ ଅଖିଳବାବୁଙ୍କ ଦ୍ରୁତପଦକ୍ଷେପ—ଅଖିଳବାବୁ ପବନ ବେଗରେ ଛୁଟି ଆସି ନିଜ ବାରରେ ବସି ପଡ଼ିଲେ । ରଜନୀବାବୁ ମଧ୍ୟ ଯଥା ସମୟରେ ବସି ପଡ଼ିଲେ ବର୍ଥ ଉପରେ—ସେ ଅନୁମାନ କଲେ ହୁଏତ ତାଙ୍କ ଗୁଳି ଅଖିଳବାବୁଙ୍କ ଦେହରେ ବାଜିଛି—

* * * *

ତହିଁଆର ଦିନ ସକାଳ—

ନିଦରୁ ଉଠି ରଜନୀବାବୁ ଦେଖନ୍ତି ତ ସମୟ ସାତଟା ହୋଇଗଲାଣି ! ତାଙ୍କର ଏ ବିଳମ୍ବ ପାଇଁ ସେ ମନେ ମନେ ଲଜ୍ଜିତ ହେଲେ । ତେବେ, ବାଥ୍ ରୁମ କାମ ସାରି ଦେଇ ଅଖିଳବାବୁଙ୍କ ଡ୍ରଇଂ ରୁମକୁ ଯାଇ ଦେଖିଲେ ଦମ୍ପତୀ, ଅଖିଳବାବୁଙ୍କ ସହିତ ଗପ ଜମେଇଲାଣି ।

ହଠାତ୍ ରଜନୀବାବୁଙ୍କ ଆଖି ଅଖିଳବାବୁଙ୍କ ଡାହାଣ ହାତ ବାହା ଉପରେ ସ୍ଥିର ହୋଇଗଲା । ଗୋଟାଏ ପଟି ବନ୍ଧା ହୋଇଛି ଦେଖି ସେ ପ୍ରକୃତ ଘଟଣା ଅନୁମାନ କରି ଆଶ୍ୱସ୍ତ ହେଲେ । ତେବେ ଗୁଳିଟା ଲକ୍ଷ୍ୟଚ୍ୟୁତ ହୋଇ କେବଳ ଡାହାଣ ହାତ ବାହାରେ ବସିଛି ।

ଅଖିଳବାବୁ ନିଜ ବ୍ୟାଣ୍ଡେଜ ହୋଇଥିବା ସ୍ଥାନକୁ ରଜନୀବାବୁ ଚାହିଁ ରହିଥିବା ଦେଖି କହିଲେ, "କାଲି ଆଜ୍ଞା ଉପରମହାଲାରୁ ଓହ୍ଲାଇ ଓହ୍ଲାଇ ପାହାଚ ଦେହରେ ହଠାତ୍ ଗୋଡ଼ ଖସିଯିବାରୁ ଏ ଦଶା ହେଲା । ବାହାଟା ଜୋରରେ ଆଘାତ ପାଇଛି । ତେଣୁ ଔଷଧ ଲଗାଇ ବ୍ୟାଣ୍ଡେଜ କରି ଦେଇଛି ।"

ରଜନୀବାବୁ ହସି ହସି କହିଲେ, "ସେଇଟା ଆପଣଙ୍କ ଭ୍ରମ । ଅନ୍ୟ ସ୍ଥାନରେ ଆଘାତ କରିଥିଲେ ଅସୁବିଧା ହୋଇଥାନ୍ତା । କାଲ୍‌ହିଡରେ ଯେଉଁ ଘନ ଅନ୍ଧାର ତା ଦେହରେ ମଣିଷ ଚହ୍ନି ହେଉଛି ?"

କଥା ପଦକ କହି ତୀକ୍ଷ୍ଣ ଦୃଷ୍ଟିରେ ରଜନୀବାବୁ ଘୁରି ଦେଖନ୍ତେ ଅଖିଲବାବୁଙ୍କ ମୁହଁ ପଡ଼ି ଆସିଲା ମଲା ମଣିଷଙ୍କ ମୁହଁ ଭଳି ସାଦା— ଫିକା—

ରମଣୀ କିଛି ବୁଝି ନପାରି ଘୁ' କପ୍‌ରୁ ଉପରକୁ ଚହଲି ଚହଲି ଉଠୁଥିବା ଧୂଆଁକୁ ଅନେଇ ରହିଥାଏ ।

—ନଅ—

ରାତି ବାରଟାରୁ ଦେଢ଼ନ୍ତି—

ବାହାରେ ଅବିଶ୍ରାନ୍ତ ତୁମୁଳ ବର୍ଷା—ଝଡ଼ ।

ଦୁନିଆକୁ ଦଳିଦା ଶିରୁଆ ପବନ ପଶି ଆସୁଛି ଭିତରକୁ ।

ରମଣୀ କିମ୍ବା ରଜନୀ କାହାରି ଆଖି ବନ୍ଦ ପଡ଼ିନି । ସେମାନଙ୍କ ଆଖି ଆଗରେ ଗୋଟିଏ ଗୋଟିଏ ରହସ୍ୟମୟ ଘଟଣା କେବଳ ଘଟି ଚାଲିଛି, ସମାଧାନ ହେବାର ପୂର୍ବ ଲକ୍ଷଣ ଦେଖାନାହିଁ । ଅଖିଳବାବୁଙ୍କ ଘରେ ରହିବା ଆସି ମାସକର ଘଟଣା ହେବାକୁ ବସିଲାଣି । ରଜନୀବାବୁ କିଛି ଠିକ୍ କରି ପାରୁନାହାନ୍ତି । ରମଣୀ କେବଳ ନିର୍ଜୀବଟି ଭଳି ସବୁ ଦେଖି ଚାଲିଛି— ବୁଝି ପାରୁନି କିଛି—ସେ ତା ଶୋଇବା ଖଟରୁ କହିଲା—

"ରଜନୀ କଣ କହୁଥିଲୁ ସବୁ କହିବୁ ବୋଲି, ଅଭିଚ୍ଛା କହିଲେ କଣ ଚଳିବନି ?"

ରଜନୀବାବୁ ନିଜ ପଲଙ୍କରୁ ଉଠି ପଡ଼ି କହିଲେ, ସତକଥା ରମୁ, ବର୍ତ୍ତମାନ ବେଶ୍ ବାଗ ପଡ଼ିଛି । ତୋତେ ସବୁ କହି ଦେବି—କେଜାଣି ସବୁ ତୋ ମୁଣ୍ଡରୁ କିଛି ବୁଦ୍ଧି ବାହାରି ଆମକୁ ଅଟେଇ ନଏ..."

ତାପରେ ସେ ଟର୍ଚ୍ଚଟା ଧରି ବାହାରୁ ବୁଲି ଆସିଲେ । ଉଦ୍ଦେଶ୍ୟ କେହି ପଦାକୁ ଉଠିଛନ୍ତି ନାହିଁ ଦେଖିନେବା । ତାପରେ ଭଲ କରି କବାଟ ଝରକା ଇତ୍ୟାଦି ବନ୍ଦ କରି କହିଲେ; "ଉ—ଆ ରମୁ !"

ରମଣୀ ବାବୁ ଉଠି ଆସି ବସିଲେ । ରଜନୀବାବୁ ନିଜ ପକେଟରୁ ଗୋଟିଏ ପୁଡ଼ିଆ ବାହାର କରି ଖୋଲି କହିଲେ – "କଣ ଦେଖିପାରୁଛୁ ରମୁ ?"

ରମଣୀ କଣ୍ଠହାର ଦେଖି ଆଶ୍ଚର୍ଯ୍ୟର ଶେଷ ସୀମାରେ ପହଞ୍ଚି ଯାଇଥିଲା । ସେ ସଙ୍ଗେ ସଙ୍ଗେ ଚିତ୍କାର କରି ଉଠିଲା – "ଏଁ — ଏଁ ଏ କଣ ରଜନୀ ? ତୁ କଣ ମଣିଷକୁ ପାଗଳ କରିଦେବୁ ? ଦାମୋଦରବାବୁଙ୍କ ଅପହୃତ ରତ୍ନ ହାର ତୋ ପକେଟକୁ ଉଡ଼ିଆସିଲା କିପରି ? ତୁଁ ତ ଏବେ କହୁଥିଲୁ ସେଠାରେ ସେ ହାର [illegible] [illegible] ?"

ରଜନୀବାବୁ ହସିଲେ, "ମୁଁ ତ ତୋତେ କହିଲି ରମୁ ! ଏବେ ତୁ ବି ଜାଣିପାରିବୁ ଏ ରହସ୍ୟ ଭିତରେ ଆମେ ପଶିବା କିପରି ? ସେଦିନ ଦାମୋଦରବାବୁ ଯେତେବେଳେ ଖାଣ୍ଟି ହାର ମୋତେ ଦେଖାଇଲେ ତାପରେ ମୁଁ କଟକ ଯାଇଥିଲି ଯାଇଁ ତାର ଅନୁରୂପ ଅନ୍ୟ ଏକ ନକଲି ହାର ଆଣିଥିଲି, ସେଦିନ ରାତିରେ ସେଇଟାକୁ ବଦଳାଇ ଦେଇ ଅସଲ ଖାଣ୍ଟିହାର ମୋ ପକେଟରେ ରଖିଛି । କାରଣ ମୋର ଏ ପର୍ଯ୍ୟନ୍ତ ଧାରଣା ଏ ଖାଣ୍ଟି ହାର ପଛରେ ଅଛି ଏକ ବିରାଟ ଇତିହାସ – ତେଣୁ ଏତେ ସହଜରେ ପ୍ରକୃତ ଖାଣ୍ଟି ହାରଟା ଡକାଏତ ହାତରେ ଟେକି ଦେବାକୁ ମୋର ଇଚ୍ଛା ହେଲି ନାହିଁ ।

"ତୁ କେମିତି ଜାଣୁଛୁ ଏ ଖାଣ୍ଟି ହାର ପଛରେ ଗୋଟାଏ ଇତିହାସ ଅଛି ବୋଲି ?

ଏଥିରେ ବୁଝି ପାରୁନୁ ଓଲୁ—ଏଇ ହାରଟା ଆଣିବା ସେଦିନ ନରହରି ବାବୁଙ୍କ ଅତି ଆବଶ୍ୟକ ଥିଲା—ଆଉ ଏଇ ହାର ପାଇଁ ନରହରି ବାବୁଙ୍କ ପଛରେ ଲାଗି ପଡ଼ିଛନ୍ତି ଏକ ଅଜ୍ଞାତ ଦଳ—ତେବେ ଏ ପ୍ରଗହାର କଣ ସାମାନ୍ୟ ଜିନିଷ ? ତେବେ ହାରଟା ବିନା ହାତରେ କିଛି ରହସ୍ୟର ସୂତ୍ର ମିଳୁନି ସେ ? ସୁଜସ୍ୱୀଙ୍କ ମୃତ୍ୟୁପରଠୁଁ ମୁଁ କିଛି ସୂତ୍ର ଅନୁମାନ କରି ପାରୁ ନା ।"

"ଆରେ ହଁ—ଗୋଟାଏ କଥା ଭୁଲି ଯାଉଛୁ । ପୋଷ୍ଟମାର୍ଟମ ହେଉଥିବେଳେ ସୁଜସ୍ୱୀଙ୍କ ଦେହରୁ ଭଲ ଗୋଟାଏ ମୁଡ଼ା କାଗଜ ମିଳିଛି । ଡାକ୍ତର ମହାଶୟ ସେଇଟା ନେଇଥିଲେ ତୋ ପାଇଁ ପଠାଇ ଦେଇଥିଲେ । ମୁଁ ପାଇଛି ।"

ଏହା କହି ରମଣୀ ନିଜ ପକେଟରୁ ସେହି ଚିଠିଖଣ୍ଡି ବାହାର କରି ରଜନୀ ବାବୁଙ୍କ ହାତରେ ଦେଲା । ରଜନୀ ବାବୁ ଦେଖିଲେ ସେଥିରେ ଗୋଟାଏ ଚିଠି ଲେଖା ଅଛି—

ଆଦରୀ ସୁଜସ୍ୱୀ—

ଜନ୍ମଭର ଜନ୍ମେଇଥିଲି ତୁମ ପାଇଁ ନମସ୍କାର । ତୁମେ ଦେଇଥିଲ ମୋ ଜୀବନର ଅଭିଶାପ ନେଇ ଏ ଘରେ ଜନ୍ମିଥିଲ ଜୀବନ ବନରେ ପଡ଼ିଲା ବସନ୍ତର ମଧୁର ପରଶ କି ସ୍ୱେଚ୍ଛାରେ ବଦାନ୍ୟ ନେଇ ଯାଉଛ ।

ତୁମେ ଏକା ନୁହଁ ମୋର ପ୍ରତିହିଂସା ନିଆଁରେ ଗୋଟି ଗୋଟି କରି ସମସ୍ତେ ପୋଡ଼ି ମରିବେ । ମୋର ଜୀବନ୍ତ ପ୍ରେତାତ୍ମା ଘୁରି ବୁଲିବ ଧରଣୀର ପ୍ରତ୍ୟେକ ଗଳି କନ୍ଦରେ । ଇତି ।

ରକ୍ତଲେଖା

ରମଣୀ ଚିଠିଟା ପଢ଼ିସାରି କହି ପକାଇଲା—କିଏ ଏଇ ପିଶାଚ ରକ୍ତଲେଖା ? କାହିଁକି ତାର ଏ ନିର୍ମମ ଅଭିଯାନ ? କେତେ ସୁଜସ୍ୱୀଙ୍କ ରକ୍ତରେ ଏ ପିଶାଚର ମନ ସନ୍ତୁଷ୍ଟ ହେବ ?

ରଜନୀ ବାବୁ ଚିଠିଟା ପଢ଼ି ସାରିବା ପରେ ଗମ୍ଭୀର ହୋଇ ଯାଇଥାନ୍ତି ।

—ଦଶ—

ମହାନଗରୀର ହୃତ୍ସ୍ପନ୍ଦ ବନ୍ଦ ହୋଇ ଆସିଲାଣି, ସାରା ନଗରୀ ଯେପରି ଘୁମେଇ ପଡ଼ୁଛି—ମୋଟର—ଟ୍ରାମ୍—ରିକ୍ସାର ଶବ୍ଦ···ଫୁଟପାଥ୍‌ର ଅସଂଖ୍ୟ ଯାତ୍ରୀ, ଫେରିବାଲାଙ୍କ କୋଳାହଳ କୁଆଡ଼େ ଯେପରି ମରିଯାଇଛି, ମେନ୍‌ରୋଡ୍‌ର ବଜୁଳିବତୀଗୁଡ଼ାକ କେବଳ ଜୁଳୁଜୁଳୁକରି ଅନେଇଛନ୍ତି—

ସିଟିପାର୍କର ସେଇ ନିସ୍ତବ୍ଧିଆ ଜାଗାରେ ବଜି ଉଠିଲା ପୁଣି ଥରେ ବାରଟା । କଳା ଓଭରକୋଟ ପିନ୍ଧିଥିବା ଜଣେ ଲୋକ କହିଲା, ଆଗେଇ ଆସ । ଯୁବତୀ ଲୀଳା ହସି ହସି କହିଲା, "କାହିଁ ଡର ଡର—"

ଯୁବକ ଜଣକ ଚୁପା କଣ୍ଠରେ କହିଲା, "ବୁଝି ପାରୁନ ନାହିଁ—ଏମ ବର୍ଷିଲ ହଠାତରେ ତୁମ ମୁଁ ସର୍ବନାଶ କରିଛୁ । ବୁଝ କେତେ ଅଳ୍ପ ଚିହ୍ନ ହୋଇଛି ? ଯୁବକର ଏ ଯୋଡ଼ାଯୋଡ଼ା ଫୋପାଡ଼ା ବାଉଁଶିଆ କଥାରେ ଯୁବତୀ ଟିକେ ଚିଡ଼ିଗଲା କହିଲା—"କାହିଁ କଥାରେ—ବ' ସ୍ଥାନରେ ଦେଇ ପଡ଼ିଲା ତୁମ କହୁଛ ? ଟଙ୍କା କାହିଁ—"

ବସ୍ତୁତଃରେ ଯୁବକ ଜଣକେ କହିଲା—"ସେଥିପାଇଁ କେତେଟଙ୍କା ତୁମେ ଚାହଁ ? ଦଶହଜାର ସେଦିନ ଅଣିଛ—ପୁଣି କ ଟଙ୍କା—"

ଯୁବତୀ ଲୀଳା ଏଥରକ ଚଡ଼ି ଉଠିଲା ଭୟଙ୍କର ସ୍ୱରରେ । ବଜ୍ରଗମ୍ଭୀର ସ୍ୱରରେ କହିଲା—"ରଖ ତୁମ ଫାଜିଲାମି । ନିଜ ଲୋକ ଦ୍ୱାରା ବେହୋସ କରାଇ ମୋତେ ମୋ ଘରେ ଛାଡ଼ିଦେଇ ଗଲ, ଟଙ୍କା ଦେଲ କେଉଁଦିନ ? ବେମାଫତ କାମ କରାରେ ମୁହଁ ପାଇଗଲାଣି । ବୁଝେଁ ? ମୁଁ ସଫା ସଫା କହି ଦେଉଛି ତୁମେ. ପୁରାଟଙ୍କା ନଦେଲେ ମୁଁ କାମରେ ହାତଦେଇ ପାରିବିନି ।"

ଯୁବକ ଏଥର ରଗିଉଠିଲେ ଭୟଙ୍କର ସ୍ୱରରେ । ସେ ଥରା ଗଳାରେ କହିଲା "ତୁମେ ଜାଣ ଲୀଳା, ଆମ ଦଳକୁ ଫାଙ୍କି ଦେଲାଭଳି ଲୋକ ଆଜ

ସୁଦ୍ଧା ଏ ଦୁନିଆରେ କେହି ନାହାନ୍ତି । ତୁମେ ଫାଙ୍କି ପାରିବ ନାହିଁ । ମୋ ନିଜ ହାତରୁ ତମେ ଟଙ୍କା ଆଣିଛ । ତୁମକୁ ଠକିବାରେ କଣ ମୋର ଭୁଲ ଅଛି ? ତୁମ ଓଠତଳର ଚଲଦାଗ ଏବେ ସୁଦ୍ଧା ମୋ ଆଖିରେ ଝଲସୁଛି । ଅଧିକ ଟଙ୍କା ପାଇବାର ଚକ୍ରାନ୍ତ ମୋ ପାଖରେ ପଶିବନାହିଁ । ତମକୁ ସେଇ ଦଶହଜାର ଟଙ୍କା ଦେଇ, ମୋ କାମ ନିଷ୍ପତ୍ତି ଜୁରଦ୍ଦେବାକୁ ପଡ଼ିବ । ନଚେତ୍—

ନଚେତ୍ ନଚେତ କଣ କରିବ ତୁମେ ? ଟଙ୍କା କେଇଟାର ଲୋଭରେ ମୁଁ ମୋ ନିଜକୁ ଭୁଲି ନାରୀ ଆଖିର ଲୁହ ବୈତରଣୀରେ ଅବଗାହି ମୁଁ ମୋ ବିବେକ ବିରୁଦ୍ଧରେ କାମ କରିଛି, କେତେ ଯୁବତୀଙ୍କ ଛଳ ଛଳ ଲୁହଭରା ଆଖି, ମୋ ନାରୀ ହୃଦୟରେ ସହାନୁଭୂତି ବଦଳରେ ଆଣିଛି ପୈଶାଚିକ ପ୍ରବୃତ୍ତି—କେବଳ ଟଙ୍କାପାଇଁ କେତେ ଯୁବତୀଙ୍କୁ ଠେଲି ଦେଇଛି ମୁଁ ତୁମ ହାତରେ— ତୁମେ ବ୍ୟବସାୟରେ ପାଇଛ ଲକ୍ଷ ଲକ୍ଷ ଟଙ୍କା —ବଦଳରେ ମୋ ହାତରେ ଦେଇଦେଇଛ କେଇଟା ଟଙ୍କା— ଯାହା ହେଉ ମଧ୍ୟ ଦେବାକୁ ତୁମେ ରାଜି ନୁହଁ—ମିଛ କହି ଠକି ଦେବାକୁ ଚାହିଁଛ—ଦେବାକୁ ନାହିଁ ମୋର ସେ ହୀନ ବ୍ୟବସାୟ ଆଉ— ମୁଁ ଆଉ ତୁମକୁ ସହାୟ୍ୟ କରି ପାରିବିନି— ତୁମେ ମୋ ବାକି ଟଙ୍କା ଚୁକ୍ତି ଅନୁସାରେ ଚୁକାଇଦିଅ ।"

ଯୁବକ ଗମ୍ଭୀର ସ୍ୱରରେ କହିଲେ, "ଚୁକାଇ ନଦେଲେ ?"

"ଚୁକାଇ ନଦେଲେ— ହଃ—ହଃ— ହଃ—କାଲି ସକାଳୁ ପୋଲିସବ୍ୟୁହ ଭିତରେ ବ୍ୟବସାୟର ସୁନେଲି ସ୍ୱପ୍ନ ମିଳେଇ ଯାଉଥିବ ।"

"ସାବଧାନ ଲୀଳା— କାହା ଆଗରେ କଣ କହୁଛ ମନେ ରଖୁଛ ତ ?

"ହଁ—ହଁ— ଠିକ୍ ମନେ ରଖୁଛି— ଜଣେ ପିଶାଚ, ଭଣ୍ଡ ଆଗରେ କହୁଛି କଟୁ ସତକଥା—ଏଇ ସର୍ତ୍ତରେ ମୋ ଚୁକ୍ତି ଅନୁସାରେ ଟଙ୍କା ପରିଶୋଧ ନ କଲେ କାଲି ସକାଳୁ ମୁଁ ସବୁ ଖୋଲି କହିଦେବି ପୋଲିସ ଆଗରେ । ସେତେବେଳେ ବୁଝିଥିବ ଲୀଳା ଖାଲି ଫୁଲପାଖୁଡ଼ା ଭଳି କର୍ପୂର ଛନ ଛନ ନାରୀ ହୃଦୟ ନେଇ ଜନ୍ମହୋଇ ନଥିଲା— ତା ହୃଦୟରେ ମଧ୍ୟ ଲୁଚି ରହିଥିଲା ବଜ୍ରଭଳି କର୍ମମତା।"

"ଲୀଲା—ପାଗଳମାନଙ୍କ ଭଳି କଣ କହୁଛ ତୁମେ ?"

"କହୁଛି ନହାତ ସତକଥା । ତୁମେ ଫେରିଯାଅ—"

ଯୁବକ ଏଥର ଗର୍ଜି ଚିତ୍କାର କରିଉଠିଲା—"ଖାଲି ଫେରି ଯିବି ନାହିଁ ଲୀଲା—ଲୀଲା ନାମ ମଧ୍ୟ ଏ ସଂସାରରୁ ଲୋପ କରିଦେଇ ଯିବି ।"

ତାପରେ ଯୁବକ କ୍ଷିପ୍ର ଗତିରେ ନିଜ ପ୍ୟାଣ୍ଟ ପକେଟରୁ ଅଟୋମେଟିକ ରିଭଲଭର୍ କାଢ଼ି ଟେକି ଧରିଲା । ଲୀଲା ମଧ୍ୟ ନିଜ ରିଭଲଭର ଉତ୍ତୋଳନ କରି କହିଲା; "ସାବଧାନ ଦୁଷ୍ଟ—ନଚେତ୍ ଏ ଅବାଧ୍ୟ ବନ୍ଧୁକର ଗୁଳି ତୁମ୍ଭ ଅବାଧ୍ୟତାର ଉତ୍ତର ଦେବ । ଏହି ସମୟରେ ଫୁଲଗଛ ଉହାଡ଼ରୁ ଆଉ ଜଣେ କିଏ ଉଠିଆସି ଛଡ଼େଇନେଲା ଲୀଲା ହାତରୁ ପିସ୍ତଲ ପଚ୍ଚପଟୁ । ହତଭୁକ ହୋଇ ଲୀଲା ରହିଁ ରହିଥିଲାବେଳେ ଶୁଭି ଆସିଲା ଗୋଟାଏ ଅଟ୍ଟହାସ୍ୟ ହାଃ—ହାଃ—ହାଃ—ହାଃ—

* * * *

ତହିଁ ଆରଦିନ ସକାଳ—

ରଜନୀବାବୁ ଖଣ୍ଡେ ଓଡ଼ିଆ କାଗଜ ଖୋଲି ପଢ଼ନ୍ତିତ ବଡ ବଡ ଅକ୍ଷରରେ ଲେଖାଅଛି ।

## "ଭୀଷଣ ଡକେଇତି"

ଟ୍ରେନରେ ଏକ ବଡ଼ ଟ୍ରଙ୍କରୁ ଯୁବତୀର ମୃତଦେହ ମିଳିଛି । କଲିକତା, ୧୨.୬

ସମ୍ବାଦ ନେବାରେ ଜଣାଯାଉଛି ଯେ ଗତ କାଲି [illegible]

[illegible]

ଯୁବତୀ ୨୨।୨୩ ବୟସ୍କା ସୁନ୍ଦରୀ ଗୌରବର୍ଣ୍ଣ । ଅକ୍ଷୁଣ୍ଣ ଅବସ୍ଥାରେ କେବଳ ଗଣ୍ଠି ଚିପି ହତ୍ୟାକରାଯାଇଛି । ଏଥିନେଇ ଥାନାରେ ଚହଳ ପଡ଼ି ଯାଇଛି । ଡାକ୍ତର ପରୀକ୍ଷାପାଇଁ ବର୍ତ୍ତମାନ ଶବଟିକୁ ରଖାଯାଇଛି ।

ସମ୍ବାଦଟି ପଢ଼ି ଶେଷ କରିବା ପୂର୍ବରୁ ଟେଲିଫୋନ୍ ଟକ୍‌କାର କରି ଉଠିଲା । ରଜନୀବାବୁ ରିସିଭର ଉଠାଇ ଡାକିଲେ—"ହଲୋ—ହଲୋ—ହିଁ—କେଉଁ ଥାନାରେ ଶବ ରଖାଯାଇଛି ?—ମୁଁ ଯିବି—ହଉ—ଁ ନମସ୍କାର ।—

ରିସିଭର ଥୋଇ ଦେଇ ରଜନୀବାବୁ ଉଠିଲେ କାର୍ ଉଦ୍ଦେଶ୍ୟରେ । ନିଜେ କାର୍ ଛୁଟାଇ ଅଧଘଣ୍ଟାଏ ପରେ ପହଞ୍ଚିଲେ ଥାନାରେ । ଜି. ଆର, ପି. ପୋଲିସ ଇନ୍‌ସପେକ୍ଟର୍ ରାଧାରମଣ ବାବୁଙ୍କ ସହ ଶବଟାକୁ ଦେଖିବା ଉଦ୍ଦେଶ୍ୟରେ ଉଠିଯାଇଁ ଶବ ଉପରେ ପଡ଼ିଥିବା ଚାଦରଟିକୁ କାଢ଼ି ନେଲେ —

"ଆଶ୍ଚର୍ଯ୍ୟ— ନିଜ ଅଜାଣତରେ ରଜନୀବାବୁ [illegible] ଚିତ୍କାର କରି ଉଠିଲେ; ରାଧାରମଣବାବୁ ପଚାରିଲେ, "ଆପଣ ଏ ମୃତ ଶବ କି ଆଗରୁ ପରିଚିତ ?"

ନିଜ ମନୋଭାବ ଗୋପନ କରି ରଜନୀବାବୁ ମୁଣ୍ଡ ହଲାଇଲେ କିନ୍ତୁ ତାଙ୍କ ମନରେ ଉଠିଥାଏ ଭାବନାର ପ୍ରଳୟ ତୋଫାନ । ସେ ବୁଝିପାରୁ ନଥାନ୍ତି । ଅଖିଳବାବୁ ସେଦିନ ରାତ୍ରରେ ଯାହ ଶୟନ କକ୍ଷରେ ପଶି ନିଜ-ଇପ୍ସିତ ବସ୍ତୁ ଖୋଜୁଥିଲେ ସେ ରମଣୀ ମୃତ ଅବସ୍ଥାରେ ଏଠିକି ଆସିଲା କିପରି ? ତାହାହେଲେ ଅଖିଳବାବୁ କଣ ହତ୍ୟାକାରୀ ? ଭାବନାର ଝଡ଼ ତୋଫାନ ତାଙ୍କ ଅସ୍ଥିର କରି ପକାଉଥାଏ ।

[illegible]

କିନ୍ତୁ ଯୁବତୀଙ୍କ ହତ୍ୟାଠାରୁ ଏଥର ସ୍ୱାତନ୍ତ୍ର୍ୟ ହେଉଛି ପୁଟଳିକୁ [illegible]

ଅବସ୍ଥାରେ ହତ୍ୟା କରାଯାଇଛି । ତାଛଡ଼ା ଉଣ୍ଡି ଚିପା ଚିହ୍ନଗୁଡ଼ିକ ଭିନ୍ନ ଭିନ୍ନ । ତେବେ କଣ ସୁଜନ୍ୟା ଆଉ ଉକ୍ତ ଯୁବତୀର ହତ୍ୟାକାରୀ ଭିନ୍ନ ? କିଛି ସ୍ଥିର କରି ପାରିଲେନି ରଜନୀ ବାବୁ । ରାଧାରମଣ ବାବୁ ଯୁବତୀ ହାତରେ ଚିତା କୁଟା ଯାଇଥିବା ନାମରୁ ଜାଣିଲେ ଯୁବତୀ ନାମ—ଲୀଳା ।

ତାପରେ ରଜନୀ ବାବୁ ଫେରିଲେ—ବାଟରୁ କିଣି ଆଣିଲେ ଖଣ୍ଡେ ଖବର କାଗଜ । ସେଥିରେ ଏ ସମ୍ବାଦ ସହିତ ବାହାରିଥାଏ ମୃତା ଯୁବତୀର ଫଟୋ । ସେଇଟିକୁ ଧରି ସ୍ୱବନା ବିହ୍ୱଳିତ ମନରେ ରଜନୀ ବାବୁ ତାଙ୍କ ଶୟନ କକ୍ଷରେ ପଶି ଦେଖନ୍ତି ତାଙ୍କ ଚେୟାର ଦଖଲ କରି ବସିଛନ୍ତି ଅଖିଳ ବାବୁ ।

"ଆପଣ ଯାଇଥିଲେ କୁଆଡ଼େ ?···ଅଖିଳ ବାବୁ ପଚାରିଲେ ।

"ଟିକିଏ ଏମିତି ବୁଲି । କିଛି କାମଥିଲା ?

"ନା····· ଅଖିଳ ବାବୁଙ୍କ କଥା ଅଧା ରହିଗଲା । ଖବର କାଗଜରେ ମୃତା ଯୁବତୀର ଫଟୋ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ ଅଖିଳ ବାବୁ । ବିସ୍ମୟରେ ପାଟିରୁ ତାଙ୍କର କଥା ବାହାରିଲା ନାହିଁ । ତାଙ୍କ ଆଖି ଦୁଇଟି ଲାଖି ରହିଲା ସେଇ ଫଟୋ ଦେହରେ, ରଜନୀ ବାବୁ କିଛି ଜାଣି ନପାରିବାର ଛଳନାକରି କହିଲେ, "ଏ ହତଭାଗୀ ଆପଣଙ୍କ ପୂର୍ବ ପରିଚିତା କି ?

ଅଖିଳ ବାବୁଙ୍କ ବିସ୍ମୟଭରା ମୁଖମଣ୍ଡଳରେ ହସ ଚହଟିଲା । ସେ କହିଲେ, "ନା—ନା—ଏ ଅଦ୍ଭୁତ ଡକେଇତି ଖବର ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ଅବାଧରେ ଏମିତି ଯଦି ଗୋଟିକୁ ଗୋଟି ହତ୍ୟାକାଣ୍ଡ ନିର୍ବିବାଦରେ ଘଟିଲେ, ସାଧାରଣ ନାଗରିକ ପଦାକୁ ବାହାରିବା ଅସମ୍ଭବ ହୋଇ ପଡ଼ିବ ତେବେ ।"

ରଜନୀ ବାବୁ ହସି ହସି କହିଲେ, କିନ୍ତୁ ହତ୍ୟା ହେଉଥିବା ଲୋକ-ମାନେ ଗୋଟିଏ ଗୋଟିଏ ରହସ୍ୟମୟ ଜନ୍ତୁ । ସମସ୍ତଙ୍କ ମୁହଁ ପଛରେ

ରହିଯାଉଛି ଗୋଟାଏ ଗୋଟାଏ ରୋମାଞ୍ଚକର ଇତିହାସ । ସାଧାରଣ ନାଗରିକ ବିପନ୍ନ ହେବାରେ କାରଣ କିଛି ନାହିଁ । ସେଥିପାଇଁ ଲକ୍ଷ ଲକ୍ଷ ଲୋକ ମହାନଦୀର ଫୁଟପାଥ୍ ଉପରେ ରହି ବିନା ଆଶଙ୍କାରେ ନିର୍ବିଘ୍ନରେ ଜୀବନ କଟାଉଥିବାବେଳେ ନାଚ ଘରର ନିଭୃତ କକ୍ଷର କୋଣରୁ, ଟ୍ରେନର ପ୍ରଥମଶ୍ରେଣୀ କଂପାର୍ଟମେଂଟରୁ ଡକେଇତି ଚାଲିଛି ।"

"ଆପଣ କଣ ଏ ହତ୍ୟାକାଣ୍ଡ, ପଛରେ କିଛି ରହସ୍ୟର ସନ୍ଧାନ ପାଇଛନ୍ତି ? କିଏ କେମିତି ଏ ସରଳା ଯୁବତୀକୁ କେଉଁଠି ହତ୍ୟାକଲା ?"

"ଆପଣ ଯୁବତୀ ଜଣଙ୍କୁ ଯେତେ ସରଳା ଭାବୁଛନ୍ତି, ବୋଧହୁଏ ସେ ସେତେ ସରଳତାର ଅଧିକାରିଣୀ ନୁହନ୍ତି । ହୋଇଥିଲେ ତାଙ୍କୁ ଜୀବନ ହରାଇ ଟ୍ରଙ୍କ ଭିତରେ ପଶିବାକୁ ହୋଇନଥାନ୍ତା ବୋଲି ମୋର ବିଶ୍ୱାସ । କୌଣସି ରହସ୍ୟର ସନ୍ଧାନ ମୁଁ ଏ ପର୍ଯ୍ୟନ୍ତ ଅବଶ୍ୟ ପାଇନି । କିନ୍ତୁ ନିକଟ ଭବିଷ୍ୟତରେ ପାଇବାର ଆଶା ରଖିଛି ।"

କୌଣସି କାମଥିବାର ଛଳନାକରି ଅଖିଳ ବାବୁ ଉଠିଗଲେ । ରଜନୀ ବାବୁ କେବଳ ପଛକଥାଗୁଡ଼ିକ ଭାବିବାକୁ ଲାଗିଲେ—ରାୟ ସାହେବଙ୍କ ହୀରାହାର ହରଣ—ଅଖିଲ ବାବୁଙ୍କ ଅଦ୍ଭୁତ ବିପଦ—ମିସ୍ ସୁକନ୍ୟାଙ୍କ ନିର୍ମମ ହତ୍ୟା—ଟ୍ରେନ ଭିତରେ ଶବଭରା ଟ୍ରଙ୍କ—ସବୁ ଗୋଟିଏ ଗୋଟିଏ ରହସ୍ୟ—ରଜନୀବାବୁ କିଛି କଳ୍ପନା କରି ପାରିଲେ ନାହିଁ ।

ସେଦିନ ରାତି ବାରଟା ହେବ—

ରଜନୀ ବାବୁ ଉଠିଲେ ବାହାରକୁ । ପକେଟ୍ ଭିତରେ ଲୋଡେଡ୍ ଆଟୋମେଟିକ୍ ଅଗ୍ନେୟାସ୍ତ୍ର—ବୁକୁରେ ଚାପା ଉତ୍ତେଜନା ହାବୁକା ମାରୁଛି—କାହିଁକି ସେଦିନ ଘନ ଅନ୍ଧାର ରାତିରେ ଲୀଳାଙ୍କ ଘରେ ପଶିଥିଲେ ଅଖିଳବାବୁ ? ବୋଧହୁଏ ତାଙ୍କ ଅପହୃତ ଫଟୋ ଅଧିକାରିଣୀ ଥିଲା ସେଇ ଯୁବତୀ—ତାହାହେଲେ ସେ ଘର ଖାନତଲାସ ନକରିବା ତାଙ୍କ ପକ୍ଷରେ

ଅନୁଚିତ ହେବ—ସେ ତାଙ୍କ ମେଦୁଆ ରଙ୍ଗର କାର୍‌ଟା ଗ୍ୟାରେଜରୁ ଆଣି ଛୁଟାଇ ଦେଲେ—

କାର୍‌ଟାକୁ ଘରର କିଛି ଦୂରରେ ଥିବା ଗଛଗୁଚ୍ଛର ଅନ୍ଧାରରେ ରଖି ରଜନୀ ବାବୁ ଘର ପାଖକୁ ଯାଇ ଦେଖନ୍ତି ତ ଘର ଦରଜା ଛିନ୍ନଭିନ୍ନ—ବଡ଼ ଲୁହା କୋଲପଟା ଭଗ୍ନ ଅବସ୍ଥାରେ ପଡ଼ିଛି । ରଜନୀ ବାବୁ ଭିତରକୁ ଯାଇ ଦେଖିଲେ କକ୍ଷସ୍ଥ ଜିନିଷପତ୍ର ସବୁ ବିକ୍ଷିପ୍ତ । ସତେ ଯେପରି କିଛି ସମୟ ପୂର୍ବରୁ ଗୋଟାଏ ଝଡ଼ ବହି ଯାଇଛି କକ୍ଷରେ—

କେହି କକ୍ଷର ସବୁ ଜିନିଷ ଖେଳେଇମେଳେଇ ପକେଇଛି । ରଜନୀ ବାବୁ ବୁଝିଲେ ତାଙ୍କ ପୂର୍ବରୁ ଚତୁର କୃତାନ୍ତ ତାଙ୍କ ଈପ୍ସିତ ବସ୍ତୁଟିକୁ ହସ୍ତଗତ କରି ନେଇଛି । ତଥାପି ସେ ନିରାଶ ନ ହୋଇ ଖୋଜିବାକୁ ଲାଗିଲେ—

ହଠାତ୍ ବାହାରେ ଶୁଭିଲା ମୋଟର ହର୍ଣ୍ଣ—ରଜନୀ ବାବୁ ଝଟ୍ ଲମ୍ଫଦେଇ କକ୍ଷସ୍ଥ ଏକ ଆଲମିରା ପଛପଟେ ଆତ୍ମଗୋପନ କଲେ । କିଛି ସମୟ ପରେ କେହି ଜଣେ ସେହି କକ୍ଷରେ ପଶିଲା । ରଜନୀ ବାବୁ ଲୋକଟାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଆଶ୍ଚର୍ଯ୍ୟ ! କକ୍ଷରେ ଅଖିଲ ବାବୁ କାହିଁକି ?

ତା' ପରେ ତାଙ୍କ ମନରୁ ସନ୍ଦେହ ମେଘ ଦୁରେଇ ଗଲା । ସେ ବୁଝି ପାରିଲେ ତାଙ୍କର ଈପ୍ସିତ ବସ୍ତୁର ସନ୍ଧାନରେ ଆସିଛନ୍ତି ସେ । ତାପରେ ସେ ନୀରବରେ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରି ଆତ୍ମଗୋପନ କରିବାକୁ ଲାଗିଲେ । ସବୁ ଖୋଜି ସାରିବା ପରେ ଅଖିଲ ବାବୁଙ୍କ ମୁଖମଣ୍ଡଳରେ ମଧ୍ୟ ଫୁଟି ଉଠିଲା ନୈରାଶ୍ୟର ଚିହ୍ନ—ରଜନୀ ବାବୁ ବୁଝି ପାରିଲେ ପ୍ରକୃତରେ ଫଟୋଟି ତାଙ୍କର ଟିକିଏ ଅସାବଧାନତା ଯୋଗୁଁ ହସ୍ତଚ୍ୟୁତ ହୋଇଯାଇଛି । କିଛି ସମୟ ପରେ ଅଖିଲ ବାବୁ ହତାଶ ମନରେ ଫେରି ଆସିଲେ 'ଏବଂ ତାଙ୍କର ପଛେ ପଛେ ରଜନୀ ବାବୁ ପୁଣି ନୂତନ ଆଶାରେ ଖୋଜିବାକୁ ଲାଗିଲେ—

ହଠାତ୍ ତାଙ୍କ ଆଖି ପଡ଼ିଲା ଗୋଟାଏ କାର୍ଡ ଉପରେ । ନାଲି ରଙ୍ଗର କାର୍ଡଟାଏ - କିନ୍ତୁ କିଛି ଲେଖା ନାହିଁ—ରଜନୀ ବାବୁ କିଛି ବୁଝି ପାରିଲେ ନାହିଁ । ଏ କାର୍ଡଟା ଆସିଲା କୁଆଡ଼ୁ । ତାଙ୍କର ମନେ ହେଲା ପ୍ରଥମେ ଯେ ଏ ଘରେ ପଶି ତାଙ୍କ ଅଭିଲଷିତ ଫଟୋଟି ହରଣଗୁଲ କରି ନେଇ ଯାଇଛି, ତାଙ୍କର ପକେଟରୁ ଅସାବଧାନତା ବଶତଃ ଖସି ପଡ଼ିଛି ବୋଧହୁଏ ଏ କାର୍ଡ । ସେ ଯତ୍ନରେ ସେଇଟି ପକେଟସ୍ଥ କରି ବାହାର ଆସିଲେ ପଦାକୁ—

## —ଏଗାର—

ରକ୍ତଶୂନ୍ୟ ଝାଙ୍କି ଖସ୍ୱବେଳ—

ଦମଜାକୁ ଦମନା ତଳେ। ପବନ ପଶି ଆସୁଛି ଭିତରକୁ । କେଶୁ ଝରକା, କବାଟ ବନ୍ଦ କରି ରଜନୀ ବାବୁ ସେ କାର୍ଡଟାକୁ ନିରୀକ୍ଷଣ କରି ଦେଖୁଛନ୍ତି । ଆଖିର ପଲକ ପଡ଼ୁନି—ବୁଝି ପାରୁନାହାନ୍ତି ଏ ଖାଲି କାର୍ଡଟା ସେଠି ପଡ଼ିଥିଲା କାହିଁକି । ହଠାତ୍ ଗୋଟାଏ ଜିନିଷକୁ ବହୁ ସମୟ ଧ୍ୟାନ ଦେବା ଫଳରେ ଆଖିରୁ ତାଙ୍କର ଲୁହ ଦୁ'ଠୋପା ନିଗିଡ଼ି ପଡ଼ିଲା ଏବଂ ସେଇ ସ୍ଥାନରେ ଫୁଟି ଉଠିଲା କେଇଟି ଅସ୍ପଷ୍ଟ ଅକ୍ଷର । ରଜନୀ ବାବୁ ଚଞ୍ଚଳ ହୋଇ ପଡ଼ିଲେ । କିଛି ପାଣି ଆଣି ଗୋଟିଏ ପାତ୍ରରେ କାର୍ଡଟାକୁ ପକାଇ ଦେଲେ ।

ପ୍ରକୃତରେ ସେ ଅଲେଖା କାର୍ଡର ଗୋଟାଏ କୋଣରେ ଫୁଟି ଉଠିଲା କେଇଟି ଅକ୍ଷର । ରଜନୀ ବାବୁ ପଢ଼ିଲେ ଇନଭିଜବଲ୍ କାଳିରେ ଲେଖା ଅଛି "ପାରାଡ଼ାଇଜ୍ ହୋଟେଲ, ଶଶୀଭୂଷଣ ଦେ ଷ୍ଟ୍ରୀଟ୍, କଲିକତା—

ରଜନୀ ବାବୁଙ୍କ ନିରାଶ ପ୍ରାଣରେ ଖେଳିଲା ଆଶାର ତରଙ୍ଗ । ଅମାଅନ୍ଧାର ଭିତରେ ପାଇଲେ ସେ କ୍ଷୀଣ ଆଲୋକର ସନ୍ଧାନ, ଶୁଷ୍କ ଊଷରରେ ସେ ଦେଖିଲେ ଆଶାର ସ୍ୱଚ୍ଛ ପ୍ରସ୍ରବଣ—ଝରଝର ହୋଇ ଉଠିପଡ଼ି ତାଙ୍କ

ବେଣ ଘରକୁ ପଶିଗଲେ । କିଛି ସମୟ ପରେ ଛନ୍ଦ ବେଣରେ ବାହାରିଲେ ପଦାକୁ—

ଠିକ ଗୋଟିଏ ନରକଙ୍କ କଙ୍କାଳ । ହାଡ଼ ସବୁ ଗଣି ହୋଇ ପଡ଼ୁଛି । ଗାଲ ପଶି ଯାଇଛି ଭିତରକୁ—ଆଖି ଗୁଡ଼ିକ କୋରଡ଼ା କୋରଡ଼ା—ପରଲ ଲାଗିଛି—ହାତରେ ଖଣ୍ଡେ ଆଣାବାଡ଼ି—ଫୁଟପାଥ୍ ଉପରେ ଅଗଣିତ ପଥଲୋକଙ୍କ ସହିତ ବୁଲୁଛନ୍ତି—ଅଣ୍ଟାରଲେ ଗ୍ରେଟ ଆଟେଣ୍ଟସ୍ଥ ଖଣ୍ଡିକ ଅଖାଡ଼ୁଆ ଲୁଗୁଛି—

## ପାର୍ଲାଇନ ହୋଟେଲ

ହିତଳ ପ୍ରାସାଦ—ସବୁବେଳେ କନାଙ୍ଗୀର୍ଣ୍ଣ—ଖିଆପିଆର ଧୂମ ଲୁଟିଛି—ଛଦ୍ମବେଶୀ ରଜନୀ ବାବୁ ଭିତରକୁ ଭିତରକୁ ପଶି ପଶି ବୁଲୁଛନ୍ତି ବାଧା ଦେବାକୁ କେହି ନାହାନ୍ତି—ସମସ୍ତେ ଗ୍ରାହକ—ଉଦେଶୀ ମହଜ—

ହଠାତ୍ ରଜନୀ ବାବୁଙ୍କ ପାଦ ଗୋଟିଏ ଜାଗାରେ ଅଟକି ଗଲା । ସେ ଶୁଙ୍ଘିବାକୁ ପାଇଲେ ଗୋଟାଏ ପ୍ରକାର ବାସ୍ନା—ମନେହେଲା ସେ ବାସ୍ନା ସହିତ ପୂର୍ବ ପରିଚିତ—କିଛି ଅନୁମାନ କରି ପାରିଲେ ନାହିଁ ସେ—କେଉଁଠି ଶୁଙ୍ଘିଛନ୍ତି ସେ ବାସ୍ନା ? ହଁ—ହଁ ଠିକ୍ ମନେ ପଡ଼ିଲା—ସେଇ କାର୍ଡ୍ ଦେହରେ ଥିବା ଏଇ ସୁରଭି—ତେବେ ସେ କାର୍ଡ଼ର ଅଧିକାରୀ କଣ ଏଇ ନିକଟରେ କେଉଁଠି ?

କାହିଁ ?—କୁଆଡ଼େ ? ରଜନୀ ବାବୁ ଉତ୍ସାଗ୍ରର ଦୃଷ୍ଟିରେ ଚାରିଆଡ଼େ ଚାହିଁଲେ—ଗୋଟାଏ ରୁଦ୍ଧ କକ୍ଷ—ଝରକାରେ ଝୁଲିଥିବା ପରଦା ଅନ୍ତରାଳରେ କିଏ ବସିଥିଲା ଭଳି ମନେ ହେଲା—ସେ ଚାରିଆଡ଼କୁ ଚାହିଁ ଅଗ୍ରସର ହେଲେ ସିଆଡେ । ହଁ—ଶୁଭୁଛି କାହାର ଚୁପା କଥାବାର୍ତ୍ତା—ସେ ସତର୍କତାର ସହିତ ଉତ୍ତର ପାର୍ଶ୍ୱସ୍ଥ ଏକ ଖଣବାରିଆ ଝରକା ନିକଟକୁ ଗଲେ—ପାତଳ ପରଦା ଉହାଡ଼ରୁ ଦେଖିଲେ କକ୍ଷସ୍ଥ ଏକ ଗୋଲ ଟେବୁଲ ଚାରି ପାଖରେ ଘେରି ବସିଛନ୍ତି ୮।୯ ଜଣ ଲୋକ ।

ସମସ୍ତଙ୍କ ଦେହରେ କଳାକନାର ପୋଷାକ—ମୁଣ୍ଡରେ କଳା ଟୋପି—ମଝିରେ ଜଣେ ପତଳା ହୋଇ ଲୋକ—କଳା ସିଲ୍କ ସାର୍ଟ ପିନ୍ଧିଛି—ମୁହଁରେ ଦାଢ଼ୀ—ଆଖିରେ ଚଷମା—ମୁଣ୍ଡରେ ଟୋପି – ଚିହ୍ନି ହେଉନି—କଣ ସେ କହୁଛି—କାନ ପାତିଲେ ସେ ।

ହୀରାହାର ? ....ଚମକି ପଡ଼ିଲେ ରଜଣବାବୁ ହୀରାହାର କଥା ଏଠି କାହିଁକି ? ସେ ନିଜ ନିଶ୍ୱାସ ପ୍ରଶ୍ୱାସ ବନ୍ଦକରି ସାବଧାନତାର ସହିତ ଶୁଣିଲେ ଉତ୍ତେଜିତ ହୋଇ ଯୁବକ କହୁଛି, "ଜାଣିଲୁ ପି, ଆର୍, ପି, ! ହାରଟା ନକଲି—ପ୍ରକୃତ ହାର ସେ'ଟା ନୁହେଁ ।

P. R. P. ବିସ୍ମୟରେ ଚିତ୍କାର କରି ଉଠିଲା, "ନକଲି ? ତେବେଇ ସର୍ବନାଶ ? ଯୁବକ ଅଧିକ ଉତ୍ସାହରେ କହିଲା—"ନିଶ୍ଚୟ ସର୍ବନାଶ-ହାରଟା ମୋର ନିହାତି ଦରକାର—ସେ ହାରଟା ପାଇଁ ଦରକାର ପଡ଼ିଲେ ମୁଁ ଜୀବନ ଦେଇଦେବି –ଆବଶ୍ୟକ ହେଲେ କେବଳ ଜଣଙ୍କୁ ନୁହେଁ ଶହ ଶହ ପ୍ରାଣର କଲିଜା କାଢ଼ି ଶ୍ୱାନ ଶୃଗାଳ ମୁହଁରେ ଦେଲେବି ମୋ ମନ ସନ୍ତୁଷ୍ଟ ହେବନାହିଁ—ତୁମେ ନେଇଆସ ନରହରି ରାୟଙ୍କୁ—ତାଙ୍କୁ ଟିକି ଟିକି କରି କାଟି କୁକୁର ମୁହଁରେ ଦେବି ମୁଁ—ହଁ ଆଉ ଗୋଟାଏ କଥା S. P. R. ! କାଲି ଲୀଳାକକ୍ଷରୁ ଫଟୋ ଆଣିବା ଅବସରରେ ପକେଟରୁ ମୋର ଗୋଟାଏ କାର୍ଡ଼ ଖସି ପଡ଼ିଛି—ସେଥିରେ ଅଛି ଆମ ହୋଟେଲର ଠିକଣା—ପୋଲିସ ଲୀଳାଘରର ସନ୍ଧାନ ପାଇନି—ପାଇବାକୁ କିନ୍ତୁ ଡେରି ହେବନି—କାରଣ N. R. S. ଠାରୁ ଶୁଣିଲି ଧୂର୍ତ୍ତ ରଜଣୀ ଏକେଣ୍ଟ ପୁଣି ହାତକୁ ନେଇଛି—ତେଣୁ ଘର ଖାନତଲାସ କଲାବେଳେ କାର୍ଡ଼ଟା ନିଶ୍ଚୟ ରଜଣୀ ହାତରେ ପଡ଼ିବ । ତା ପୂର୍ବରୁ ମାନେ ଆଜି ରାତାରାତି ସେ କାର୍ଡଟା ତୁମେ ନେଇଆସ ।

P. R. P. କହିଲା—ମୁଁ କଣ କରିବ ସାର ?

ଯୁବକ କହିଲେ—"ତୁମେ ଏଥିଭିତରେ ନରହରି ରାୟଙ୍କୁ ଧମକେଇ ହାରଟା ହସ୍ତଗତ କର । ମୋର ବିଶ୍ୱାସ ସେ ଯେଉଁ ଧକ୍କା ପାଇଛି ସେ ଅଧିକ

ଚୂଲ୍‌ବାଜି ଖେଳିବ ନାହିଁ—ଖେଳିଲେ ପିସ୍ତଲ ଗୁଳିର ଉଷ୍ଣ ଚୁମ୍ବନରେ ତାର ରହସ୍ୟମୟ ଜୀବନକୁ ଚିରଦିନ ପାଇଁ ଅବସର ଦେଇ ଜବରଦସ୍ତ ହାରଟା ନେଇ ଆସ—ହୁଁ—S. P. R. ! ତୁମେ କାଲ୍‌ଟା ଆଜି ନେଇଆସ ନଚେତ୍ ବିପଦ ଅନିବାର୍ଯ୍ୟ—

ରଜନୀବାବୁଙ୍କ କାନମୁଣ୍ଡା ଝାଇଁ ଝାଇଁ ହୋଇଗଲା । ସେ ଅନୁମାନ କରି ପାରିଲେନାହିଁ, ସେ କଣ ଶୁଣୁଛନ୍ତି—ପୁଣି ଗୋଟିଏ ଗୋଟିଏ ଚାଲି ସେ ଫେରି ଆସିଲେ । ରାସ୍ତା ଉପରେ ଅଲକ୍ଷ୍ୟରେ ଚାଲିଥାନ୍ତି ସେ କଣ ଗୁଡ଼ାଏ ଭାବି ଭାବି ।

ହଠାତ୍ ତାଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା, ଗୋଟାଏ ନୂତନ ଆଶାରେ ତାଙ୍କ ଶୁଖିଲା ପ୍ରାଣରେ ବହିଲା ଆଶାର ଝରଣା । ସେ ଚଞ୍ଚଳ ଚଞ୍ଚଳ ଚାଲି ଆସିଲେ ବସାକୁ ।

ନିଜ ଛଦ୍ମବେଶ ବଦଳାଇ ଦେଇ ସେ ରମଣୀକୁ କହିଲେ "ତତେ ବର୍ତ୍ତମାନ କଟକ ଫେରି ଯିବାକୁ ହେବ ରମୁ—ନରହରି ବାବୁଙ୍କ ଜୀବନ ରକ୍ଷା ଦାୟିତ୍ୱ କେବଳ ତୋର, ହେଳାକଲେ ପଛରେ ଅନୁତାପ କରିବାକୁ ପଡ଼ିବ ।

ରମଣୀ ପ୍ରଥମେ କିଛି ବୁଝି ନପାରି ବୋକାଙ୍କ ଭଳି ଅନେଇ ରହିଲେ ରଜନୀବାବୁଙ୍କ ମୁହଁକୁ, ତାପରେ କଣ ଭାବି କହିଲେ, "କେତେବେଳେ କେମିତି କେଉଁଠି ରହି ସାହାଯ୍ୟ କରିବି ମୁଁ" ତାଙ୍କୁ ।

ତାପରେ ଗୁପା କଣ ସେ ଉପଦେଶ ଦେବାକୁ ଲାଗିଲେ ତାଙ୍କୁ । ରମଣୀ ସବୁ ଶୁଣି ବାହାରି ପଡ଼ିଲେ କଟକ, ଚିନ୍ତାମଗ୍ନ ରଜନୀବାବୁ ପୁଣି ଫେରିଗଲେ ତାଙ୍କ ବେଶଘରକୁ ।

ସନ୍ଧ୍ୟା ସମୟ—

ଢଆଁସ ସେବନ—ଘନ ଅନ୍ଧାର—ମୁହଁକୁ ମୁହଁ ଦର୍ଶନ—ରଜନୀବାବୁ ନିଜ ହାତରେ ସେ ତାଙ୍କର ଛଦ୍ମବେଶ ଓ ପୋଷାକପତ୍ର ଥିବା ଷ୍ଟ୍ରେଟ ବାକ୍ସଟିଏ ହାତରେ ଧରି ବାହାରି ପଡ଼ିଲେ ସେଇ ଏକ ମାହାଲା କୋଠାଘର ଆଡ଼କୁ—

ଘରଆଡ଼କୁ ସତର୍କ ଦୃଷ୍ଟି ଦେଇ ଭିତରକୁ ପଶିଲେ ରଜନୀବାବୁ । ତାଙ୍କ ଅନୁମାନ ଠିକ୍ ଅଛି—ସେତେବେଳ ପର୍ଯ୍ୟନ୍ତ ସେ କକ୍ଷରେ କେହି ପଶି-ନାହାନ୍ତି-ସେ ଆସ୍ତେ ଆସ୍ତେ ଯାଇଁ ପୂର୍ବ କଥିତ ଆଲମିରା ପଛପଟେ ଆତ୍ମ-ଗୋପନକଲେ । ମୁଣ୍ଡରେ ତାଙ୍କର ଖେଳି ବୁଲୁଥିଲା କେତେ ଅସ୍ଥିର ଭାବନା··ମୁହଁରେ ଫୁଟି ଉଠୁଥିଲା ସନ୍ଦେହର ଚିହ୍ନ—ହାତ ତାଙ୍କ ଚପି ହୋଇ ରହିଥିଲା ପକେଟସ୍ଥ କଣ ଗୋଟାଏ ଜିନିଷ ଉପରେ—ସେ ଉଦ୍‌ବିଗ୍ନ ଭାବରେ ଅପେକ୍ଷା କରୁଥିଲେ କାହାର—

ଏହି ସମୟରେ ବାହାରେ ଶୁଭିଲା କାହାର ସତର୍କ ପଦଧ୍ୱନି, ରଜନୀବାବୁ ଆପ୍ରାଣ ଚେଷ୍ଟାକରି ଲୁଚାଇଦେଲେ ନିଜକୁ—ସେହି ସମୟରେ କେହି ଜଣେ ପ୍ରବେଶ କଲା ସେ କକ୍ଷରେ—

ରଜନୀବାବୁ ଦେଖିଲେ କଳା ଓଭରକୋଟ୍ ପିନ୍ଧା ଲୋକ ଜଣେ ତନ୍ନ ତନ୍ନ କରି ଅନୁସନ୍ଧାନ କରୁଛି କଣ—କ୍ରମେ କ୍ରମେ ସେ ଅଲମିରା ନିକଟବର୍ତ୍ତୀ ହେଲା—ସୁଯୋଗ ପାଇ ରଜନୀବାବୁ କୁଦି ପଡ଼ିଲେ ତା ଉପରକୁ—ଏ ଆକସ୍ମିକ ଆକ୍ରମଣ ପାଇଁ ପ୍ରସ୍ତୁତ ନ ଥିଲା ସେ । ତେଣୁ ପଡ଼ିଗଲା ତଳେ—ରଜନୀବାବୁ ତା ଛାତି ଉପରେ ବସିଯାଇ ନିଜ ପକେଟରୁ ଗୋଟାଏ ଶିଶି କାଢ଼ିଲେ । ଶିଶିର ଠିପି କାଢ଼ି ଡକାଏତ ନାକ ପାଖରେ ଚପି ଧରିଲାକ୍ଷଣି ଗୋଟାଏ ଅବ୍ୟକ୍ତ ଚିତ୍କାର କରି ଲେଟି ପଡ଼ିଲା ସେ ।

ତାପରେ ରଜନୀ ବାବୁ ବିଜୁଳିବତୀ ଜାଳିଦେଲେ । ଡକାଏତର ପୋଷାକ ପତ୍ର ଅନୁସନ୍ଧାନ କରି ସେ ପାଇଲେ ଖଣ୍ଡେ ଚିଠି - ଗୋଟାଏ ନାଲିକାର୍ଡ଼—ଗୋଟାଏ ଲୋଡ଼େଡ଼୍ ଷ୍ଟ୍ରେଟ ରିଭଲଭର ଏତକ ପାଇ

ରଜନୀବାବୁ ତକାଏତର ପୋଷାକ ପତ୍ର ଓହ୍ଲାଇ ନିଜକୁ ଡକାଏତ ବେଶରେ ସଜାଇବାକୁ ଲଗିଲେ—କିଛି ସମୟ ପରେ ସେ ଡକାଏତର ନିଖୁଣ ଛଦ୍ମବେଶରେ ରୂପାନ୍ତରିତ ହେଲେ ।

ଚିଠିଟା ଖୋଲି ପଢିଲେ ଲେଖାଅଛି—

S. P. R.

ଆଜ ସନ୍ଧ୍ୟାରେ ଯେ କୌଣସି ମତେ ମାଲା କଷରୁ ମୁଁ ଗୁପ୍ତ ଅସିଥିବା କାଡ଼ଟା ନେଇ ଆସିବି । ମୋତେ ଚନ୍ଦ୍ରରଞ୍ଜନ ଏଭିନ୍ୟୁସ୍ଥ ମୁଖର୍ଜି ସଦନରେ ସାକ୍ଷାତ କରିବ । ସାବଧାନ ! ଧୂର୍ତ୍ତ ରଜନୀ ଯେପରି ଏହାର କିଛି ସନ୍ଧାନ ନ ପାଏ ।

ରକ୍ତଲେଖା ।

ରଜନୀବାବୁ ସେ ଗୁପ୍ତକ ସବୁ ପକେଟସ୍ଥ କରି ରାସ୍ତାକୁ ଛୁଟି ଆସିଲେ ଗୋଟାଏ ଟାକସି ଭଡ଼ା କରି—ଗ୍ଭଲିଲେ ଚନ୍ଦ୍ରରଞ୍ଜନ ଏଭିନ୍ୟୁ ଆଡ଼େ । କିଛି ସମୟ ପରେ ସେ ପହଞ୍ଚି ଖୋଜିନେଲେ ମୁଖର୍ଜି ସଦନ ।

କିନ୍ତୁ ଆଶ୍ଚର୍ଯ୍ୟ!!! ମୁଖର୍ଜି ସଦନ ଭିତର ପଟୁ ବନ୍ଦ । ସେ ସାକ୍ଷାତ କରିବେ କାହାକୁ ଏତେ ରାତିରେ—ସେ ଆସିଥିଲେ କଣ ଫେରିଯିବା ପାଇଁ ? ରକ୍ତଲେଖା କଣ ମିଛ ଲେଖିଥିଲା ? ନା—ତାଙ୍କ ଆଖି ଦୋଷ ? ପୁଣି ଥରେ ଭଲକରି ନିରୀକ୍ଷଣ କରି ଦେଖିଲେ ତାଙ୍କ ଚକ୍ଷୁ ଦୋଷ ନୁହେଁ ବଙ୍ଗଳାରେ ବଡ଼ ବଡ଼ ଅକ୍ଷରରେ ଲେଖାଅଛି 'ମୁଖର୍ଜି ସଦନ' ସେ ସାହାସ କରି କବାଟ ବାଡ଼େଇଲେ ।

କିଛି ସମୟ ପରେ ସତକୁ ସତ କବାଟ ଖୋଲିଲା । ରଜନୀବାବୁଙ୍କ ଦେହରେ ଜୀବନ ପଶିଲା । ସେ ଗ୍ଭହିଁଲେ ଜଣେ ବୃଦ୍ଧା କବାଟ ଖୋଲିଛି, ସେ ପଚାରିଲା କିଏ ? ସୂର୍ଯ୍ୟ ପ୍ରସାଦ ? ଆଖିରେ ତାର ସନ୍ଦେହର ଲକ୍ଷଣ । ରଜନୀବାବୁଙ୍କ ଗୁପ୍ତ ଅରିଲା ତାଙ୍କ ଛଦ୍ମବେଶ କଣ ଜଣା ପଡ଼ିଯାଇଛି । ତଥାପି ସେ ସାହାସ ସଞ୍ଚୟ କରି କହିଲେ । ହଁ ମାଲିକ କାହାନ୍ତି ।

ବୃଦ୍ଧା ଅଧିକ ସନ୍ଦିଗ୍ଧା ହୋଇ ଉଠିଲେ । ସେ ରୁକ୍ଷ କଣ୍ଠରେ ପଚାରିଲେ 'ରଜନି ! ତୁମ କାର୍ଡ଼୍ କାହିଁ ? ତୁମେ ବୋକାଙ୍କ ଭଳି କଣ ହେଉଛ ? ଆଜି କଣ ବେଶୀ ମଦ ଖାଇଛ ନା' କଣ ?

ବିନୀତ କଣ୍ଠରେ ରଜନୀବାବୁ କହିଲେ, ହଁ—କ୍ଲବରେ ବେଶୀ ଟିକିଏ ଖାଇ ଦେଇଛୁ, ମାପ କରନ୍ତୁ...ତା ପରେ ପକେଟରୁ କାର୍ଡ଼୍ଟା କାଢ଼ି ବଢ଼ାଇ ଦେଲେ । ଏଥର ବୃଦ୍ଧାଙ୍କ ମନ ଆକାଶରୁ ସନ୍ଦେହର ମେଘ ଅପସରି ଗଲା । ସେ କହିଲେ ଯାଅ । ଆଗ ରୁମରେ ଯେଉଁଠି ଆଲୁଅ ଜଳୁଛି ସେ ଘରେ ମାଲିକ ଅଛନ୍ତି ।

ରଜନୀବାବୁ ଆଗେଇଲେ । ତାଙ୍କ ପାଦ ଟଳେ ଟଳେ ଅଟକି ଯାଉଥାଏ । ସତେ ଯେପରି ସେ ଫାଶୀ ମୁହଁକୁ ଯାଉଛନ୍ତି । କିଛି ସମୟ ପରେ ସେ କକ୍ଷ ନିକଟବର୍ତ୍ତୀ ହେଲେ ।

କିନ୍ତୁ ସେ ଦେଖିଲେ କଣ ? ବସ୍ତୁସ୍ଥରେ ଗୋଡ଼ ତାଙ୍କର ଅଟକି ଗଲା । ଜଣେ ଯୁବତୀ ବସିଛି ଗୋଟିଏ ଆରାମ ଚେୟାରରେ—ଉପରକୁ ମୁହଁ କରି ସେ ଖୁବ ବ୍ୟସ୍ତ କଣ । ରଜନୀବାବୁ ଯାଇଁ ଅଭିବାଦନ ଜଣାଇଲେ ।

ଯୁବତୀ ପ୍ରତି ଅଭିବାଦନ ଜଣାଇ କହିଲେ 'କିଛି ଅସୁବିଧା ହେଲା ? କଣ କାର୍ଡ଼୍ଟା ଆଣିଛ ନା ?

ରଜନୀବାବୁ ନୀରବରେ କାର୍ଡ଼୍ଟା କାଢ଼ି ବଢ଼ାଇ ଦେଲେ । କାର୍ଡ଼୍ଟା ନେଇ ଯୁବତୀ ଜଣକ ହସିଲା ମୁହଁରେ କହିଲା 'ତୁମକୁ ଶତ ଧନ୍ୟବାଦ ସୂର୍ଯ୍ୟସ୍ୱ ତୁମେ ବର୍ତ୍ତମାନ ବିଶ୍ରାମ କକ୍ଷକୁ ଯାଅ ।"

ରଜନୀବାବୁ କୁଆଡ଼କୁ ଯିବେ ଜାଣି ପାରିଲେ ନାହିଁ । ତଥାପି ସାହାସ ହେଉ ନ ଥାଏ ପଚାରିବାକୁ । ଯୁବତୀଜଣକ ମୃଦୁ ହସି କହିଲେ ତୁମକୁ ମୁଁ କେତେଥର କହିଲିଣି ରଜନି । ତୁମେ ମଦ ଖାଇବ ନାହିଁ ।

ତୁମେ ବାରମ୍ବାର ମୋ ଆଦେଶ ଅମାନ୍ୟ କରୁଛ । ଯାଅ ।' ତାପରେ ସେ କଲିଂବେଲ୍ ବଜାଇଲେ କିଛି ସମୟ ପରେ ଜଣେ ହୃଷ୍ଟପୁଷ୍ଟ ଯୁବକ କକ୍ଷରେ ପ୍ରବେଶ କଲା । ସୁବନ୍ତ ଆଦେଶ ଦେଲେ ତୁମ ସୂର୍ଯ୍ୟ ସ୍ୱପ୍ନଙ୍କୁ ତାଙ୍କ ବିଶ୍ରାମଗାରକୁ ନେଇଯାଅ । ସାବଧାନ ସେ ବେଶୀ ପରିମାଣରେ ମଦ ଖାଇ ଦେଇଛନ୍ତି ।

ଯୁବକ ନୀରବରେ ପଥ ଦେଖାଇଲା ଏବଂ ନିର୍ବଙ୍କ ଭଳି ମନୁଷ୍ୟଙ୍କ ଭଳି ଅଭିନୟ କରି ତାର ଅନୁସରଣ କଲେ ରଜନୀବାବୁ—

## —ବାର—

ଦିନ ବାରଟା ହେବ

ଖାଇବାବେଳ ଗଡ଼ିଗଲାଣି ତଥାପି ସ୍ୱପ୍ନସାହେବ ନରହରିବାବୁ ଆରାମଚେୟାର ଉପରେ ବସି ଥାଆନ୍ତି ଦର୍ଶକଙ୍କ ଭଳି । ହାତରେ ତାଙ୍କର ଗୋଟାଏ ଖୋଲା ଲଫାଫା । ବାରମ୍ବାର ସେ ଲଫାଫା ଭିତରୁ ନାଲି କାଗଜ ଖଣ୍ଡିକ ବାହାର କରି ପଢ଼ୁଛନ୍ତି ଓ ପୁଣି ଲଫାଫାରେ ପୁରାଇ ରଖୁଥାଏ କଣ ଭାବୁଛନ୍ତି—ତାଙ୍କ ହସିଲା ମୁହଁରୁ ଫିକା ଫୁଟି ଯାଉଛି—ଯନ୍ତ୍ରଣା—ଆଶଙ୍କାରେ ମୁଖମଣ୍ଡଳ ତାଙ୍କର ବିକୃତ—ମୁହାଁର ଡାକିଲା ।

'ବାବୁ ଭାତ ଶୁଖିଗଲା, ଖାଇବେ ଆସନ୍ତୁ ।

ଚିତ୍କାର ଉଠିଲେ ସ୍ୱପ୍ନସାହେବ । ବନ୍ଧୁର ଚୁଆରଟି ଡରି ମରି ପଳାଇ ଯାଇ ବର୍ତ୍ତିଗଲା । ସେ ଲକ୍ଷ୍ୟ କରୁଛି ଏଇ କେଇଦିନ ହେଲା ବାବୁ କେମିତି ଚଢ଼ା ଧରି ଯାଉଛନ୍ତି । କିଛି ପଚାରିଲେ ବିନା କାରଣରେ ମୁହଁ ଚଢ଼ି ଚିଡ଼ି ହେବା ତାଙ୍କର ଗୋଟାଏ ଅଭ୍ୟାସ ହୋଇ ଗଲାଣି ।

ଚୁଆର ଚାଲିଯିବା ପରେ ସ୍ୱପ୍ନସାହେବ ପୁଣି ଲଫାଫାରୁ କାଗଜଟା କାଢ଼ି ପଢ଼ିଲେ ଲେଖା ଅଛି—

ରାୟସାହେବ !

ଆମର ସଦିଚ୍ଛା ନେବ । କୌଶଳରେ ଆମକୁ ଠକି ଦେଇ ଯେଉଁ ଆତ୍ମପ୍ରସାଦ ଲାଭ କରୁଥିବ, ତାର ଗୋଟାଏ ମଧୁର ସମାପନ ଆମର କାମ୍ୟ । ନକଲି ହୀରାହାରଟାଏ ଆମକୁ ଦେଇ, ଭାବୁଥିବ ତୁମେଇ ଏ ଦୁନିଆରେ ଏକମାତ୍ର ବୁଦ୍ଧିଆ ଲୋକ । କିନ୍ତୁ ଏ ଭୁଲର ପ୍ରାୟଶ୍ଚିତ ତୁମକୁ କରିବାକୁ ପଡ଼ିବ ନିଜର ରକ୍ତଦେଇ ।

କାଲି ରାତି ବାରଟାରେ ଅସଲ ହୀରାହାରଟି ପାଇଁ ଆମର ଜଣେ କର୍ମଚାରୀ ଯିବେ । ନିର୍ବିବାଦରେ ସେଇଟି ତାଙ୍କ ହାତରେ ଅର୍ପଣ କରି ନଦେଲେ ତାର ବିଷମୟ ଫଳ ଭୋଗକରିବ ।

ଆଉ ସାବଧାନ—ଏ ଖବର ପୁଲିସରେ ଦେବାର ଅପଚେଷ୍ଟା କଲେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଏ ସଂସାରରୁ ତୁମକୁ ବିଦାୟ ଦେଇ ଯିବାକୁ ହେବ ।

ଆଶାକରେ ଆଉ ପୂର୍ବ ପ୍ରତାରଣାର ପୁନରାବୃତ୍ତି କରି ନିଜ ଜୀବନକୁ ବିପଦ ମୁହଁକୁ ଠେଲିଦେବନାହିଁ ।

ଇତି,
ତୁମର
ରକ୍ତଲେଖା

ତାପରେ ପୁଣି ସେଇଟିକୁ···ଭୁଲିଯାଇଥିଲେ, ରାୟସାହେବ ଭାବିବାକୁ ଲାଗିଲେ, ନକଲି ହୀରାହାର କଥା କଣ କିଏ ଲେଖିଛି ? ଅସଲ ହୀରାହାର ତାଙ୍କ ପାଖରେ କାହିଁ ? ସେ ରହସ୍ୟ କିଛି ବୁଝି ପାରିଲେ ନାହିଁ । ତାଙ୍କ ଆଖିରେ ଭାସି ଉଠିଲା କାଲି ରାତିର ୧୨ଟା ବେଳେ...କୁଆଡୁ ଆଣିବେ ସେ ପୁଣି ଗୋଟାଏ ଅସଲି ହାର ? ନଚେତ୍···ନଚେତ୍···ତାଙ୍କୁ ବରଣ କରି ନେବାକୁ ହେବ ନିଷ୍ଠୁର ମୃତ୍ୟୁ···ସେ ଆଉ ଆଗକୁ ଭାବି ପାରିଲେ ନାହିଁ—କଳ୍ପନା କରିବାକୁ ସାହସ ତାଙ୍କର କୁଳେଇଲା ନାହିଁ....ତାଙ୍କ ମସ୍ତିଷ୍କର ସ୍ନାୟୁନାଡ଼ୀ ସବୁ ଚଟ୍‌ ଚଟ୍‌ ଛିଡ଼ିଗଲା....

"ବାବୁ...ବାହାରେ କିଏ ଅପେକ୍ଷା କରୁଛି ?··ଦରୱାନ୍ କହିଲା—
"କିଏ ? କେମିତିଆ ଲୋକ ? ଅଳ୍ପ ଡେଙ୍ଗା ଗୌରବର୍ଣ୍ଣ ବଳିଷ୍ଠ ଯୁବକ ଜଣେ ?"
"ହଁ......
ଆନନ୍ଦରେ ନରହରି ବାବୁ କହିଲେ, "ହଁ—ହଁ—ତାଙ୍କୁ ଆସିବାକୁ ଦିଅ—ଏ ଦୁର୍ଯୋଗରେ ସେ ମୋର ଏକମାତ୍ର ସହାୟକ—ପରମବନ୍ଧୁ—

ଦରୱାନ୍ ଚାଲିଯିବା ପରେ ନରହରି ବାବୁ ଭାବିଲେ—ଯୁବକ ଆଗରେ କିପରି ସେ କଥାଟା ପ୍ରକାଶ କରିବେ । ଘରଦ୍ୱାର କଥା କହିଲେ ସେ ଯଦି ମୂଳରୁ ଭୁଟି ବସେ ତେବେ ସର୍ବନାଶ । ଭାବି ଭାବି ନରହରି ବାବୁ ଚିନ୍ତାକୁଳ ହୋଇ ପଡ଼ିଲେ ।
"ନମସ୍ତେ··ଆଗନ୍ତୁକ ଯୁବକ ହସ ହସ ମୁହଁରେ ଅଭିନନ୍ଦନ ଜଣାଇଲେ ।

ପ୍ରତି ନମସ୍କାର ଜଣାଇ ନରହରି ବାବୁ ତାଙ୍କୁ ବସିବାକୁ ଗୋଟିଏ ଚେୟାର ଦେଖାଇ ଦେଲେ । ଯୁବକ ବସିବାପରେ ନରହରି ବାବୁ ପଚାରିଲେ, "ତୁମେ ଗୁଳିର ଭୈରବ ଯୁବକ ?
—"ହଁ ।
—"ତୁମ' ନା
—"ରଘୁ,
—"ବେଶ୍, ବେଶ୍ । କିନ୍ତୁ ଗୋଟିଏ କଥା, ତୁମକୁ ବନ୍ଧୁକ ଚାଳନା ଆସେ ?
—"ଆପଣ କିପରି ଜାଣିଲେ । କିଛିଦିନ ମୁଁ ଯୁଦ୍ଧ ବିଭାଗରେ କାମ କରିଥିଲି । ବନ୍ଧୁକ ଚାଳନା ଆସେ । କାହିଁକି ? ବନ୍ଧୁକ ଚାଳନାର ଆବଶ୍ୟକତା କଣ ?,
—"ସେ କଥା ବୁଝିନାହିଁ ରଘୁ । ମୁଁ ବଡ଼ ବିପଦରେ ପଡ଼ିଛି । ପାଂଚୋଟି ଡକାଏତ୍ ଖଣ୍ଡମତ ମୋ ପଛରେ ଲାଗିଛନ୍ତି । ସେମାନେ ଧମକ ଦେଇଛନ୍ତି କାଲି ରାତି ବାରଟାବେଳେ ମୋ ଉପରେ ଆକ୍ରମଣ କରିବେ !
—"ସତେ ? ଆପଣ ପୋଲିସକୁ ଖବର ଦେଇଛନ୍ତି ?

—"ସେକଥା କୁହନାହିଁ ରଘୁ । ତୁମେଇ ମୋ ବିପଦରେ ଏକ ମାତ୍ର ସହାୟକ । ଘୁଣାକ୍ଷରରେ ଏକଥା ଯେପରି ବାହାରେ ପ୍ରକାଶିତ ନହୁଏ । ନଚେତ୍ ସର୍ବନାଶ ହେବ । କାଲି ବାରଟା ପୂର୍ବରୁ ତୁଏଣ ମୋତେ ବିଦାୟ ନେଇ ଯିବାକୁ ହେବ ।

ଆଶ୍ଚର୍ଯ୍ୟରେ ରଘୁ ସ୍ଥାଣୁ ପାଲଟି ଯାଇଥିଲା । ସେବୁଝି ପାରୁ ନଥିଲା ଜଣେ ସାମାନ୍ୟ ନୂଆ ଚାକର ଉପରେ ନରହରି ବାବୁ ଏତେ ବିଶ୍ୱାସ କରି ନିଜର ଜୀବନ ନିର୍ଭର କରୁଛନ୍ତି କିପରି ? ପୋଲିସକୁ ଖବର ଦେବାକୁ ତାଙ୍କର ଏତେ କୁଣ୍ଠା କାହିଁକି ? କିନ୍ତୁ ରଘୁ ଜାଣି ପାରୁନଥିଲା ପୋଲିସ ସାହାଯ୍ୟ ଗ୍ରହିଁଲେ ପୁଣି ସେ ଷ୍ଟରାହାର କଥା ଉଠିବ ବୋଲି ରାୟ ସାହେବ ପୋଲିସ ସାହାଯ୍ୟ ଚାହୁଁ ନଥିଲେ ।

ଖାଇବାକୁ ରାୟ ସାହେବ ଚାଲିଗଲା ପରେ କୌଶଳରେ ରଘୁ ଚିଠିଟା ପଢ଼ି ଅତ୍ୟନ୍ତ ବିସ୍ମିତ ହୋଇ ଉଠିଲା । ତା ମୁଖମଣ୍ଡଳରେ ଫୁଟି ଉଠିଲା ଗୋଟାଏ ପ୍ରଶ୍ନବାଚୀ ଚିହ୍ନ ।

× × × ×

ଡହିଁଆରଦନ ଗଡ ଫାର୍'ଷ୍ଟ—

ଷ୍ଟରଆଡ଼ ଶୁନ୍‌ଶାନ୍ । ବହଳ ଅନ୍ଧାର ଭିତରେ କିଛି କୁଆଡ଼େ ଦିଶୁନି । ନିଶୀଥ ଟିଟିଭର ଚିତ୍କାରରେ ନୈଶ୍ୟ ନୀରବତା ଭାଙ୍ଗିଯାଉଛି । ବହୁ ଦୂରରୁ ଭାସି ଆସୁଛି ଶ୍ୱାନ, ଶୃଗାଳଙ୍କ ବିକଟ ଚିତ୍କାର । ଏହି ସମୟରେ ଝଲକାଏ ଆଲୁଅ ପଡ଼ିଲା ରାୟ ସାହେବଙ୍କ ଶୟନ କକ୍ଷର ଝରକାର ଲୁହା ରେଲିଂ ଉପରେ···ଆସ୍ତେ ଆସ୍ତେ ଲୁହା ରେଲିଂ ତରଳିବାକୁ ଲାଗିଲା—କିଛି ସମୟ ପରେ ଝରକା ଉନ୍ମୁକ୍ତ—

ନିର୍ବିବାଦରେ ଜଣେ କଳା ପୋଷାକ ପିନ୍ଧା ଲୋକ କକ୍ଷ ଭିତରେ ପଶି ନିଦ୍ରିତ ରାୟ ସାହେବଙ୍କ ଉଦ୍ଦେଶ୍ୟରେ ତିନଥର ଫୁଟାଇଲା ପିସ୍ତଲ—ଗୁଡ଼ୁମ୍ ·· ଗୁଡ଼ୁମ୍...ଗୁଡ଼ୁମ୍ । ତିନିବାର ଅଗ୍ନି ବାଣ୍ଡକର ଛୁଟିଗଲା ତିନୋଟା ବୁଲେଟ୍

ତାପରେ ସେ ଯୁବକ ଜଣକ ହସି ଉଠିଲା···ହାଃ...ହାଃ··ହାଃ··ଗୁମ୍ · ପୁଣି ଗୋଟାଏ ଗୁଳି ଛୁଟିଲା ସେ ବଳା ପୋଷାକପିନ୍ଧା ଡକାଏତର ଉଦ୍ଦେଶ୍ୟରେ··ଗୋଟାଏ କ୍ଷୀଣ ଆର୍ତ୍ତନାଦ କରି ଡକାଏତ ଝରକା ଡେଇଁ ପବନ ବେଗରେ ଦଉଡ଼ି ପଳାଇଲା ଏବଂ ଭଗ୍ନ ମନୋରଥରେ ରଘୁଆ ଫେରି ଆସିଲା କକ୍ଷକୁ । ଆଖିରେ ତାର ପ୍ରତିହିଂସାର ନିଆଁ ଜଳୁଥିଲା ।

ଆରଦିନ ସକାଳେ—

ସ୍ମିଥ ସାହେବ ଆଖି ଖୋଲି ଦେଖିଲେ ତାଙ୍କ ପାଖରେ ବସି ରଘୁଆ ଶୁଶ୍ରୂ—ଷା କରୁଛି । ସେ ନିଜକୁ ହାଲିଆ ମନେ କରୁଛନ୍ତି । କିନ୍ତୁ କିଛି ବୁଝି ପାରିଲେ ନାହିଁ, ରଘୁଆ ପଚାରିଲା—

—"ଭଲ ଲାଗୁଛି ଦେହ ?

—"ହଁ—କାଲି ରାତିରେ କ'ଣ ହେଲା ? ମୁଁ ଏଠିକି ଆସିଲି କେମିତି ?

ରଘୁଆ ମୃଦୁ ହସି କହିଲା, "କାଲି ରାତି ଦଶଟା ପୁଲା ଆପଣଙ୍କୁ ରକ୍ଷା କରିବାର ଅନ୍ୟ କିଛି ଉପାୟ ନପାଇ ବାଧ ହୋଇ ଆପଣଙ୍କୁ ଟେକି ଆଣି ଏଘରେ ଶୁଆଇଦେଲି । କାରଣ ରକ୍ତଲୋଭୀ ଯାହାଲେଖେ ତାହା ନିଶ୍ଚୟ ପାଳନ କରେ । ଆପଣଙ୍କୁ ଏ ଘରକୁ ନେଇ ଆସିନଥିଲେ କାଲି ଆପଣଙ୍କୁ ଶେଷ ନିଶ୍ୱାସ ଛାଡ଼ିବାକୁ ପଡ଼ିଥାନ୍ତା ।"

ରଘୁଆ କଥା ଶୁଣି ଶୁଣି ସ୍ମିଥ ସାହେବ ଚକିତ ହୋଇ ଯାଉଥିଲେ । ସେ ବିସ୍ମୟରେ ପଚାରିଲେ—

—"ରକ୍ତଲୋଭୀ କଥା ତୁ କେମିତି ଜାଣିଲୁ ?

—"କାଲି ଆପଣ ଖାଇବାକୁ ଯିବା ପରେ ଆପଣଙ୍କ ଚିଠିଟା ମୁଁ ପଢ଼ି ନେଇଥିଲି ।

—"ତୁ କେମିତି ଜାଣିଲୁ ରକ୍ତଲୋଭୀ ଯାହା କହେ ତା ଅବଶ୍ୟ କରେ ?

—"ଖବର କାଗଜରେ ଥରେ ପଢ଼ିଥିଲି । ସେ କାହାକୁ ଧମକ ଦେଇ ଟ୍ରେନ୍‌ରେ ତାଠାରୁ ଧନ ଛଡ଼ାଇ ନେବ ବୋଲି ଲେଖିଥିଲା । ସେ ଲୋକ ସି. ଆଇ. ଡି. ପୋଲିସର ସାହାଯ୍ୟ ନେଇ ସୁଦ୍ଧା ରକ୍ଷା ପାଇ ପାରିଲାନାହିଁ ।

ଆପଣ କଣ ସେ ସମ୍ବାଦଟା ପଢ଼ିନାହାନ୍ତି ? ସବୁ ଓଡ଼ିଆ କାଗଜରେ ତ ସେ ସମ୍ବାଦଟା ବାହାରିଥିଲା ।

ରାୟ ସାହେବ ମୁଣ୍ଡହଲାଇ ମନା କରିଦେଲେ । ସେ ବିସ୍ମିତ ହୋଇ ଯାଉଥିଲେ ସାମାନ୍ୟ ଚାକରର ରଘୁଆର ଅସାଧାରଣ ବୁଦ୍ଧି ଦେଖି । ସେ ସମ୍ବାଦ ବିଷୟରେ ଅଧିକ ଆଲୋଚନା ତାଙ୍କର ଉଦ୍ଦେଶ୍ୟ ନଥିଲା । କାଲି ରାତିରେ ଅସଲ କଣ ସବୁ ଘଟିଛି ବୋଲି ସେ ପୁଣି ପଚାରିଲେ ।

ରଘୁଆ କହିଲା ଆପଣଙ୍କୁ ଏ ଘରେ ଶୁଆଇ ଗୋଟାଏ ହେଂସ ଗୁରାକୁ ବସ୍ତ୍ରାଚ୍ଛାଦିତ କରି ଆପଣଙ୍କ ପଲଙ୍କ ଉପରେ ଶୁଆଇ ଦେଲି । ଠିକ୍ ଯେମିତି ଲୋକମାନେ ବୁଝିବେ ଆପଣ ସେଠାରେ ଶୋଇଛନ୍ତି । ସତକୁ ସତ ଏକ ପ୍ରକାର ଆଲୁଅର ଦ୍ୱାରା ସେ ଲୁହା ରେଲିଂ କାଟିଲାଇ ଆପଣଙ୍କ କକ୍ଷରେ ପଶି ହେଂସଗୁରା ଉଦ୍ଦେଶ୍ୟରେ ୩ ଥର ବନ୍ଧୁକ ଫୁଟାଇ ପଳାଇଥିଲେ । ମୁଁ ସିନ୍ଦୁକ ପଛପଟେ ଆତ୍ମଗୋପନ କରିଥିଲି । ସେ ଗୁଳିଗୁଡ଼ିକ ସନ୍ଧିସ୍ଥଳରେ ଗୁଳି ଫୁଟାଇଲେ କିନ୍ତୁ ତାହା ଲକ୍ଷ୍ୟ ଭ୍ରଷ୍ଟ ହୋଇଗଲା ।

ତାପରେ ରାୟସାହେବ ତାଙ୍କ ନିଜ ଶୟନ କକ୍ଷକୁ ଯାଇ ସବୁ ଦଶା ଦେଖି ପ୍ରକୃତ କଥା ବୁଝିପାରିଲେ । ରଘୁଆର ତୀକ୍ଷ୍ଣ ବୁଦ୍ଧି ପାଇଁ ମୁଣ୍ଡ ତାଙ୍କର ନଇଁ ପଡ଼ିଲା ।

## —ଚୋର—

ରଜନୀବାବୁ ବାହାରକୁ ଯାଇଁ ଦେଖନ୍ତି ତ ପ୍ରଭାତ ସୂର୍ଯ୍ୟ ଉଇଁ ଆସିଲେଣି । ସମୟ ଆଠଟା ପର୍ଯ୍ୟନ୍ତ ହେବ । ଏତେ ସମୟ ଶୋଇପଡ଼ିଥିବାରୁ ସେ ଲଜ୍ଜିତ ହୋଇ ପଡ଼ିଲେ । ତରତର କରି ଉଠି ଆସି ଦେଖିଲେ ବାହାରେ କେହି ନାହାନ୍ତି । ସେ ଆଶ୍ଚର୍ଯ୍ୟ ହୋଇଗଲେ— ବୁଝି ପାରିଲେ ନାହିଁ ସେ କଣ କରିବେ । ଅନ୍ୟ କକ୍ଷଗୁଡ଼ାକ ତନ୍ନ ତନ୍ନ ଖୋଜି ନିରାଶାରେ ସେ ପୁଣି ନିଜ ଶୟନ କକ୍ଷକୁ ଯାଇଁ ଦେଖନ୍ତି ତ

ତାଙ୍କ ମୁଣ୍ଡ ଉପରେ ଥୁଆ ହୋଇଛି ଗୋଟାଏ ଚିଠି । ପଢ଼ିଲେ ଲେଖାଅଛି —

"ସୂର୍ଯ୍ୟପ୍ରସାଦରାୟ,

ତୁମେ ଏ ଚିଠି ପଢ଼ି ବଡ଼ବଜାରସ୍ଥ ନିଉହୋଟେଲକୁ ଚାଲିଯିବ । ଏ ଚିଠି ଦେଖାଇଲେ ସେମାନେ ତୁମର ଉପଯୁକ୍ତ ବନ୍ଦୋବସ୍ତ କରିବେ । ସାବଧାନ—ବାଟରେ ପୋଲିସ ତୁମ ପିଛା ନେବ—କାରଣ ମୁଖର୍ଜି ସଦନ ବର୍ତ୍ତମାନ ପୋଲିସ ଗୋଏନ୍ଦାଙ୍କ ସନ୍ଦେହ ସ୍ଥଳ ହୋଇ ପଡ଼ିଛି ।

। ଇତି ।

ରକ୍ତଲେଖା

ରଜନୀବାବୁଙ୍କ ମୁଣ୍ଡ ଗୋଳମାଳ ହୋଇଗଲା । କମ୍ ଚାଲାକ ନୁହନ୍ତି ତ ଏମାନେ । ଏମାନଙ୍କ ପ୍ରକୃତ ଆଡ୍ଡା ସ୍ଥଳ କେଉଁଠି ? କଲିକତା ସହରର କେଉଁ ଗଳିରେ ଏମାନଙ୍କର ଶାଖା ନାହିଁ ? ସେ ତରତର କରି ମୁଖର୍ଜି ସଦନ ଛାଡ଼ି ରାସ୍ତା ଉପରକୁ ଚାଲି ଆସିଲେ । ସାଙ୍ଗେ ସାଙ୍ଗେ ଭିତରପଟୁ କବାଟ କିଏ ବନ୍ଦ କରିଦେଲା । ରଜନୀବାବୁ କିଛିବାଟ ଆସି ପଛକୁ ଫେରି ଚାହିଁଲେ—ପ୍ରକୃତରେ ପୋଲିସ ତାଙ୍କ ପିଛା ନେଉଛି କି ନାହିଁ ଜାଣିନେବା ତାଙ୍କର ଉଦ୍ଦେଶ୍ୟ ।

ଗୋଟାଏ ଟାକ୍ସି ଭଡ଼ା କରି ନିଉହୋଟେଲରେ ସେ ପହଞ୍ଚିଲେ । ପାରାଡ଼ାଇଜ୍ ହୋଟେଲ୍ ଭଳି ସେଠାରେ ଜନଗହଳି ନାହିଁ—ଏକମହଲା କୋଠାଟିଏ—ରଜନୀବାବୁ ଯାଇଁ ମ୍ୟାନେଜରଙ୍କୁ ଚିଠିଟା ଦେଖାଇଲାକ୍ଷଣି ସେ ଖାଇବା ପିଇବା ବନ୍ଦୋବସ୍ତ କରିଦେଲା ।

ଖାଇପିଇ ରଜନୀବାବୁ ଗୋଟାଏ ଖଟ ଉପରେ ଶୋଇ ଭାବୁଥାନ୍ତି ସେ କଣ କରିବେ । ଏମିତି ଖାଇପିଇ ବେଇଠା ଦିନ କଟେଇବେ ନା ତାଙ୍କ ଉପରେ ଥିବା ଦାୟିତ୍ୱର ସମାଧାନ କରିବେ ।

ତାଙ୍କ ଅନୁପସ୍ଥିତରେ କଣ ସବୁ ହେବଣି ସେ ଜାଣି ନପାରି ଛଟପଟ ହେଉଥାଆନ୍ତି । ଏହି ସମୟରେ ଜଣେ ଅନୁଚର ଖବର ଦେଲା ତୁମକୁ ମାଲିକ ଡାକୁଛନ୍ତି ବନା ବାକ୍ୟ ବ୍ୟୟରେ ରଜନୀବାବୁ ତ ପଛେ ପଛେ ଗ୍ଲେଲେ । କିଛି ସମୟ ପରେ ଅନୁଚର ଜଣଙ୍କ ତାଙ୍କ ଆଖିକୁ ଗୋଟାଏ ରୁମାଲରେ ବାନ୍ଧି ଦେଲା—କାରଣ କିଛି ବୁଝି ପାରଲେ ନାହିଁ ରଜନୀବାବୁ ।

ତାପରେ ସେ କେଉଁ ଆଡ଼େ ଯାଉଛନ୍ତି ବୁଝିପାରଲେ ନାହିଁ । ତାଙ୍କ ଆଖିରୁ ରୁମାଲ୍ ଖୋଲିଦେଲାକ୍ଷଣି ସେ ଦେଖିଲେ ଗୋଟିଏ ଅନ୍ଧାରୁଆ କକ୍ଷରେ ସେ ପହଞ୍ଚିଛନ୍ତି—ବନରେ ଦୁଇ ସେ କକ୍ଷରେ ଜଳୁଛି ବିଜୁଳି ଆଲୁଅ । ପାଖରେ ଜଣେ ଯୁବକ କଳାପୋଷାକ ପିନ୍ଧି ବସିଛନ୍ତି । ସେ ପହଞ୍ଚିବାକ୍ଷଣି ଯୁବକ ତାଙ୍କୁ ଗୋଟାଏ ଚେୟାରରେ ବସିବାକୁ ଇଙ୍ଗିତ ଦେଇ ପଚାରିଲେ—

ମଦନଙ୍କ ମୁଣ୍ଡରୁ ଖସିଗଲାଣି ?

ରଜନୀବାବୁ ନୀରବ ରହିଲେ । ସେ ଅନୁମାନ କଲେ ଏଇ ଯୁବକକୁ ସେ ପାର୍ଡ଼ାଇଜ୍ ହୋଟେଲରେ ଉପଦେଶ ଦେବାର ଦେଖିଛନ୍ତି—ଏଇ ଜଣେ ତାଙ୍କର ଅଭିଳଷିତ ରକ୍ତଲୋଲୁପ—ତାଙ୍କର ଇଚ୍ଛା ହେଉଥିଲା ପକେଟରୁ ତାଙ୍କ ଲୋଡ଼େଡ଼୍ ରିଭଲ୍‌ଭର କାଢ଼ି ଗୋଟାଏ ଦୁଇଟା ଗୁଳିରେ ଫୁଟାଇ ଦଅନ୍ତେ ସେ ରକ୍ତଲୋଲୁପର ଦେହ । ତେବେ ତାଙ୍କୁ ଆଉ ଏତେ ରହସ୍ୟର ଅନୁସନ୍ଧାନ କରିବାକୁ ପଡ଼ନ୍ତା ନାହିଁ ।

ରଜନୀବାବୁଙ୍କୁ ନୀରବ ଦେଖି ଯୁବକ ଚତ୍କାର କରି ଉଠିଲା—
"ସୂର୍ଯ୍ୟରାୟ, ତୁମେ ଗୋଏନ୍ଦା ରଜନୀର କିଛି ସନ୍ଦେହ ପାଇଛ ?
"ନା, ସାର—"

ହୋ ହୋ କରି ହସି ଉଠିଲା ଯୁବକ । ତାପରେ କହିଲା—ତୁମେ କେମିତି ଜାଣିବ ସୂର୍ଯ୍ୟ ବୁଝାବ । ତୁମେ ତ ରକ୍ତଲୋଭୀର ହାତରେ

ହାତକଡ଼ି ପକାଇବା ପାଇଁ ଅସଲ ସୂର୍ଯ୍ୟବାବୁଙ୍କୁ ହତ୍ୟା କରିବାକୁ ଲାଗିଥିଲ—

କଥା ଶୁଣୁ ଶୁଣୁ ରଜନୀବାବୁଙ୍କ ଦେହ ଥର ଉଠିଲା । ଆଶ୍ଚର୍ଯ୍ୟ ! ହଠାତ୍ ତାଙ୍କ ପାଟିରୁ ବାହାରି ପଡ଼ିଲା ଆଶ୍ଚର୍ଯ୍ୟ ! !

—"ହିଁ—ହିଁ ସବୁ ଆଶ୍ଚର୍ଯ୍ୟ ରଜନୀବାବୁ ସବୁ ଆଶ୍ଚର୍ଯ୍ୟ । ଆଶ୍ଚର୍ଯ୍ୟର କଥା କଣ ନୁହେଁ ଆଜ ରକ୍ତଲୋଭୀର ସାମ୍ନାରେ ଠିଆ ହୋଇ କଥାବାର୍ତ୍ତା କରିବା ? ଏହାଠାରୁ ଅଧିକ ଆଶ୍ଚର୍ଯ୍ୟ କଣ ଥାଇପାରେ ? କିନ୍ତୁ ମନେରଖ ଉଦ୍ଧତ ଯୁବକ । ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୁରାଇବାର ଔଦ୍ଧତ୍ୟ ରକ୍ତଲୋଭୀ ପକ୍ଷରେ ଅସହଣୀୟ । ଜଳନ୍ତା ନିଆଁକୁ ପାଣି ପକେଇ କେମିତି ଲିଭାଇ ଦେବାକୁ ପଡ଼େ ସେକଥା ମୋଠାରେ ଶିଖିବାକୁ ପଡ଼ିବ ତାହିଁ ।

ରଜନୀବାବୁ ହଠାତ୍ ପକେଟରୁ ତାଙ୍କ ଅଟୋମେଟିକ୍ ଅଗ୍ନେୟାସ୍ତ୍ର ଖଣ୍ଡିକ ଟେକ ଧରି ଚତ୍କାର କରି ଉଠିଲେ—ଗୁଲାଇ କରନା ରକ୍ତ ପିପାସୁ—ଅପହରଣ କରି ଆଣିଥିବା ଅଲବମ୍‌ଟି ମୋ ହାତକୁ ଟେକି ନ ଦେଲେ ଏଇ ଅବାଧ ଗୁଳିଭାରି ହିଁ ଆ ରାୟ କରିନେବ ।

ରକ୍ତଲୋଭୀ ହସି ଉଠିଲେ ହାଃ···ହାଃ···ହାଃ ସ୍ୱରେ ଯେପରି ତା ହସରେ ଭାଙ୍ଗି ପଡ଼ିବ ଘରଟା । ଏମିତି ହସ ଶୁଣିବା ରଜନୀବାବୁଙ୍କ ପକ୍ଷରେ ନୂଆ । ତାଙ୍କର ମନେ ହେଲା ସତେ ଯେପରି ଲୋକଟା ପାଗଳ ହୋଇ ଯାଇଛି । ତା ପରେ ସେ କହିଲା —

ମୋତେ ହସାଇଲ ରଜନୀବାବୁ । ଯଦି ମୁହୂର୍ତ୍ତରେ ଯେ ଜଳରେ ପୋଡ଼ି ମରୁଛି—ବନ୍ଧୁକ ଗୁଳି ତାକୁ କେମିତି ହତ୍ୟା କରିବ ? ଯାହାର ଦେହ ମନ ପ୍ରାଣ ଦଗାବାଜଙ୍କ ଶାଣିତ ଛୁରିକାରେ ଚକ୍ରାକ୍ତ, ତୁମେ କଣ ଭାବୁଛ ଚିକିଏ ରକ୍ତପାତ ଡରରେ ସେ ଦବିଯିବ ? ଅସମ୍ଭବ । ତୁମ ବନ୍ଧୁକ ଗୁଳିରେ ମଲେ ସୁଦ୍ଧା ମୋ ସନ୍ତପ୍ତ ଆତ୍ମା ପ୍ରତିଶୋଧ ଭୁଲିବ ନାହିଁ

ଦଗାବାଜଙ୍କ ଛଳନା ସନ୍ଧାନରେ । ଯିଏ ସବୁ ମୋତେ ମୁହଁରେ ହସେଇ ହସେଇ ପ୍ରାଣରେ କନ୍ଦେଇ କନ୍ଦେଇ ମାରୁଛନ୍ତି ତାଙ୍କ ମୁହଁକୁ ସବୁଦିନ ପାଇଁ ହସ ନ ଲିଭାଇବା ପୂର୍ବରୁ ମୋତେ ତୁମେ ମାରି ପାରିବ ନାହିଁ ।"

ରଜନୀ ବାବୁ କହିଲେ, "ତୁମ କଥାତ ଶୁଣିବାକୁ ମୁଁ ବସନ୍ଦନଅଁରେ ପଣ୍ଡିତ – ମୋର ଦରକାର ସେ ଆଲବମ ନଟେଭ୍…ନଟେଭ୍– ନଟେଭ୍— ନଟେଭ ତୁମ ଗୁଳି ଛୁଟି ଆସିବ ମୋର ଉଦ୍ଦେଶ୍ୟରେ । ତମ୍ଭୁ ଅସମ୍ଭବ । ଜୀବନ ଯାହାକୁ ବଞ୍ଚି ରହିବାକୁ ଡାକୁଛନ୍ତି— ସୁଖ ସମ୍ଭୋଗ ଯାହା ପ୍ରାଣରେ ଢାଳି ଦେଉଛି ଅଶାନ୍ତିର ଗରଳ, ତୁମେ ତାକୁ ବନ୍ଧୁକ ଦେଖାଇ ଡରାଇ ପାରିବ ନାହିଁ ।"

ତାପରେ ସେ ତା ପାଦରେ ଚିପି ଧରିଲା ଗୋଟାଏ ଇଲେକ୍ଟ୍ରିକ ବଟନ୍…ସାଙ୍ଗେ ସାଙ୍ଗେ ଗୋଟାଏ ଗହ୍ୱରର ତଳକୁ ଖୋଲା ହୋଇଗଲା । ପିସ୍ତଲ୍ ଧରିଥିବା ଅବସ୍ଥାରେ ରଜନୀ ବାବୁ ଖସି ପଡ଼ିଲେ ସେହି ଗହ୍ୱର ମୁହଁରେ…ସେ ତଳକୁ ଚାହିଁ ଦେଖନ୍ତି ତ ଅନ୍ଧାର— ଶୂନ୍ୟ ମହାଶୂନ୍ୟ ।

× × × ×

ପୁଣି ଯେତେବେଳେ ରଜନୀବାବୁ ଆଖି ଖୋଲିଲେ ଦେଖନ୍ତି ତ ସେ ରାସ୍ତାର ଏକ ପାର୍ଶ୍ୱରେ ପଡ଼ିଛନ୍ତି । ଗତ ରାତିର କାଳି ଅନ୍ଧାର ପାଣି ଫାଟି ଆସୁଛି ଧୀରେ ଧୀରେ । ଆଲୋକ ରାଇଜର ରାଜକୁମାର ମେଘ ରାଇଜରୁ ବାହାରି ଦେଉଛନ୍ତି ଆଲୁଅ । ପାଗଳ ପ୍ରଭାତ ସମୀରଣ ସ୍ପର୍ଶରେ ଆସି ଜଦ ବାଉଳା କହୁଣବହୁଣୀ ମଧୁର କାକଳିରେ ମୁଖରିତ କରି ଦେଉଛନ୍ତି ଧରଣୀ ।

ତାଙ୍କ ମୁହଁ ପାଖରେ ଥୁଆ ହୋଇଛି ଗୋଟାଏ ସବୁ— ସେଥିରେ ଅଛି ପାଉଁଶ ବୋଧହୁଏ ସେଇଥିରେ ଦୁଆ ଯାଇଥିଲା କିଛି ଅନ୍ତଃ

ବାଷ୍ପ ଯାହା ଫଳରେ ସାରା ରାତି ସେ ଅଚେତନ ଅବସ୍ଥାରେ କଟାଇଛନ୍ତି। ସେ ହାତଭରି ଦେଇ ଉଠି ଦେଖନ୍ତି ତ ତାଙ୍କ ମୁଣ୍ଡ ଉପରେ ଥୁଆ ହୋଇଛି ଗୋଟାଏ ଚିଠି। ଖୋଲି ପଢ଼ିଲେ—

ରଜନୀବାବୁ—

ଦ୍ୱିତୀୟଥର ପାଇଁ ସୁଯୋଗ ମିଳିଥିଲା ଆପଣଙ୍କ ଲୋହିତ ରକ୍ତରେ ଧୂସର ଧରଣୀକୁ ସିନ୍ଦୁରିତ କରିବାପାଇଁ କିନ୍ତୁ ଆପଣଙ୍କ ଭଳି ନିରୀହ ଭଦ୍ରଲୋକଙ୍କୁ ହତ୍ୟା କରିବାକୁ ହାତ ଗଲା ନାହିଁ। ସେଥିପାଇଁ କ୍ଷମା କଲି। କିନ୍ତୁ ସବୁଦିନ ନାହିଁ ଆଉଥରେ ଏ ଔଦାର୍ଯ୍ୟ ମୋ ଦ୍ୱାରା କ୍ଷମା କରି ହୋଇପାରିବ।

ଆପଣଙ୍କ ନିପୁଣ ଛଦ୍ମବେଶ ବାସ୍ତବିକ ପ୍ରଶଂସାର୍ହ। ଆପଣ ମୂର୍ଖଙ୍କ ସଦନରେ ବାରମ୍ବାର ଆଘାତ ନକରି ଆମ ସଙ୍କେତ ଅନୁସାରେ ୩ଥର ସିଟି ମାରି ନ ଥିଲେ ହୁଏତ ଆପଣ ଆମ ପ୍ରକୃତ ଆଡ୍ଡାରେ ଯୋଗଦେଇ ପାରିଥାନ୍ତେ। କିନ୍ତୁ ଆପଣଙ୍କ ଭାଗ୍ୟ ଖରାପ। ସୁତରାଂ ଆପଣଙ୍କୁ ଶେଷଥର ପାଇଁ ସତର୍କ କରି ଦେଉଛୁ। ଇତି।

ରକ୍ତଲେଖା

ପରାଜୟର ଆତ୍ମଗ୍ଲାନିରେ ରଜନୀବାବୁ ଭାଙ୍ଗି ପଡ଼ିଥିଲେ। ଚିଠିଟି ଟିକି ଟିକି କରି ଚିରି ଚାଲିଲେ ଗୋଟିଏ ଟାକ୍ସିର ସନ୍ଧାନରେ। ସେତେବେଳକୁ ମହାନଗରୀ ଜନକୋଳାହଳରେ ମୁଖରିତ ହୋଇ ଉଠୁଥିଲା।

## —ଚଉଦ—

ଟ୍ୟାକ୍ସିରେ ଆସୁ ଆସୁ ରଜନୀବାବୁ ଦେଖିଲେ ଗୋଟିଏ ଜାଗାରେ ଲୋକଗୁଡ଼ାଏ ଜମା ହୋଇଛନ୍ତି ଓ ପୋଲିସମାନେ ପଇଁତରା ମାରୁଛନ୍ତି। କାରଣ କିଛି ବୁଝି ନପାରି ଟ୍ୟାକ୍ସି ଠିଆକରି ଦେଖନ୍ତି ତ ଦେବାନ୍ ବାହାଦୁର ଜୋଗିଲାଲଙ୍କ ଘର ପାଖରେ ଏ ଜନ ମେଳା। ସେ ଏଥି ଭିତରେ

ଭୁଲି ଯାଇଥିଲେ ରଙ୍ଗଲାଲଙ୍କ କଥା । ସୁନୟନାଙ୍କ ହତ୍ୟା ଦାୟିତ୍ୱ ସେତେବେଳ ପର୍ଯ୍ୟନ୍ତ ମଧ୍ୟ ତାଙ୍କ ଉପରେ ନ୍ୟସ୍ତ ଥିଲା । ତେଣୁ ସେ ଟ୍ୟାକ୍ସି ଭଡ଼ା ଚୁକାଇ ଦେଇ କ୍ଷିପ୍ର ଗତିରେ ରଙ୍ଗଲାଲ ବାବୁଙ୍କ ଘର ନିକଟକୁ ଗଲେ । ରଜନୀବାବୁଙ୍କୁ ଦେଖି ପୋଲିସ ସବ୍‌ଇନ୍‌ସ୍‌ପେକ୍ଟର ମହେନ୍ଦ୍ରବାବୁ କହିଲେ, "ଆପଣ ଆସନ୍ତୁ ରଜନୀବାବୁ । ଏ ହତ୍ୟା ଦାୟିତ୍ୱ ଆପଣଙ୍କ ଉପରେ ଦିଆଯିବ ବୋଲି ସାହେବ କହିଛନ୍ତି ।"

ଆତ୍ମହତ୍ୟା ଦାୟିତ୍ୱ କଥା ଶୁଣି ରଜନୀବାବୁଙ୍କ ମୁହଁ ପାହ୍ନ୍ଶିଆ ପଡ଼ିଗଲା । ରଙ୍ଗଲାଲଙ୍କ ପରିବାର ଭିତରୁ ପୁଣି କିଏ ଆତ୍ମହତ୍ୟା କରିଛି ବୋଲି ତାଙ୍କୁ ଆଉ ଅଜଣା ରହିଲା ନାହିଁ ।

ସେ ପ୍ରକୃତ ଘଟଣା ବୁଝି ନପାରି ମାନେନ୍ଦ୍ର ବାବୁଙ୍କୁ ଖୋଲି କହିବାକୁ କହିଲେ । କିନ୍ତୁ ମାନେନ୍ଦ୍ରବାବୁଙ୍କ ମୁହଁରୁ ଯେତେବେଳେ ଘଟଣାଟା ଶୁଣିଲେ ମୁଣ୍ଡ ତାଙ୍କର ବୁଲେଇ ଦେଲା । ସେ ହତାଶ ହୋଇ ପଡ଼ିଲେ । କିନା କାରଣରେ ଅସମୟରେ ଦେବାନବାହାଦୁର କୋଟିପତି ରଙ୍ଗଲାଲ ବାବୁଙ୍କ ଆତ୍ମହତ୍ୟା କଥା ତାଙ୍କୁ କେମିତି ଅସଙ୍ଗତ ମନେ ହେଲା ।

ଶେଠ ରଙ୍ଗଲାଲ ଆତ୍ମହତ୍ୟା କରିଛନ୍ତି ?

ତାଙ୍କ କାନକୁ କେମିତି ଖାପଛଡ଼ା ଶୁଭିଲା । ଦୁର୍ବଳ, ନିରାଶ୍ରୟ ବ୍ୟକ୍ତିର ଆଶ୍ରୟ ଆତ୍ମହତ୍ୟା । ଶେଠ ରଙ୍ଗଲାଲ ତାକୁ ଆଶ୍ରୟ କଲେ କାହିଁକି ? ରଜନୀବାବୁ କିଛି ବୁଝି ପାରିଲେ ନାହିଁ ।

ମାନେନ୍ଦ୍ରବାବୁଙ୍କ ସହ ଘର ଭିତରକୁ ପଶିଲେ । ହାତୀଦାନ୍ତର ଗୋଟିଏ ମୂଲ୍ୟବାନ ପଲଙ୍କରେ ଶେଷ ଶଯ୍ୟା ରଚନା କରି ରଙ୍ଗଲାଲ ବାବୁ ଶୋଇଯାଇଛନ୍ତି । ଦେହ ଉପରେ ତାଙ୍କର ଗୋଟିଏ ଦାମିକା କାଶ୍ମୀର ଶାଲ ଘୋଡ଼ାଇ ଦିଆଯାଇଛି । କକ୍ଷରେ ବସିଛନ୍ତି ରଙ୍ଗଲାଲ ବାବୁଙ୍କ ଘରୋଇ ଡାକ୍ତର ରାଜକୁମାର ବାବୁ । ଦୁଃଖରେ ମୁଖମଣ୍ଡଳ ତାଙ୍କର ମଳିନ ପଡ଼ି ଯାଇଛି । ଚକ୍ଷୁ ଅଶ୍ରୁଳ ।

ଦୁର୍ଜନବାବୁଙ୍କୁ ଦେଖି ଅଭିବାଦନ ଜଣାଇଲେ ସେ । ରଜନୀବାବୁ ଭିତରକୁ ପଶି କାଶ୍ମୀର ଶାଲଟି ରଙ୍ଗଲାଲ ବାବୁଙ୍କ ଜଡ଼ ଶରୀରରୁ କାଢ଼ି ଦେଲେ । ରଙ୍ଗଲାଲ ବାବୁଙ୍କ ମୁଖମଣ୍ଡଳ ହସ ହସ । ଆଶ୍ଚର୍ଯ୍ୟ ହେଲେ ରଜନୀବାବୁ । ସେ ହସ ମୃତ୍ୟୁ ପରେ ବି ଲିଭି ଯାଇନି ।

"ଆପଣ ରଙ୍ଗଲାଲ ବାବୁ ଆତ୍ମହତ୍ୟା କରିଛନ୍ତି ବୋଲି ଜାଣିଲେ କିପରି ?"

ମାନେନ୍ଦ୍ର ବାବୁ କିଛି କହିବା ପୂର୍ବରୁ ଡାକ୍ତର ରାଜକୁମାର କହିଲେ, ଏଥିରେ ସନ୍ଦେହର ଅବକାଶ କାହିଁ । ସୁଜସ୍ୱାଙ୍କ ମୃତ୍ୟୁ ପରଠାରୁ ଭୀଷଣ ଦୁଃଖରେ ଭାଙ୍ଗି ପଡ଼ିଥିଲେ ରଙ୍ଗଲାଲ ବାବୁ । ମୁଁ କିଛି ଦିନ ହେଲା ଅନୁମାନ କରୁଥିଲି ତାଙ୍କ ମସ୍ତିଷ୍କ ବିକୃତ ଘଟିଛି । ସେ କିଛିଦିନ ହେଲା ବାରମ୍ବାର ଅନ୍ୟମନସ୍କ ରହୁଥିଲେ । କିଛି ପଚାରିଲେ ଯଥାର୍ଥ ଉତ୍ତର ବଦଳରେ ଅବାନ୍ତର ଉତ୍ତର ସବୁ ମିଳୁଥିଲା ତାଙ୍କଠାରୁ । ଏ ଅବସ୍ଥାରେ ରାତି ଶୋଇଲା ବେଳେ ବିଷ ଖାଇ—

"ବିଷ !"......ଅସ୍ଫୁଟ ସ୍ୱରରେ ପଚାରିଲେ ରଜନୀବାବୁ ।

"ହଁ, ହଁ, ବିଷ । ବିଷ ଖାଇ ଆତ୍ମହତ୍ୟା କରିଛନ୍ତି ଦେବାନବାହାଦୁର ଜୀ । ଅନ୍ୟ ବଡ଼ ବଡ଼ ଡାକ୍ତରମାନେ ମଧ୍ୟ ମତ ଦେଇଛନ୍ତି ଯେ !"

"କିନ୍ତୁ ମୋ ମନେ ହେଉଛି ସେ ଆତ୍ମହତ୍ୟା କରି ନାହାନ୍ତି ।"

"କାରଣ ?......ସମସ୍ୱରରେ ମାନେନ୍ଦ୍ର ଓ ରାଜକୁମାର ବାବୁ ପଚାରିଲେ ।

"କାରଣ—କୌଣସି ବିଶେଷ ମାନସିକ ଅଶାନ୍ତି ବିନା ତାଙ୍କ ପକ୍ଷେ ଆତ୍ମହତ୍ୟା କରିବା ସମ୍ଭବପର ନୁହେଁ । କିନ୍ତୁ ମୁଁ ଦେଖୁଛି ମୁଖମଣ୍ଡଳ ତାଙ୍କର ହସ ହସ । ଏହା ଆତ୍ମହତ୍ୟାକାରୀ ପକ୍ଷେ ଅସମ୍ଭବ ।"

"ତା ଅବଶ୍ୟ ଠିକ କଥା । କିନ୍ତୁ ମୁଁ ଆଗରୁ କହିଛି ସୁଜସ୍ୱାଙ୍କ ମୃତ୍ୟୁ ପରଠୁଁ ସେ ଅଧିକାଂଶ ସମୟରେ ଅନ୍ୟମନସ୍କ ରହୁଥିଲେ ଓ କିଛି

ନିଦ ହେଲା ପ୍ରାୟ ତାଙ୍କର ମସ୍ତିଷ୍କ ବିକୃତ ଘଟିଥିଲା । ତେଣୁ ଖେଆଲରେ ସେ ବିଷଖାଇ ଆତ୍ମହତ୍ୟା କରିଛନ୍ତି ।"......ଏକା ନିଶ୍ୱାସରେ ରାଜକୁମାର ବାବୁ କହିଲେ ।

"ନା, ନା, ତା ଉପଯୁକ୍ତ କାରଣ ହୋଇ ନପାରେ । ଏମିତ 'ପ୍ରାୟ' ଇତ୍ୟାଦି ଶବ୍ଦ ବିଶିଷ୍ଟ ଆନୁମାନିକ କଥା ଉପରେ ଅନୁସନ୍ଧାନ ଚଲାଯାଇ ନପାରେ । ତାଛଡ଼ା ମୁଁ ଯେତେଦୂର ଜାଣେ ସେ ତାଙ୍କ ଦାୟିତ୍ୱପ୍ରତି ସର୍ବଦା ସଚେଷ୍ଟ ଥିଲେ, ତାହାହେଲେ ତାଙ୍କ ସାନ ଝିଅ ଉପରେ ସେ ଏତେବଡ଼ ବିପଦ ରଖି ଦେଇ ଯାଇ ନଥାନ୍ତେ ।'

"ସାନ ଝିଅ ଉପରେ ବିପଦ ?...କୌତୁହଳ ବଶବର୍ତ୍ତୀ ହୋଇ ପଚାରିଲେ ମାନେନ୍ଦ୍ର ବାବୁ ।

"ହଁ ହଁ ସାନ ଝିଅ ମାୟା ଉପରେ ଏତେ ବଡ଼ ବିପଦ ରଖିଦେଇ ଯାଇ ନ ପାରନ୍ତି ରଙ୍ଗାଲାଲ ବାବୁ ।"

"ଖୋଲି କହନ୍ତୁ ବୁଝି ହେଉନି—ରାଜକୁମାର ବାବୁ କହିଲେ ।

"ଏତିକି ବୁଝି ପାରୁନାହାନ୍ତି—ମୋ ମୃତ୍ୟୁ ପାଇଁ ମୁଁ ନିଜେ ଦାୟୀ।" ଏତିକି ଲେଖିଦେଇ କଯାଇ ରଙ୍ଗାଲାଲ ବାବୁ ଯେଉଁ ବିପଦ ତାଙ୍କ ଝିଅ ଉପରେ ରଖିଦେଇ ଯାଇଛନ୍ତି, ସେ କଣ କମ୍ ବିପଦ ? କିନ୍ତୁ ମୋର ବିଶ୍ୱାସ ରଙ୍ଗାଲାଲ ବାବୁଙ୍କ ଭଳି ଦାୟୀତ୍ୱସମ୍ପନ୍ନ ବ୍ୟକ୍ତି ଏହି ଭୁଲ୍ କରି ନାହାନ୍ତି । ସେ ଆତ୍ମହତ୍ୟା କରି ନାହାନ୍ତି—ତାଙ୍କୁ କରାଯାଇଛି ହତ୍ୟା—

"କିନ୍ତୁ ମୁଁ ଆପଣଙ୍କ ସହିତ ଏକମତ ନୁହେଁ—ରାଜକୁମାର କହିଲେ ।

"ଆପଣ ଏକ ମତ ହେବା ନ ହେବା ଉପରେ କିଛି ନାହିଁ ଇନ୍ସପେକ୍ଟରଙ୍କ"—ମୋ କଥା ମୁଁ ଅବଶ୍ୟ କରିବି । ଏ ଦାୟିତ୍ୱ ପୋଲିସ ସାହେବ ମୋ ଉପରେ ଦେଇଛନ୍ତି...ବିରକ୍ତିରେ କହିଲେ ରଜନୀ ବାବୁ । ରାଜକୁମାରଙ୍କ ନୀରବ ରହିଲେ । ଏହି ସମୟରେ ଜଣେ ଭଦ୍ରଲୋକ କକ୍ଷରେ ପ୍ରବେଶ କରି କହିଲେ—

—"ଆପଣ ଅପଣଙ୍କ ଅନୁସନ୍ଧାନ ଶେଷ କଲେ ଶବ ସତ୍କାରର ବନ୍ଦୋବସ୍ତ କରାଯିବ ।"

—"ନା—ନା—ଶବସତ୍କାର ବର୍ତ୍ତମାନ ହୋଇ ପାରିବ ନାହିଁ—ଷ୍ଥିର ଷ୍ଥିର ରଜନୀ ବାବୁ କହିଲେ ।

—"କିନ୍ତୁ ତାହାଙ୍କ ସାନ ଦଦଙ୍କ ଉଦ୍ଦେଶ୍ୟ—"

—"ମୁଁ କିନ୍ତୁ ସେଥିପାଇଁ ଅନୁମତି ଦେଇ ପାରୁନି—କ୍ଷମା କରିବେ ।"

—"କିନ୍ତୁ ବାପାଙ୍କ ଇଚ୍ଛା ଥିଲା ତାହାହିଁ । ତାଙ୍କ ଶବ ବାସିମଡ଼ା ହେବ ନାହିଁ—ହଠାତ୍ ଶୋକସନ୍ତପ୍ତା ମାୟା ସେ କକ୍ଷରେ ପ୍ରବେଶ କରି ଏତକ କହି ବସି ପଡ଼ିଲେ । କେଶ ତାଙ୍କର ଆଲୁଳାୟିତ—ମୁଖ ବିବର୍ଣ୍ଣ ।

—"ଭବାନନ୍ଦଙ୍କ ଉଦ୍ଦେଶ୍ୟ ଭିନ୍ନ ମାୟାଦେବୀ ତାଙ୍କର ସବୁ ଇଚ୍ଛା କେବଳ ଇଚ୍ଛାରେହିଁ ରହିଗଲା । କୌଣସି ଉଦ୍ଦେଶ୍ୟଟି ବାହାରକୁ ଆତ୍ମ-ପ୍ରକାଶ କରିବା ପୂର୍ବରୁ ଆତତାୟୀର ନିର୍ମମ ଚକ୍ରାନ୍ତ ଭିତରେ ତାଙ୍କୁ ଶେଷ ନିଶ୍ୱାସ ନେବାକୁ ପଡ଼ିଲା । ମୁଁ ବର୍ତ୍ତମାନ ବାଧ୍ୟ ହେଉଛି ଶବଟିକୁ ପୋଷ୍ଟମାର୍ଟମ୍ ପାଇଁ ବଡ଼ ଡାକ୍ତରଖାନାକୁ ପଠାଇବାକୁ—ଆପଣ ମୋତେ କ୍ଷମାକରିବେ ।"

ରଜନୀ ବାବୁ କହି ସାରିବା ପରେ କୁମାରୀ ମାୟା ନୀରବ ରହିଲେ । କିନ୍ତୁ ରାଜକୁମାର ପୁଣି କହିଲେ—"ତାଙ୍କ ମୃତ୍ୟୁର ଠିକ ଦୁଇ ଦିନ ପୂର୍ବରୁ ସେ ଏହି କକ୍ଷରେ କହୁଥିଲେ, "ରାଜକୁମାର ବାବୁ ! ଜୀବନଟାଯାକ ମୋର କଟିଗଲା କେବଳ ପରକୁ ଶୋଷଣ କରି ନିଜକୁ ବଡ଼ କରିବାରେ । ଯେଉଁ-ମାନଙ୍କ ରକ୍ତ ମୁଁ କେବଳ ଶୋଷିଛି, ଯେଉଁମାନଙ୍କ ଲୁହ, ଲହୁରେ ମୋର ଏ ସୁରମ୍ୟ ପ୍ରାସାଦ ଗଢ଼ି ଉଠିଛି, ସେମାନଙ୍କ ତପ୍ତ ନିଶ୍ୱାସରେ ମୋ ଜୀବନ ଆଜି ଜଳି ପୋଡ଼ି ଯାଉଛି; ସେଇମାନଙ୍କ ଅଭିଶାପରେ ପୁଜସ୍ୱା ମୋର ତଳ ପଡ଼ିଲା, ମୁଁ ବି ଦିନେ ତଳ ପଡ଼ିବ । କିନ୍ତୁ ତା ପୂର୍ବରୁ ମୋର ଯୋଡ଼ିଏ ଅନୁରୋଧ । ମୋ ମୃତ୍ୟୁ ପରେ ତୁମେ ରକ୍ଷା କରିବ ।"

ରାଜକୁମାର ବାବୁ କହୁ କହୁ ଛେପ ଢୋକିଲେ । ଉତ୍କଣ୍ଠିତ ହୋଇ ଆଗ୍ରହର ସହିତ ରାଜକୁମାର ବାବୁଙ୍କ କଥା ଶୁଣୁଥିଲେ ରଜନୀ ବାବୁ । ରାଜକୁମାର ବାବୁ ବନ୍ଦ କଲାକ୍ଷଣି ସେ ପଚାରିଲେ —

"କଣ ଥିଲା ରଙ୍ଗଲାଲ ବାବୁଂକ ଅନ୍ତିମ ଲକ୍ଷ୍ୟ ? ସେ କଣ ଆପଣଙ୍କୁ କହି ଯାଇଛନ୍ତି ? ଶକ୍ତି ଥିଲେ ମୁଁ ଆପ୍ରାଣ ଚେଷ୍ଟା କରିବି ସେ ସର୍ତ୍ତ ଦୁଇଟି ପାଳନ କରିବାକୁ ।"

ଉତ୍ସାହିତ ହୋଇ ରାଜକୁମାରଜୀ କହିଲେ—"ତାଂକର ଶ୍ରେଷ୍ଠ ବନ୍ଧୁ ହିସାବରେ ଆପଣଂକର ତାହାହିଁ କରଣୀୟ । ମୁଁ ମଧ୍ୟ ଯଥାସାଧ୍ୟ ଚେଷ୍ଟା କରି ସେଥିରେ ଆପଣଙ୍କୁ ସାହାଯ୍ୟ କରିବି । ତାଂକର ପ୍ରଥମ ଉଦ୍ଦେଶ୍ୟ ଥିଲା ସୁଜାସ୍ୱାଂକ ମୃତ୍ୟୁର ଅନୁସନ୍ଧାନ ହେବ ନାହିଁ—'

ବିସ୍ମୟରେ ରଜନୀ ବାବୁ ପଚାରିଲେ, କିନ୍ତୁ କାହିଁକି ? ନିଜ ଝିଅର ହତ୍ୟାକାରୀର ସନ୍ଧାନ ପାଇବାକୁ ତାଂକର ଏତେ ବିତୃଷ୍ଣା କାହିଁକି ?"

ସେ କଥା ମୁଁ କହି ପାରିବି ନାହିଁ । ତେବେ ତାଂକ ଦୃଢ଼ ବିଶ୍ୱାସ ଥିଲା ସେ ଯେଉଁ ଲୋକମାନଂକ ରକ୍ତ ଢାଳି ଢାଳି କରି ଶୋଷି ତାଂକ ଧନ ଭଣ୍ଡାର ଭରି ଦେଇଥିଲେ, ସେଇମାନଂକର ଅଭିଶାପରେହିଁ ସୁଜାସ୍ୱାଂକ ମୃତ୍ୟୁ ଘଟିଲା ।

'ଆଚ୍ଛା, ଦ୍ୱିତୀୟ ସର୍ତ୍ତ ? ...କୌତୂହଳୀ ରଜନୀ ବାବୁ ପଚାରିଲେ ।

'ଦ୍ୱିତୀୟ ସର୍ତ୍ତ ଥିଲା ତାଂକ ମୃତ ଶବ ବାସି ହେବ ନାହିଁ ।'

ସବୁ ଶୁଣି ଶୁଣି ରଜନୀବାବୁ କହିଲେ, "ଦୁଇଟି ଅଯଥା ସର୍ତ୍ତରୁ ପ୍ରମାଣ ମିଳୁଛି ମୃତ୍ୟୁ ପୂର୍ବରୁ ଦେବାନ୍ ବାହାଦୁରଜୀ ସମ୍ପୂର୍ଣ୍ଣ ପାଗଳ ହୋଇ ଯାଇଥିଲେ । ନଚେତ୍ କୌଣସି ଭଲ ଲୋକ ପକ୍ଷରେ ଏପରି ସର୍ତ୍ତ କେବଳ ଅବାସ୍ତବ ନୁହେଁ, ଅସମ୍ଭବ ।

ତାହାହିଁ ତ ମୁଁ କହୁଛି—ତାଙ୍କ ଭଲ କୁଳ ପାଇଲେ ତାଙ୍କୁ ହତ୍ୟା କରିବାରେ ତାହାର କି ସ୍ୱାର୍ଥ ଅଛି ? କେଣୁ ଏ କ୍ଷେତ୍ରରେ ଆତ୍ମହତ୍ୟାହିଁ ତାଙ୍କ ପକ୍ଷେ ସଂଗତ ସମ୍ଭବ ।

ରଜତ ବାବୁ ହଠାତ୍ ହଠାତ୍ କହିଲେ, ପୋଷ୍ଟମୋର୍ଟମ ରିପୋର୍ଟ-ଡାକ୍ତରଙ୍କ ଉକ୍ତି କେମିକେଲ ଆନାଲିସିସ୍ ପରେ—ତାହାର ରିପୋର୍ଟ ପରେ ଯେ ଆତ୍ମହତ୍ୟା କରିଛନ୍ତି ଅଥବା ତାଙ୍କୁ ହତ୍ୟା କରାଯାଇଛି ଜଣାଯିବ ।

ସ୍ୱାମୀ ଦେବ କଣ୍ଠରେ କହିଲେ—'ତାହାଙ୍କ ଅନ୍ତିମ ଇଚ୍ଛା...

ପଲ୍ଲବୀ ଫେରୁଥିବା ରଜତବାବୁ କହିଲେ, ଅସମ୍ପୂର୍ଣ୍ଣ ରହିଗଲା—କାରଣ ଆତ୍ମହତ୍ୟା କଲେ ମୃତ୍ୟୁ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଲେଖି ନ ରଖିବା ହେତୁ ମୁଁ କିଛି କହି ପାରୁନ । କହିବା ବୃଥା ହୋଇ କହନ୍ତୁ ।

## —ପନ୍ଦର—

ଦିନ ଗଡ଼ିଗଲେ—

ଠିକ୍ ସେମିତି ଚାଲିଛି ପାଣି ସୁଅରେ ଛୋଟ ଛୋଟ ମାଛି ସବୁ ଦିନ ରହୁଛନ୍ତି । ଅଜର ସମାଧି ଉପରେ 'ଭାସ୍କର' ଲେଖା ଅଛି—ଅନ୍ଧକାର ଏଇ ସେଇଥିପାଇଁ ସୁନ୍ଦର ଜଳ ଅନ୍ଧକାର ଉପରେ ପୁଷ୍ପ ବୃଷ୍ଟି ହୁଏ ଅସ୍ପଷ୍ଟ ଲାଗେ ।

ଶାନ୍ତ ଶୀତଳ ବସନ୍ତ ପରେ ଦାଉ ଦାଉ ଆସେ ଗ୍ରୀଷ୍ମ ପ୍ରଚଣ୍ଡ ଉତ୍ତାପ ଦେଇ ଯାଏ । ଧରଣୀକୁ ସିକ୍ତ କରିଯାଏ । ଭଲ ଅନ୍ଧକାରେ ଆଶୀର୍ବାଦ କରେ ଶ୍ୟାମଳ ଧରଣୀ । ସତିଆ ବେଦେଇ—ଅନୁଭବ କରେ—ଶାନ୍ତ ପ୍ରଭାତ କେବଳ ଏକ ଭାବ ଜଗାଏ—ଠିକ୍ ସେମିତି ଭଲପାଉ !

ସବୁ ଦେଖୁଛନ୍ତି—ତାଙ୍କର ଆଗରେ ଦୃଷ୍ଟି ହୋଇ ଯାଉଛି ସ୍ୱପ୍ନରାଜ-ତାଙ୍କର ଅଧିକ ଚିନ୍ତାଧାରାର ଅର୍ଥ ଅନୁଭବରେ ଧନ ଧନ ଧନ

ମଣିଷଂକ ଉତଲା ଲହୁ ବରଫ ପାଲଟି ଯାଉଛି—ସେ କିନ୍ତୁ ଅଥଙ୍ଗ—ଶକ୍ତିହୀନ—

ସେ ଖାଦ୍ୟ ଛନ୍ତି, କିଏ ସେ ରକ୍ତଲୋଭୀ ? ପବନ ଭଳି ଛୁଇଁ ଯାଉଛି କିନ୍ତୁ ଧରା ଦେଉନି—ସବୁଠିଁ ତା ଆଘାତର କ୍ଷତ, କିନ୍ତୁ କେଉଁଠି ମିଳୁନି ତାର ଧରାଛୁଆଁ—ରଜନୀ ବାବୁ ମନେ ପକାଇଲେ ତାଂକ ଦୀର୍ଘ ୭।୮ ବର୍ଷ ତଳର ଗୋଏନ୍ଦା ଜୀବନ ଭିତରେ ଏପରି ପରାଜୟ ତାଂକ ଜୀବନରେ ନୂତନ—

ତେବେ କଣ ରକ୍ତଲୋଭୀ ଅଜେୟ ରହିଯିବ ? ସେ କଣ ପରାଜୟ ମାନନେବେ ରକ୍ତଲୋଭୀ ପାଖରେ ? ତେବେ—ତେବେ—ତାଂକ ଭାବନା ଅଟକି ଯାଏ—କଳ୍ପନା କରିହୁଏନା—ମନେ ପଡ଼େ ରକ୍ତଲୋଭୀର ଗୁଡଫଟା ଅଟ୍ଟହାସ୍ୟ—ସତେ ଲୋକଟା କେତେ ବଦମାସ ?

ରଜନୀ ବାବୁ ଭାବନ୍ତି—ନା, ଯେପରି ହେଉ ରକ୍ତଲୋଭୀକୁ ସେ ତାଙ୍କର ଅନୁସନ୍ଧାନ ଜାଲ ଭିତରେ ପକାଇବେ—ମାତ୍ର କେବେ—କିପରି ...ରଜନୀ ବାବୁଙ୍କ ମସ୍ତିସ୍କର କଳ୍ପନାକାଶ ତନ୍ତ୍ରୀ ସବୁ ଛିଡ଼ି ଯାଆନ୍ତି—ସେ ଚେୟାର ଛାଡି ଦୁଇ ହାତର ଆବେଷ୍ଟନୀରେ ନିଜ ଗୁଣ୍ଡିକୁ ଘେରାଇ ପଦାରେ ପଦଚାରଣ କରନ୍ତି—

ତାପରେ କିଛି ଉପାୟ ନ ମିଳିଲେ ସିଗାରେଟ କେଶରୁ ଖଣ୍ଡେ ଖଣ୍ଡେ ସିଗାରେଟରେ ଅଗ୍ନି ସଂଯୋଗ କରନ୍ତି । ରେଲ ଇଂଜିନର ଭମ ସୃଷ୍ଟିକରି ଧୂଆଁ ବାହାରେ—ମଣିଷ ଜୀବନର ସମସ୍ୟାଗୁଡ଼ାକ ଯେମିତି ନିର୍ମମ ଭାବରେ ସରି ଆସନ୍ତି ଠିକ୍ ସେପରି ସିଗାରେଟ୍‌ଗୁଡ଼ିକ ଜଳି ଜଳି ଲିଭିଯାଆନ୍ତି—କିନ୍ତୁ କିଛି ଉପାୟ ମିଳେନା—ରଜନୀ ବାବୁ ବ୍ୟସ୍ତ ହୋଇ ଉଠନ୍ତି—ହତାଶାରେ ପ୍ରାଣ ତାଙ୍କର ଥରି ଉଠେ—

ଏମିତି ବିତିଗଲା ଦିନକେଇଟି—

ଦିନେ ସନ୍ଧ୍ୟାବେଳ—

କଳା ପାଣିଚିଆ ଅନ୍ଧାର ଝରି ଆସୁଛି ପୂର୍ବ ଆକାଶରୁ । ସନ୍ଧ୍ୟାବଧୂ କଳା ମେଘି ଶାଢ଼ୀ ପିନ୍ଧି ଓହ୍ଲାଇ ଆସୁଛି ପୃଥିବୀକୁ । ରଜନୀ ବାବୁ ଉଦ୍ୟାନରେ ବୁଲି ବୁଲି ସାନ୍ଧ୍ୟ ଭ୍ରମଣ କରୁଛନ୍ତି । ଏହି ସମୟରେ ଜଣେ ଲୋକ ଖବର ଦେଲା, ମାଉସୀଦେଈ ଡକାଇଛନ୍ତି । ରଜନୀ ବାବୁ କିଛି ବୁଝି ପାରିଲେ ନାହିଁ । ଅସମୟରେ, ଅବେଳରେ ମାଉସୀ ଡ଼କାଇବାର କାରଣ କିଛି ଠିକ୍ କରି ପାରିଲା ନାହିଁ ତାଂକର ମସ୍ତିଷ୍କ । ସେ ଲୋକଟିକୁ ପଠାଇ ଦେଇ ଫୋନ୍ ଧରି ଡାକିଲେ—

"ହେଲୋ...ହେଲୋ...ହିଁ ମୁଁ ରଜନୀ ପଟ୍ଟନାୟକ କହୁଛି··ସୁନା ସ୍ତ୍ରେଇର ଧମକ ଦିଆ ଯାଇଛି ? ଦେଇଛି କିଏ ?...ରକ୍ତଲୋଭୀ···କାଲି ସକାଳୁ ମୁଁ ଯାଉଛି—"

ହତାଶାରେ ଫୋନ ଛାଡ଼ିଦେଇ ରଜନୀ ବାବୁ ବସିପଡ଼ିଲେ । ପାଷ୍ଟିକୁ ତାଂକର କଥା ବାହାରିଲା ନାହିଁ । ନିର୍ଦ୍ଦିଷ୍ଟ ସମୟ ଦେଇ ସୁନା ସ୍ତ୍ରେଇ କରିବାର ଧମକ ?...

ଆରଦିନ ସକାଳେ ରଜନୀ ବାବୁ କକ୍ଷକୁ ପଶି ଦେଖନ୍ତି ତ ଚିନ୍ତାମଗ୍ନା କୁମାରୀ ମାଉସୀ ତାଂକ ଅପେକ୍ଷାରେ ବସିଛନ୍ତି । ରଜନୀ ବାବୁଂକୁ ଦେଖି ସେ କାତର କଣ୍ଠରେ .କହିଲେ—ମୋତେ ରକ୍ଷା କରନ୍ତୁ ରଜନୀ ବାବୁ— ବାପାଙ୍କ ଶେଷ ସମ୍ପତ୍ତିତକ ନେବାକୁ ବଦମାସ୍‌ମାନେ ଧମକ ଦେଇଚନ୍ତି—

ଏହା କହି ସେ ଖଣ୍ଡେ ଚିଠି ବଢ଼ାଇଦେଲେ ରଜନୀ ବାବୁଂକୁ— ରଜନୀ ବାବୁ ପଢିନେଲେ—

କୁମାରୀ ମାଉସୀ,

ଦୁଃସ୍ଥ ଦରିଦ୍ର ଜନସାଧାରଣଂକ ରକ୍ତି ଚିପି ପିତା ଆପଣଂକର ଯେଉଁ ସ୍ବର୍ଣ୍ଣ ଅଳଂକାର ସବୁ ରଖିଛନ୍ତି ତାଙ୍କ ମୃତ୍ୟୁ ପରେ ତାହା ଆମର ପ୍ରାପ୍ୟ । ନିଜ କୃତ କର୍ମର ଫଳ ସେ ନିଜ ହାତେ ହାତେ ପାଇଛନ୍ତି କିନ୍ତୁ ତାଂକ ଧନର ସଦ୍‌ବ୍ୟବହାର ଉପାୟ କରି ଦେଇ ଯାଇନାହାନ୍ତି—ଆମେ ସେ ଆଶା ପୂର୍ଣ୍ଣ କରିବୁ ।

ଆପଣଂକୁ ନ ଜଣାଇ ତାହା କଲେ ଲୋକେ ତାହା ଡ଼କେଇତି ବୋଲି କହିବେ । ତେଣୁ ଆପଣଂକୁ ଜଣାଇଲି । କାଲି ରାତି ବାରଟାବେଳେ ଆପଣଂକ ଗୁପ୍ତ କକ୍ଷରୁ ସେଗୁଡ଼ିକ ଅନ୍ତର୍ଦ୍ଧାନ କରି ନଆଯିବ ।

ସାବଧାନ ଥିବେ । ଇତି ।

ରକ୍ତଲୋଭୀ

ଚିଠିଟା ପଢ଼ିସାରି ରଜନୀବାବୁ କହିଲେ, ମଣିଷର ଭୁଲ ଥରେ ହୁଏ ମାୟା, ଦୁଇଥର ନୁହେଁ—ଏଥର ଚୋରି କରିବାର ଚେଷ୍ଟା କଲେ ରକ୍ତଲୋଭୀ ତାର ପ୍ରତିଫଳ ପାଇବ ।

ଏହା କହି ସେ ପୋଲିସ ସାହେବଙ୍କୁ ୨୦ ଜଣ ପୋଲିସ ପଠାଇବାକୁ ଫୋନ କରିଦେଲେ । ରଜନୀବାବୁଙ୍କ ଅନୁରୋଧ କ୍ରମେ ମାୟା ସ୍ୱର୍ଣ୍ଣ ଅଲଙ୍କାର ଥିବା ଗୁପ୍ତକକ୍ଷ ଖୋଲିବା ସଙ୍ଗେ ସଙ୍ଗେ ରଜନୀବାବୁ ଚମକି ପଡ଼ିଲେ ।

ଅଲଙ୍କାରଗୁଡ଼ିକର ସ୍ୱର୍ଣ୍ଣାଭାରେ ସ୍ଥାନଟି ଆଲୋକିତ । ରଜନୀବାବୁ ଗୁପ୍ତକକ୍ଷର ଦ୍ୱାର ମୁହଁରେ ନିଜେ ମାୟାଦେବୀଙ୍କୁ ଜଗି ରହିବାକୁ ଅନୁରୋଧ କରି ଚାରିଆଡେ ପୋଲିସ ଜଗାଇ ଦେଲେ । ନିଜେ ରହିଲେ ଦ୍ୱାର ମୁହଁରେ । ହାତରେ ଲୋଡେଡ଼ ରିଭଲଭର । ବାହାରେ ପୋଲିସ ପହରା ।

ରାତ୍ରୀ ଘନେଇ ଆସିଲା । କ୍ରମେ ମହାନଗରୀର ଜନକୋଳାହଳ କମି ଆସିଲା । ବାହାରେ ପୋଲିସ ପହରା ବ୍ୟଗ୍ର—ରଜନୀବାବୁଙ୍କ ଆଖିରେ ପଲକ ପଡ଼ୁନି । ହିଂସ୍ର ବାଘୁଣୀ ଭଳି ପିସ୍ତଲ ହସ୍ତେ ଜଗି ବସିଛନ୍ତି ମାୟା ।

ରାତି ସାଢ଼େ ଏଗାର—

ଆଉ ବାକି ଅଛି ଅଧଘଣ୍ଟାଏ—ଅଧଘଣ୍ଟାଏ ପରେ ସତେ କଣ ଏ ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣହାର ରକ୍ତଲୋଭୀ ଦ୍ୱାରା ଅପହୃତ ହୋଇଯିବ ?

ରଜନୀବାବୁ କଳ୍ପନା କରି ପାରିଲେ ନାହିଁ । ତେବେ କଣ ଏ କଲିକତା ସହରରେ ବଞ୍ଚି ରହିବା ଗୋଟାଏ ଅସମ୍ଭବ କଥା ?

୧୧ଟା ୫୫—ଆଉ ୫ ମିନିଟ ବାକି—

ରଜନୀବାବୁ ପୁଣି ଥରେ ସବୁ ଦେଖିନେଲେ ସଜାଗ ପୋଲିସ ପହରା—ତାଙ୍କ ପିସ୍ତଲରେ—ଗୁଳିଗୁଡ଼ାକ ଅପେକ୍ଷା କରି ରହିଛନ୍ତି କେବଳ ତାଙ୍କ ଇଙ୍ଗିତକୁ···ସେ କଳ୍ପନା କରି ପାରିଲେନି ରକ୍ତଲେଖା ତାର ପ୍ରତିଶ୍ରୁତି ପାଳନ କରିବ କପରି ।

ତାଙ୍କର କେମିତି ଅବିଶ୍ୱାସ ହେଲା । ହୁଏତ ରକ୍ତଲେଖା ଗୋଟାଏ ବାଜେ ଚିଠି ଲେଖି ତାଙ୍କୁ ଅଯଥା ପରିଶ୍ରମ କରାଇଛି—ସେ ନିଜେ ନିଜେ-ଲଜ୍ଜିତ ହେଲେ ନିଜ ଦୁର୍ବଳତା ପାଇଁ—ତା ପରେ ପୁଣି ମନେ ପଡ଼ିଲା ରକ୍ତଲେଖା ଯାହା ଲେଖେ ତାହା ଅବଶ୍ୟ ପାଳନ କରେ ।

ଠନ୍—ଠନ୍—ଠନ୍—ଠନ୍—ଠନ୍—ଠନ୍—ଠନ୍—ଠନ୍—ଠନ୍ ଠନ୍—ଠନ୍—ଠନ୍, ହୋଇ ବାରଟା ବାଜିଲା । ରଜନୀବାବୁ କଣ ଘଟିବ ବୋଲି କଳ୍ପନା କରୁ କରୁ ହଠାତ କାହିଁକି ଶୁଭିଲା ଗୋଟାଏ ପିସ୍ତଲର ଗୁଳି । ରଜନୀବାବୁ ଦ୍ରୁତ ଗତିରେ ବାହାରକୁ ଯାଇ ଘଟଣା ବୁଝିଲେ କେହି ନାହିଁ-ସବୁ ଠିକ ଅଛି-ତେବେ ?···ତେବେ ?···

ହଠାତ୍ ଏହି ସମୟରେ ଶୁଭିଲା କକ୍ଷ ଭିତରେ ବନ୍ଧୁକ ଗୁଳିର ଶବ୍ଦ ଗୁଡ଼ୁମ୍···ତାପରେ ଗୋଟାଏ କ୍ଷୀଣ ଆର୍ତ୍ତନାଦ...ରଜନୀ ବାବୁ ପୁଣି ଛୁଟିଲେ କକ୍ଷକୁ...କକ୍ଷ ଘନ ଅନ୍ଧାର ଭିତରେ ବୁଡ଼ି ଯାଇଛି । ରଜନୀ ବାବୁ ପୁଣି ବିଜୁଳିବତୀ ଜାଳିଦେଲେ ।

ଗୁପ୍ତକକ୍ଷକୁ ଯାଇଁ ଦେଖିଲେ ତ ସମସ୍ତ ସ୍ୱର୍ଣ୍ଣଅଳଙ୍କାର ଅପହୃତ । ଭୟ, ଆଶଙ୍କା ଆଉ ଦୁଃଖରେ କୁମାରୀ ମାୟା ଥରୁଛନ୍ତି । ରଜନୀବାବୁଙ୍କୁ ଦେଖି ସେ ବେଶୀ ଭାଙ୍ଗି ପଡ଼ିଲେ ।

'କେମିତି କଣ ହେଲା ।'

'ଠିକ ଆପଣ ଯିବା ପରେ ପରେ ଏ କକ୍ଷର ଆଲୁଅ ଲିଭିଗଲା ଏବଂ କେହି ଜଣେ ଦ୍ରୁତଗତିରେ ମୋ ଆଡ଼କୁ ଆସିବାର ମୁଁ ଦେଖିପାରିଲି । କିନ୍ତୁ ଗୁଳି ମାରିବା ପୂର୍ବରୁ ସେ ସମସ୍ତ ଅଳଙ୍କାର ନେଇ ପଳାୟନ କଲା ମୋ ଗୁଳି ଲକ୍ଷଭ୍ରଷ୍ଟ ହୋଇଗଲା । ମୁଁ ମୋ ମସ୍ତକରେ ଅନୁଭବ କଲି ଏକ ବଜ୍ରମୁଷ୍ଟିର ଆଘାତ ।'

"ଆପଣ ବୋଧହୁଏ ଚିତ୍କାର କରିଥିଲେ ?"

"ହଁ—ଆଘାତ ସହି ନ ପାରି ମୁଁ ଚିତ୍କାର କଲି—କିନ୍ତୁ ସେଥି ପୂର୍ବରୁ ସେ ପଳାୟନ କରିଥିଲା—

"ତାହାହେଲେ ତ ମୁଁ ଦେଖି ପାରିଥାନ୍ତି କିନ୍ତୁ..."

ଏହି ସମୟରେ ପୋଲିସମାନେ ବାହାରୁ ଖୋଜି ଖୋଜି ଆସି କହିଲେ—"ଆମେ ତାହାକୁ ପାଇଲୁନି ସାର୍—"

ରଜନୀବାବୁ—ନୀରବ—ନିସ୍ତବ୍ଧ—ଆଖି ଆଗରେ ତାଙ୍କର ଠିଆ ହୋଇଛି ପ୍ରଶ୍ନର ପାହାଡ଼ ।

## —ଷୋହଳ—

ସେଇଦିନୁ ରଘୁଆ ଉପରେ ଘୃଷ୍ଟସାହେବଙ୍କ ଅଗାଧ ବିଶ୍ୱାସ । ଖାଇବା, ପିଇବା ବସିବା, ଉଠିବା ସବୁବେଳେ ରଘୁଆ ତାଙ୍କର ପାଖେ ପାଖେ । ସେଇଦିନୁ ମଧ୍ୟ ଘୃଷ୍ଟସାହେବ ନିଜକୁ ଟିକଏ ଭାରମୁକ୍ତ ମନେ କରୁଛନ୍ତି । ତାଙ୍କର ଦୁଃଖାଭିଭୂତ ପାଣ୍ଡୁର ମୁଖ ମଣ୍ଡଳରେ ଏବେ ହର୍ଷର ଫୁଆର ଛୁଟିଛି ।

ରଘୁଆ ଘୃଷ୍ଟ ସାହେବଙ୍କ ବିଶ୍ୱସ୍ତ ଏହି ହିସାବରେ । ନୂଆ ଚାକର ହେଲେ ମଧ୍ୟ ଘୃଷ୍ଟସାହେବଙ୍କ ସବୁ ଘରକୁ ତାର ଅବାଧ ଗତି—ସେ ତାଙ୍କ ପରିବାର ମଧ୍ୟରେ ଜଣେ ହୋଇ ପଡ଼ିଲାଣି ।

ଏବେନ ସନ୍ତବୃତ୍ତଟା—

ବଜାର କରି ଫେରୁଛି ରଘୁଆ । ପଛରୁ କିଏ ଡାକିଲା ରଘୁଆ—ରଘୁଆ ! ପଛକୁ ଅନେଇଲା ସେ—ଗ୍ରସ୍ତ ସାହେବ ଚଞ୍ଚଳ ଫେରି ଯିବାକୁ ତାକୁ ତାଗିଦା କରିଛନ୍ତି ତେଣୁ ସେ ତରତର ହେଉଛି—ପଛରୁ ତା ନାଁ ଧରି କିଏ ଡାକିବାରୁ ସେ ବିରକ୍ତିରେ ପଛକୁ ଗୁହାଁଲା—କିଏ ?

ସୁଟ୍‌ପିନ୍ଧା ଭଦ୍ରଲୋକ ଜଣେ କିଏ ଡାକୁଛି, ରଘୁଆ—ରଘୁଆ—ଅନ୍ୟ କାହାକୁ ଡାକୁଛି ଭାବି ପୁଣି ସେ ତା ଗତି ବଢ଼ାଇ ଦେଲା ।
କିନ୍ତୁ ପୁଣି ସେହି ଡାକ...
ବିରକ୍ତିରେ ରଘୁଆ ପଛକୁ ଅନେଇ କହିଲା, 'ମୋତେ ଡାକୁଛନ୍ତି ?"
ଲୋକଟି ମୁହଁରେ ହସଟାଣି କହିଲା, "ହଁ ହଁ ଆପଣଙ୍କୁ ।"

ଆପଣ···ପୁଣି ଜଣେ ସାହେବୀ ପୋଷାକ ପିନ୍ଧାବାବୁ କହୁଛନ୍ତି ତାକୁ ଆପଣ ! ! ଗର୍ବ ଓ ଅହଂକାରରେ ପୂରି ଉଠିଲା ରଘୁଆର ଛାତି । ସେ କହିଲା···

"କ'ଣ ଶୀଘ୍ର କୁହନ୍ତୁ, ମୋତେ ଡେରି ହେଉଛି—ବାବୁ ଚିଡ଼ିବେ ।"
"ଆରେ ତୋ'ଠି ଗୋଟେ ଜରୁରୀ କାମ ଅଛି—ତୋର କଣ ମୋଟେ ସମୟ ନାହିଁ ।"

"ନାଇ ଆଜ୍ଞା, ଦେଖୁ ନାହାନ୍ତି—ଡେରିହେଲେ ବାବୁ ପାଟି କରିବେ ।"
"ଆଚ୍ଛା ତୋ ପାନଖିଆ ଏ ଦ'ଟଙ୍କା-ନେ—ଆଜି ରାତି ଦ'ଟା ବେଳେ ତୁମ ବାବୁଙ୍କ ବସା ପାଖ ପାର୍କରେ ମୋତେ ଦେଖା କରିବୁ ।"

ଟଙ୍କା ଦ'ଟା ପାଇ ମନ ଖୁସିରେ ଗୋଟାଏ ସଲାମ ବଜାଇ ରଘୁଆ ଦଉଡ଼ିଲା । ଗଲାବେଳେ କହିଗଲା, "ବାବୁ ଶୋଇପଡ଼ିଲେ ନିଶ୍ଚେ ଯିବି । ବାବୁଙ୍କ ଘଡ଼ି ଦେଖି ଯିବି । ମୋତେ ଘଡ଼ି ଦେଖି ଆସେ ।" × ×

ଯେମିତି ଦ'ଟା ବାଜିଛି ଗୋଡ଼ ଚପି ଚପି ବାହାରିଲା ରଘୁଆ । ତା ମନ ଲାଗିଛି । ବିନା କାମରେ ଟ୨୲ ମିଳିଛି । ବର୍ତ୍ତମାନ ଅଧିକ କିଛି ନିଶ୍ଚୟ ମିଳିଯିବ ।

ପାର୍କ—

ଘୂରିଆଡ଼ ନିଘୁଟିଆ—ରଘୁଆ କାହାକୁ ପାଇଲା ନାହିଁ । ଖୋଜିଲା—ଘୂରିଆଡ଼କୁ ଚାହିଁଲା—କିନ୍ତୁ କେହି ନାହାନ୍ତି । ଏକୁଟିଆ ଘଡ ଅଧରେ ତାକୁ କେମିତି ମାଡ଼ି ମାଡ଼ି ପଡ଼ିଲା । ସେ ଫେରି ଯିବାକୁ ବସିଛି । ପଛ ଆଡେ ତାର କିଏ ହସି ଉଠିଲା ଖେଁ ଖେଁ ।

ପଛକୁ ଅନାଇ ରଘୁଆ ଦେଖେତ ସେଇ ଲୋକଟା । ଗୁଡରେ ଛେପ ମେଞ୍ଚାଏ ପକେଇ ରଘୁଆ କହିଲା, "ଆପଣ ଏଇଠି ଥିଲେ ବାବୁ, ମୋତେ କହୁ ନାହାନ୍ତି । ମୁଁ ହସ ଶୁଣି ଏକବାରକେ ଚମକିଆ ।"

"ଆରେ ନାଇ ମୁଁ ଦେଖୁଥିଲି ତୋର ଗୁଡ କେଯାଏ । କାରଣ ତୋ ଦ୍ୱାରା ବଡ଼ ବଡ଼ ସାହସିଆ କାମ ସବୁ ହେବ ଯେ—"

"ମୋ ଦ୍ୱାରା-ମୋ ଦ୍ୱାରା ବାବୁ—କେ ଯାଏ ଟଙ୍କା ମିଳିବ···"ଉତ୍ସାହିତ ହୋଇ ରଘୁଆ କହିଲା ।

ବାବୁ ଜଣକ ପକେଟରୁ ଟଙ୍କା ଦଶଟି ବାହାର କରି ହାତକୁ ବଢାଇ ଦେଇ କହିଲେ, "କାମଟା ସରିଲେ ତୋତେ ଶହେ ଟଙ୍କା ଦେବି । କଣ ପାରିବୁ ?"

"ନ ପାରିବ କାହିଁକି ଆଜ୍ଞା ! ଆପଣ କଣ ଆଗେ କୁହନ୍ତୁ ।"

"ଆଛା ତୁ ଏଠୁ କେତେ ଦରମା ପାଉ ?"

"୧୫ ପାଉଥିଲି । ଅବିକା ପାଉଛି ୨୫ଟଙ୍କା ।"

"ଆଚ୍ଛା ତତେ ଯଦି ମାସକୁ ୫୦ଟଙ୍କା ଦିଆଯାଏ, ତୁ ଅନ୍ୟଠି ଚାକିରି କରିବୁ ନାହିଁ ?"

"ନ କରିବି କାହିଁକି ? କିନ୍ତୁ ଆଜ୍ଞା ଆମକୁ ମାସକୁ ୫୦ଟଙ୍କା ଦେବ କିଏ ?"

"ଦେବେ ନାହିଁ କାହିଁକି ? ତତେ ଗୋଟିଏ କଥା କରିବାକୁ ହେବ ।"

"କ'ଣ କ'ଣ ଆଜ୍ଞା, କହୁ ନାହାନ୍ତି ।"

"ବେଶୀ କିଛି ନାହିଁ, ମୁଁ ତତେ ଯେଉଁ ଜିନିଷ ଦେଉଛି କାଲି ତୋ ବାବୁ ଖାଇସାରି ଶୋଇଲା ପରେ ତାଙ୍କ ନାକ ପାଖରେ ମାଡ଼ିଦବୁ । ବେଶି ରାତି ଅଧରେ ଆମଲୋକ ଯାଇଁ ତାଙ୍କୁ ନେଇ ଆସିବେ । ତୁ ବି ତାଙ୍କ ସଙ୍ଗରେ ଚାଲି ଆସିବୁ । ଆସିଲେ ମୁଁ ତୋତେ ମାସକୁ ଟ୫୦ଙ୍କା ଦରମାରେ ରଖାଇ ଦେବି ।"

ରଘୁଆ କଣ ଭାବିବାକୁ ଲାଗିଲା ।

"କଣ ଏତେ ଭାବୁଛୁ । ଏ କାମ କରି ପାରିଲେ ତତେ ଟ ୧୦୦୧ ଦେବି ପରା ।"

"ଆଚ୍ଛା ବାବୁ ଆ' ଦ୍ରାସ ବାବୁଙ୍କର କ୍ଷତି କିଛି ହେବ ନାହିଁ ?"

"ଆରେ କ୍ଷତିକଣ—ଯଦି କହିବୁ ତୋତେ ଟ୍ ୨୦୦୧ ଦେବି ।"

ରଘୁଆ ରାଜି ହୋଇଗଲା । ତା ପରେ ଯାହା କରିବା କଥା ସବୁ ପରାମର୍ଶ ଦେଇ ଲୋକଟି ଅନ୍ତର୍ଦ୍ଧାନ ହୋଇଗଲା ଅନ୍ଧାରରେ ।

ଲୋକଟି ଚାଲିଯିବା ପରେ ରଘୁଆ ତଳେ ଗୋଟାଏ କଣ କାଗଜ ପଡ଼ିଯାଇଥିବାରୁ ତାହା କାଳେ ନୋଟ ହୋଇଥିବ ଭାବି ଉଠାଇ ଆଣି ଟର୍ଚ୍ଚ ମାରି ଦେଖିଲା । ସେଇଟା ଟଙ୍କା ନୋଟ ନୁହେଁ—ଖଣ୍ଡେ ଚିଠି—ଲେଖାଅଛି P. R. P.

ରାୟସାହେବଙ୍କଠାରୁ ହାରଟା ଆଣିବାରେ ଅକୃତକାର୍ଯ୍ୟ ହେଲ—ଏହାଠୁ ବଳି ଲଜ୍ଜାର କଥା କିଛି ନାହିଁ । ତମେ ଯେ କୌଣସି ମତେ ଏଥି ଭିତରେ କୌଶଳ କରି ରାୟସାହେବଙ୍କୁ ମୋ ପାଖରେ ହାଜର କରାଅ, ଯେତେ ଟଙ୍କା ଖର୍ଚ୍ଚ ହେଲେ ସୁଦ୍ଧା ଭୟ ନାହିଁ ।

ଆଉ ସାବଧାନ—ଏ ସପ୍ତାହ ଭିତରେ ମୋ ଆଦେଶ ପାଳିତ ହୋଇ ନ ଥିଲେ ଫଳ ବିଷମୟ ହେବ । ଇତି

ଚକ୍ରଲେଖୀ

ଝର୍ଚ୍ଚ ଲଣ୍ଠନ ଅନ୍ଧାରରେ ଆଗେଇଲା ରଘୁଆ । ମନେ ହେଉଥିଲା ଯେପରି ସେ ତା ମସ୍ତକର କଳ୍ପନା-ବରଫଗୁଡ଼ାକ ସ୍ୱପ୍ନ ବଇଶାଖର ଝାଞ୍ଜି ବାଜି ତରଳି ଆସୁଛି ।

## —ସତର—

ରଜନୀବାବୁ ପାଗଳ ହୋଇ ଯାଇଛନ୍ତି—

ହଁ—ପାଗଳ, ସେ ବଡ଼ ପାଗଳ । ମଣିଷ ରକ୍ତ ପାଇଁ ମଣିଷ ଯେଉଁଠି ଘୃଣ୍ୟ, ଧପାବାଜି, ମିଥ୍ୟା, ପ୍ରବଞ୍ଚନାର ଆଶ୍ରୟ ନେବାକୁ କୁଣ୍ଠିତ ହେଉନି, ସେ ପାଗଳ ହୋଇଯିବାରେ ସେଠି ବିଶେଷତ୍ୱ କଣ ?

ସେ ଜେନେରାଲ ହସପିଟାଲ ସିଭିଲ ସର୍ଜନଙ୍କ ରିପୋର୍ଟ ପୁଣି ଥରେ ପଢ଼ିନେଲେ ।

"—ସ୍ୱାମୀସାହେବଙ୍କୁ ହତ୍ୟା କରିବା ପାଇଁ ତାଙ୍କ ମୃତ୍ୟୁର ଯଥେଷ୍ଟ ପୂର୍ବରୁ ଚେଷ୍ଟା କରାଯାଇଛି । ଖାଦ୍ୟ ସାମଗ୍ରୀ କିମ୍ବା ପାନୀୟ ଦ୍ୱାରା ଝିମସ୍ତୟକାରୀ ବିଷ ତାଙ୍କୁ ଅନ୍ତତଃ ପକ୍ଷେ ମାସେ ପୂର୍ବରୁ ଦିଆଯାଇଛି । ମୃତ୍ୟୁବେଳକୁ ସେ ମୁମୂର୍ଷୁ ଅବସ୍ଥାରେ ଥିଲେ । ତେଣୁ ସାମାନ୍ୟ ବିଷ ପ୍ରୟୋଗ ଫଳରେ ସ୍ୱାଭାବିକ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ଅଜାଣତରେ କୌଣସି ପାନୀୟ ଦ୍ୱାରା ବିଷ ଦିଆଯାଇଥିବାରୁ ମୃତ୍ୟୁ ପୂର୍ବର ହସ ତାଙ୍କ ମୃତ୍ୟୁ ପରେ ମଧ୍ୟ ମୁହଁରେ ଲାଖି ରହିଛି ।"

ରଜନୀବାବୁ ଶିହରି ଉଠିଲେ । କି ମାରାତ୍ମକ ଲୋକ ସେ ଡ଼କ୍ଟର ରାଜକୁମାର ! ଔଷଧ ଦେବାରେ ଝିମସ୍ତୟକାରୀ ବିଷ ଦେଇ ଗୋଟିଏ ଅମୂଲ୍ୟ ଜୀବନ ନଷ୍ଟ କରି ଦେଲା ?

ରଜନୀବାବୁ ବର୍ତ୍ତମାନ ବୁଝିଲେ କାହିଁକି ସେ ପିଶାଚ ତାଙ୍କୁ ଦେବାନ ବାହାଦୁରଜୀ ଆତ୍ମହତ୍ୟା କରିଛନ୍ତି ବୋଲି କହି ଶବ ସତ୍କାରର ତୁରନ୍ତ ବ୍ୟବସ୍ଥା କରିଥିଲା । ସେ ଭଲରୂପେ ବୁଝି ପାରିଲେ ତାଙ୍କୁ ବଡ଼

ପାଗଳ ବୋଲି ସାବ୍ୟସ୍ତ କରି ଆତ୍ମହତ୍ୟା କରିଛନ୍ତି ବୋଲି ଦର୍ଶାଇ ଶବ ସତ୍କାର କରି ପାରିଥିଲେ ସବୁ ସନ୍ଦେହରୁ ସେ ମୁକ୍ତି ପାଇଯାଇଥାନ୍ତା । ଚମତ୍କାର ଆଇଡ଼ିଆ—ଚମତ୍କାର ପ୍ଲାନ—ରଜନୀ ବାବୁ ହୋ—ହୋ—ହୋଇ ମନକୁ ମନ ରାସ୍ତା ଉପରେ ହସି ଉଠିଲେ । ମୁଣ୍ଡ ଭିତରେ ତାଙ୍କର ପିଶାଚ ନାଚୁଥିଲା ।

ସେ ସେତେବେଳକୁ ଦେବାନ ବାହାଦୁରଙ୍କ କୋଠା ପାଖରେ ପହଞ୍ଚି ସାରିଥିଲେ । ଗୋଟାଏ ଖିଆଲରେ ଏତେଗୁଡ଼ାଏ ବାଟ କଟେଇ ଆସିଥିବା କଥା ତାଙ୍କୁ ଜଣା ନ ଥିଲା ।

ସେ ଭିତରକୁ ପଶିଲେ । କୁମାରୀମାସ୍କାଙ୍କୁ କୁଆଡ଼େ ନ ଦେଖି ପଚାରିଲେ 'ହେ, ପୁଝାରି ! ବଡ଼ କାହାନ୍ତି ?"

"ଭିତରେ, ଡ଼ାକ ଦେଉଛି ।" ପୁଝାରି କହି କହି ଚାଲିଗଲା ।

ସେ ଗୋଟାଏ ଚେୟାର ଦେହରେ ନିଜର କ୍ଲାନ୍ତ ଶରୀରକୁ ଲେଟାଇ ଦେଲେ । କିଛି ସମୟ ପରେ କୁମାରୀ ମାସ୍କା ସେ କକ୍ଷରେ ପ୍ରବେଶ କରି କହିଲେ, "ନମସ୍କାର—"

ରଜନୀବାବୁ ଉଠିପଡ଼ି କହିଲେ, 'କହି ପାରିବେ ଡକ୍ଟର ରାଜ କୁମାର କୁଆଡ଼େ ବର୍ତ୍ତମାନ ? ତାଙ୍କ ବସାଟା କେଉଁଠି ?"

"ବସାଟା ପ୍ରେମଚନ୍ଦବରାଲ ଷ୍ଟ୍ରିଟ୍‌ରେ । କିନ୍ତୁ ସେ ବର୍ତ୍ତମାନ ଅଛନ୍ତି କି ନାହିଁ କହି ପାରିବି ନାହିଁ । କାରଣ ସେ ନିକଟରେ ଲଣ୍ଡନ ଯିବେ—ବୋଲି କହୁଥିଲେ—ଗୋଟାଏ ଚିଠି ପଠାଇଛନ୍ତି କଣ ପଢ଼ିନ—" ଏହା କହି ସେ ଦନ ତାକତକ ଖେଲାଇ ଖେଲାଇ ଟାଣି ଆଣିଲେ ଗୋଟାଏ ଚିଠି । ଖୋଲି ପଢ଼ିଲେ, ସେ ଲେଖିଛନ୍ତି—

କୁମାରୀ ଜୀ,

ଆଜ ଲଣ୍ଡନ ଯାଉଛୁ । ଫେରୁ ଫେରୁ ଡେରି ହେବ । ଅନ୍ତତଃ ପକ୍ଷେ ଦୁଇମାସ ଖଣ୍ଡେ ମୁଁ ଲଣ୍ଡନରେ ରହିବ । ଆଶାକରୁଛୁ ଅନ୍ୟ କୌଣସି ଘରୋଇ ଡାକ୍ତର ଦ୍ୱାରା ତୁମେ ତୁମର ଆବଶ୍ୟକୀୟ କାମ ଚଳାଇ ନେଉ ଥିବ । ରହିଲି । ଇତି ।

ବଶମ୍ବଦ
ରାଜକୁମାର ଚାଟର୍ଜି

ଚିଠିଟା ପଢ଼ିସାରି ରଜନୀବାବୁ ହସି ଉଠିଲେ ଜୋରରେ—ଠିକ୍ ଜଣେ ପାଗଳ ଭଳି । ଜିଜ୍ଞାସୁ ଦୃଷ୍ଟିରେ ଅନେଇ ରହିଲେ କୁମାରୀ ମାୟା । ରଜନୀବାବୁ ହସ ବନ୍ଦ କରି କହିଲେ—

"ଲଣ୍ଡନ ନଯାଇ ନରହିଲାଙ୍କର କିଛି ଉପାୟ ନଥିଲା ମାୟା ! ଆଜ ସେ ଏ କଲିକତା ସହରରେ ନୁହେଁ, ପୃଥିବୀର ଯେ କୌଣସି ପ୍ରାନ୍ତରେ ଜନ ବେଶରେ ଥିଲେ ମୁଁ ତାଙ୍କୁ ଫାଶି ଖୁଣ୍ଟରେ ଝୁଲାଇବାର ବନ୍ଦୋବସ୍ତ କରି ଆଆନ୍ତି । କିନ୍ତୁ ସେ ଚାଲାକ, ବୁଦ୍ଧିମାନ । ମୋତେ ଠକ ଦେଇ ଚାଲି ଯାଇଛି ।"

"ଆପଣ କଣ ପାଗଳ ହେଲେ ରଜନୀବାବୁ—ଜଣେ ସମ୍ମାନାସ୍ପଦ ବ୍ୟକ୍ତି..."

"ହଁ—ହଁ ଜଣେ ସମ୍ମାନାସ୍ପଦ ବ୍ୟକ୍ତି ନାମରେ ମୁଁ ଦୋଷାରୋପ କରୁଛି, ସେ ଆପଣଙ୍କ ଘରୋଇ ଡାକ୍ତର ନୁହେଁ—ସେ ଡକାଏତ ରକ୍ତଲୋଲୁପ—"

"ଡକାଏତ ରକ୍ତଲୋଲୁପ—ଆମ ଗହଣା ଚୋର !!"...ଶରବିଦ୍ଧ ଭଳି ଚମକିପଡ଼ି ମାୟା ଚତ୍କାର କରି ଉଠିଲେ । ଅଙ୍ଗ ପ୍ରତ୍ୟଙ୍ଗ ତାଙ୍କର ଥରୁଥାଏ ।

"ହଁ—ହଁ ମାୟା, ଆପଣଙ୍କ ବାପାଙ୍କୁ ସେ ବିଷଦେଇ ହତ୍ୟା କରିଛି, ଆଜ ମୋ ସାମ୍ନାରେ ଥିଲେ..." ରଜନୀବାବୁଙ୍କ ଦାନ୍ତଗୁଡ଼ାକ ରଗଡ଼ ହୋଇ ଗଲା । ଉତ୍ତେଜନାରେ ସେ ଥରି ଉଠିଲେ ।

ମାଧୁ ବାପାଙ୍କ ହତ୍ୟାକଥା ଶୁଣି ବିଶ୍ୱାସ କରି ପାରିଲେ ନାହିଁ ପ୍ରଥମେ । କିନ୍ତୁ ରଜନୀବାବୁଙ୍କ ବିଶ୍ଳେଷଣପରେ ସେ ପ୍ରକୃତ କଥା ବୁଝି ଉତ୍ତେଜିତ କଣ୍ଠରେ କହିଲେ—"ଲୋକଟା କେଡେ ବଦମାସ୍‌...ବାପା ତା ଭଳି ଠକାଏତକୁ ବିଶ୍ୱାସ କରିଥିଲେ କିପରି ?"

"ବାପାଙ୍କ ସରଳ ବିଶ୍ୱାସହିଁ ତାଙ୍କର ମୃତ୍ୟୁର କାରଣ ହେଲା । ମୋର ଅବଶୋଷ ଭିତରନ୍ତ ଆତତାୟୀକୁ ହାତ ନିକଟରେ ପାଇ ମୁଁ ଧରି ପାରିଲି ନାହିଁ । ମୋ ଆଖିରେ ଧୂଳି ଦେଇ ସେ ଖସିଗଲା ।"

"ତାହାହେଲେ ସେ ଯେଉଁ କଥା ସବୁ କହୁଥିଲେ ସେଗୁଡ଼ାକ କଣ ମିଛ ?"

"ଏଥିରେ ସନ୍ଦେହର କାରଣ କଣ ଅଛି ?" ତା'ର ଉଦ୍ଦେଶ୍ୟ ଥିଲା ଶବଟା ସଦ୍ୟ ସତ୍କାର କରିଦେବା । ଫଳରେ ଡାକ୍ତର ପରୀକ୍ଷା ବିନା ବିଷଦିଆ ରହସ୍ୟ କେବଳ ରହସ୍ୟ ହୋଇ ରହିଯାଇଥାଆନ୍ତା । କିନ୍ତୁ ଭଗବାନଙ୍କ ଉଦ୍ଦେଶ୍ୟ ଭିନ୍ନ । ହଁ—ତୁମେ ଏଣିକି ସାବଧାନ ରୁହ ମାଧୁ—ତୁମ ବଂଶର ପଛେ ପଛେ ଲାଗି ରହିଛନ୍ତି ଗୋଟାଏ ଶକ୍ତ ଠକାଏତ ଦଳ । ସାବଧାନ ନହେଲେ ନିଜ ଉପରକୁ ବିପଦ ଆସିଯାଇପାରେ—"

ମାଧୁ ନୀରବରେ ସମ୍ମତି ଜଣାଇଲେ ।

ରଜନୀବାବୁ କହିଲେ—"ମୁଁ ଯାଉଛି ମାଧୁ, ଆବଶ୍ୟକ ହେଲେ ଫୋନ୍‌ରେ ମୋତେ ଜଣାଇବ ।"

## —ଅଠର—

ସେତେବେଳକୁ ପାହାନ୍ତା ପହର —

ରଘୁଆ ମୋଟରରୁ ଅବତରଣ କଲାକ୍ଷଣି ତା ଆଖିରେ କଲାକନା ଗୋଟାଏ ବାନ୍ଧି କୁଆଡ଼େ କିଏ ନେଲେ ସେ ଜାଣି ପାରିଲା ନାହିଁ, ବାବୁଙ୍କୁ ଦେଖିବାକୁ ମନ ତାର ବ୍ୟାକୁଳ ହେଉଥାଏ । ମାତ୍ର ମୁହଁ ଖୋଲି ସେ କହିବ କାହାକୁ ?

ସେ କୁଆଡ଼େ ଯାଉଥାଏ ନଜେ ସୁଦ୍ଧା ଜାଣି ପାରୁନଥାଏ···ତେବେ ମନେ ହେଉଥାଏ ସେ ତଳକୁ ତଳକୁ ଖସୁଛି—ତେବେ କଣ ମାଟିତଳେ ଘର !

ମନେ ମନେ ନଜ ଉପରେ ଚଡ଼ି ଉଠୁଥାଏ ରଘୁଆ । କହିଁକି ସେ ଏ ଟଙ୍କା ଲୋଭରେ ପଡ଼ିଲା । ଡକାଏତଗୁଡ଼ାକ ତା ଜୀବନ ରଖିବେ କି ନାହିଁ । ତା ବାବୁଙ୍କ କଥା ମନେ ପଡ଼ି ଦେହ ତାର ଶୀତେଇ ଉଠୁଥାଏ···ମନେ ପଡୁଥାଏ ସେଦନ ଗପ କଥା—ଝରକା ରେଲିଂ ତରଳାଇ ଡକାଏତ ବନ୍ଧୁକ ହାତରେ···ତା କଲ୍ପନା ରଥ ଅଟକ ଯାଏ··ଶିରଶିରେଇ ଉଠେ ତା ଦେହ ତା ଅବସ୍ଥା ସେଇଆ ହବ ନାହିଁ ତ ? ତା ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ।

ଆଖିରୁ ଖୋଲା ହେଲା ତାର ଅନ୍ଧ ପୁଟୁଳି···ଆଃ···ଆଶ୍ଚର୍ଯ୍ୟ ହୋଇଗଲା ରଘୁଆ । ନୀଳ ବଜୁଳି ଆଲୁଅରେ ଘର ଭସୁଛି । ଲୋବ ଗନ୍ଧଲରେ ଗନ୍ଧ ଗନ୍ଧ ଡ଼ାକୁଛି ସ୍ଥାନଟି । ମାଟିତଳେ ଏମିତି ସୁନ୍ଦର ଘରସବୁ ହୋଇପାରେ ? କିଛି ସମୟପରେ କେତେ ଭଲ ଖାଇବା ଜନଷସବୁ ଆସିଗଲା···ଜଣେ କଳାପୋଷାକ ପିନ୍ଧା ଲୋକ ଏସବ ନେଇ ଆସିଥିଲା । ରଘୁଆ ପଚାରିଲା, ବାବୁ ଖାଇଲେଣି ?

"କୋଉ ବାବୁ ?"···ଲୋକଟା ମୁହଁରେ ବସ୍ମୟର ଚହ୍ନ ।

"ମୋ ଗୁପ୍ତସାହେବବାବୁ, ଆଜ ଯିଏ ଆସିଲେ ନାହିଁ ?"

"ନା—ମୁଁ ଜାଣେନ, ମୋ କାମ ଛଡ଼ା ଅନ୍ୟ କାମ ବୁଝିବା ଅଧିକାର ମୋର ନାହିଁ ।"

ସେ ଚାଲିଗଲା । ରଘୁଆ ଖାଇସାରି ବୁଲି ଆସିଲା ଘରଆଡ଼େ ଯେସାଏ । ତାପରେ ତା ପାଇଁ ନର୍ଦ୍ଦିଷ୍ଟ ହୋଇଥିବା ସଜ୍ଜିତ ଏକ ପଲଙ୍କରେ ସେ ଲୋଟାଇ ଦେଲା ତାର କର୍ମକ୍ଳାନ୍ତ ଶରୀରଟିକୁ । × × ×

ରଘୁଆ ସେମାନଙ୍କ ମଧ୍ୟରୁ ଜଣେ ହୋଇଗଲା ।

ସେମାନଙ୍କ ସାଙ୍ଗରେ ମିଶି ହସେ, ଖେଳେ, ଦରକାର ପଡ଼ିଲେ କାମ ମଧ୍ୟ କରେ । ତେଣୁ ସାରା 'ଗୁପ୍ତଭବନ' ବୁଲି ଦେଖିବା ତା ପକ୍ଷେ ସମ୍ଭବ

ହୋଇଛୁ । ତାର ଏଥି ଭିତରେ ଯେତକ ଅନୁଭୂତ ହୋଇଛୁ ସେ ଜାଣେ ଏଇଟା ଗୋଟାଏ ଭୂତଖାନା । ସବୁବେଳେ ଏଠି ଛୁଟିଥାଏ ହସର ଜୁଆର୍‌··ଆନନ୍ଦର କୋଳାହଳ··କିନ୍ତୁ କେଉଁ ମୁହୂର୍ତ୍ତରେ କେଉଁଠି ମଣିଷର ପ୍ରାଣ-ପକ୍ଷୀଟିକୁ ନିର୍ମମ ଭାବରେ ହତ୍ୟାକରି ଦିଆଯାଏ, କେହି ଜାଣି ପାରନ୍ତି ନାହିଁ ।

ଏ ବିଷୟରେ କଥାବାର୍ତ୍ତା ହେବାପାଇଁ ମନାଅଛି । ରଘୁଆ, ଏକାକୀ ଏସବୁ ବୁଝିବାକୁ ଚେଷ୍ଟାକରେ—ଏଥି ଭିତରେ ସେ ଖଣ୍ଡେ ଷ୍ଟେନ୍ ଆଗ୍ନେ-ୟାସ୍ତ୍ର ସଂଗ୍ରହ କରି ଲୁଚେଇ ରଖିଛି—ଦରକାରବେଳେ କାମରେ ଆସିପାରେ ।

ଦିନେ ରାତି ଦି'ଟା—

ଗୁପ୍ତଭବନ ଘୁମେଇ ପଡ଼ିଛି । କେବଳ ପ୍ରଧାନ ରାସ୍ତା ଗୁଡ଼ାକ ଛଡ଼ା କକ୍ଷ-ମାନଙ୍କର ଆଲୋକ ଲିଭେଇ ଦିଆଯାଇଛି । ସମସ୍ତେ ଗଭୀର-ନିଦ୍ରାରେ ନିମଗ୍ନ । କେବଳ ଛଟପଟ ହେଉଛି ରଘୁଆ । ସେ ବୁଝିପାରୁନି ତା ବାବୁଙ୍କୁ ସେ ଏ ଡକାଏତଙ୍କ ହାତରେ ଟେକି ଦେଇ ସେ ଭୁଲ କରିଛି ନା' ଠିକ୍ କରିଛି ? ମାଟିତଳେ ପ୍ରଥମେ ଏତେ ବଡ଼ ହଲ୍ ଦେଖି ସେ ସ୍ତମ୍ଭିତ ହୋଇଯାଇଥିଲା । ଧାଡ଼ିକି' ଧାଡ଼ି ଘର ମଝିରେ ପୁଣି ରାସ୍ତା....ନା—ଗୁପ୍ତଭବନ....ବାପରେ... କଳ୍ପନା କରୁ କରୁ ରଘୁଆ ବେଳେ ବେଳେ ଚମକି ପଡେ । ସେ ଏ ମାଟିତଳୁ ଯାଇଁ ବାହାରର ସୂର୍ଯ୍ୟାଲୋକ ଦେଖି ପାରିବତ ?

ବିଶ୍ୱାସ ହୁଏନା....ଏତେ ବଡ଼ ଡକାଏତ ଦଳ...କେତେଦିନ ଧରି ମାଟିତଳେ ଏଡ଼େ ଏଡ଼େ ଖଞ୍ଜା ଘର ତିଆରି କରିଥିବେ...ପୁଣି ତା ସାଙ୍ଗରେ ପାଓ୍ୱାର ହାଉସ୍‌··ଜଳଭଣ୍ଡାର...ନାଚଖାନା...ସବୁ...ମଣିଷ ପୁଣି ନ କରୁଛି କଣ ?

ରଘୁଆ କେବଳ ଭାବେ...କଳ୍ପନା କରେ...ଅନୁମାନ କରେ... ସମାଧାନ କରିବାକୁ ମୁଣ୍ଡରେ ତାର ମସଲ୍ଲ ନାହିଁ । କେଇଦିନ ତାର ଆଉ ଏମିତି କଟିବ ସେ କଳ୍ପନା କରି ପାରେନା—

ହଠାତ୍...

ହଁ, ହଠାତ୍ ଶୁଭିଲା କାହାର କଥାବାର୍ତ୍ତା । କାନ ପାରିଲା ରଘୁଆ, ନା... ନା ...ଏ କଥାବାର୍ତ୍ତା ନୁହେଁ ଧମକ ଚମକ । ସେ ଅନୁମାନ କଲା । କିଏ ଦେଉଛି କାହାକୁ ଧମକ ?

ରଘୁଆର କୌତୁହଳ ହେଲା । ସେ ଦେଖି ଆସିବ । କେଉଁ ହତଭାଗ୍ୟ ଆଜି ଶ୍ୱାପଦ କବଳରେ ପଡିଛି, ନର୍ଯ୍ୟାତିତ । ସେ ଅଣ୍ଟାଳି ଅଣ୍ଟାଳି ହଟିଲା । ଟେବୁଲ ଡ୍ରରୁ କାଢ଼ିଲା ଗ୍ଲେଟ ଅଟୋମେଟିକ୍ ଆଗ୍ନେୟାସ୍ତ୍ର ଖଣ୍ଡିକ । ତାପରେ ସେ ପାଦ ବଢାଇଲା ଆଗକୁ....

ସ୍ୱପ୍ନଭବନର କୌଣସି ଗଳିକନ୍ଦି, ରାସ୍ତା ତାକୁ ଅଜଣା ନାହିଁ । ତଥାପି ତାକୁ ଡର ମାଡିଲା ଆଉ ଟିକିଏ ଆଗେଇବାକୁ—ଏତେ ରାତିରେ ସ୍ୱପ୍ନଭବନରେ ବୁଲିବା ତା ପକ୍ଷରେ ନୂଆ...

ଆଗରେ ଗୋଟାଏ ଲାଇଟ୍ ଖୁଣ୍ଟ । ଅବସ୍ଥାନ୍ତ ସ୍ୱରରେ ବଳସ୍ତ ବାଣ୍ଟି ଚାଲୁଛି ଆଲୁଅ । ସେଇଠି ଠିଆହୋଇ ରଘୁଆ ଅନୁମାନ କଲା କେଉଁଠୁ ଆସୁଛି ସେ ସ୍ୱର । ପଶ୍ଚିମ ପଟୁ ତ ନିଶ୍ଚୟ । ତେବେ କେଉଁ କୋଣରୁ ? ପୁଣି କାନ ପାରି ପାରି ଆଗେଇଲା ରଘୁଆ । ଶବ୍ଦ, ସ୍ୱର ଏଥର ଅପେକ୍ଷାକୃତ ସ୍ପଷ୍ଟ ।

ଘଟଣାସ୍ଥଳ ନିକଟତର ହୋଇ ଆସୁଛି । ରଘୁଆ ବୁଝିଲା, ନ'ନମ୍ବର ଘରୁ ଆସୁଛି ସେ ଶବ୍ଦ । କିନ୍ତୁ... କିନ୍ତୁ...ଆଗରେ ଆବର୍ଜନା...ଭଙ୍ଗାକାଚ ସ୍ତୂପିକୃତ ମଇଳା...ସେ ଯିବ କେମିତି....ଏ ପଟକୁ ଆସିବାକୁ ମନାଥାଏ... ତାର ନଯିବାର କଥା...ତଥାପି ଡେଇଁ ଡେଇଁ ଗଲା ରଘୁଆ....ଧମକ ଦେଉଥିବା ଲୋକର କଣ୍ଠ ସ୍ୱରରୁ ଜାଣିଲା ସେ ରକ୍ତଲେଖା....

ହଁ—ରକ୍ତଲେଖା...ଏହାଠୁଁ ତାର ଅଧିକ ପରିଚୟ କେହି କେବେ ଜାଣିବାକୁ ଇଚ୍ଛା କରନ୍ତି ନାହିଁ—ସମସ୍ତଙ୍କ ପାଖରେ ସେପରି ଚଠି ସେଇ-

ନାମରେ—ଅଦ୍ଭୁତ ସେ ଲୋକ...ନାଁ ଶୁଣିଲେ କେବଳ ଦଳର ସମସ୍ତ ସଭ୍ୟ ନୁହନ୍ତି ବାହାରର ପୁଞ୍ଜିପତି, ଧନପତି, ମିଲ୍ ମାଲିକ, ପୋଲିସମାନେ ମଧ୍ୟ ଥରି ଉଠନ୍ତି...ନଡ଼ା ନଡ଼ିକା ଦେହ—କୋରେଡ଼ା କୋରେଡ଼ା ଆଖି...ତଥାପି ସେଇ ନଡ଼ିକା ଦେହରୁ ବାହାରେ ବାଣ ଭଳି କଥା, କୋରେଡ଼ା ଆଖିରୁ ଛୁଟେ ଶତ ସୂର୍ଯ୍ୟର ଦୀପ୍ତି । କେତେବେଳେ କେଉଁ ବେଶରେ କେଉଁଠି ସେ ଥାଏ ଦଳର କେହି ମଧ୍ୟ ଜାଣି ପାରନ୍ତି ନାହିଁ । ସେଇ ରକ୍ତଲୋଭୀ ଆଜି ନମ୍ବର ଘରେ...ରଘୁଆ ହାତ ତଳେ ଛପିହୋଇ ଆସିଲା ଆଗ୍ନେୟାସ୍ତ୍ର ଖଣ୍ଡିକ—

ରଘୁଆ ଦେଖିଲା ଯାହା ଆଖିକୁ ତାର ସେଥିରେ ବିଶ୍ୱାସ ହେଲାନାହିଁ । ରକ୍ତଲୋଭୀ ଧମକ ଦେଉଛି ତା ପରମପୂଜ୍ୟ ପ୍ରଭୁ ସ୍ୱସାହେବଙ୍କୁ—ସେ ଶୁଣିଲା ରକ୍ତଲୋଭୀ ଗର୍ଜି ଉଠି କହୁଛି...

"ସେ ଛଳନା ପଟିବନାହିଁ ସ୍ୱସୋହେବ । ମୁଁ ଆଜି କଡ଼ା, ଜାନ୍ତ କରି ହିସାବ କରି ନେବି...ମୋର ଦରକାର ସେ ହୀରାହାର । କୋଉଠି ରଖିଛ ତାକୁ ଦିଅ—ନଚେତ୍ ଗୁଳି ଗୁଳି କରି ଏ ବନ୍ଧୁକରେ ତୋତେ ହତ୍ୟା କରିବି...."

"ମୋତେ ଚିହ୍ନି ପାରିଲୁ ନାହିଁ ଦୁଷ୍ଟ...ହୀରାହାର ଟ୍ରେନ୍‌ରୁ ଚୋରିକରି ଆଣି ନକଲି ହାର ବୋଲି କହି ଆଉ ଗୋଟାଏ ହାର ଦାବି କରିବା ମୂଳରେ ତୋର କେଉଁ ଉଦ୍ଦେଶ୍ୟ ରହିଛି ମୁଁ ଜାଣି ପାରୁନ...?

"ତେବେ ସେ ହାର ତୁମର ଦେବାର ଇଚ୍ଛା ନାହିଁ ସ୍ୱସାହେବ...ବେଶ୍ ମୁଁ ତାର ଉପଯୁକ୍ତ ପ୍ରତିକାର କରୁଛି...ଜଣେ ସରଳା ବାଳିକାର ସର୍ବନାଶ କରି ତୁମେ ଯେଉଁ ଅଭିଶାପ ବରଣ କରିଛ ତାର ବିଷମୟ ଫଳ ତୁମେ ଭୋଗକରିବ, ସେଥିପୂର୍ବରୁ ମୁଁ ଜାଣିବାକୁ ଚାହେଁ ହାର ତୁମ ପାଖରେ ଅଛି କି ନାହିଁ ?"

"ହାର?...ହସାଇଲୁ ମୋତେ···ଏଇ ପକେଟରୁ କାଢ଼ି ତୋର ହାତରେ ଟେକି ଦେଇଛୁ ଅରେ। ଆଉ ତାକୁ ମୁଁ ପାଇବ କୁଆଡୁ ? ତୋର ଶେଷ ଇଚ୍ଛା ତୁ ପୂରଣ କରନେ...ହାର ମୁଁ ତୋତେ ଦେଇ ଦେଇଛୁ—"

"ହଁ—ହଁ—ମୁଁ ଜାଣେ ତୁମେ ମୋତେ କେଉଁ ହାର ଦେଇଛ । ଦେଖ ରାୟସାହେବ, ତୁମ ଏ ହାର ପ୍ରକୃତ ହାର ?...."

ଯୁବକ ଗୋଟିଏ ସ୍ୱର୍ଣ୍ଣହାର କାଢ଼ି ଥୋଇଲା ରାୟସାହେବଙ୍କ ଆଗରେ। ରାୟସାହେବ ପରୀକ୍ଷା କରି ଦେଖି ସାରି କହିଲେ, "ମୋତେ ଠକି ଦେବାକୁ ବସିଛୁ ଦସ୍ୟୁ—ମୁଁ କଣ ମୋ ହାର ଚହ୍ନିନି ? ମୋ ହାର ପଦକ କଣ ଏତେ ସ୍ତେଟ ? ଏତେ ସ୍ତେଟ ହାରର ପଦକରେ କଣ ବନ୍ଦୀ ନିଳମ୍ବର ଗ୍ରନ୍ଥା ଜଳ୍ସା ଆଇପାରେ ? ଏଇଟା ଜାଲ୍—

ଏଥର୍ ଯୁବକ ମୁଖ ମଣ୍ଡଳରେ ଖେଳିଗଲା ସନ୍ଦେହର ବହ୍ନି। ସେ ନମ୍ର କଣ୍ଠରେ କହିଲା "ସତେ, ତୁମ ପାଖରେ କ'ଣ ସେ ହାର ନାହିଁ···?"

ରାୟସାହେବ ମୁଣ୍ଡ ହଲାଇଲେ ।

ଯୁବକ ଚନ୍ଦ୍ରଭ ମନରେ କଣ ଭାବି ଚିପି ଧରିଲେ ଗୋଟାଏ ଇଲେକଟ୍ରିକ୍ ବଟମ୍...ହଠାତ୍ କକ୍ଷ ଦୁଇଭାଗ ହୋଇଗଲା ଏବଂ ରାୟସାହେବ ଖସି ପଡ଼ିଲେ ତଳକୁ—ସେ ବନ୍ଦୀ....

ଚନ୍ଦ୍ରଭ ମନରେ ରକ୍ତଲେଖା କକ୍ଷ ତ୍ୟାଗ କରି ବାହାରି ଆସିଲା ପଦାକୁ। ଚାଲି ଚାଲି ଆସିଲା ରଘୁଆ ଆଡ଼କୁ...ଚଞ୍ଚଳ ଗତିରେ ରଘୁଆ ଭୁଲିଯାଇ ଆତ୍ମଗୋପନ କଲା ଗୋଟାଏ ଆବର୍ଜନାସ୍ତୂପ ପାହାଡ଼ରେ... ରକ୍ତଲେଖା ଚାଲିଯିବାପରେ ଏକା ନିଃଶ୍ୱାସକେ ରଘୁଆ ଦଉଡ଼ି ଦଉଡ଼ି ନିଜ କକ୍ଷରେ ପଶି କିଳି ଦେଲା କବାଟ ଭିତରପଟୁ...

ମସ୍ତକ ତାର ଆଜି ସ୍ୱର୍ଣ୍ଣହାର....ସେ ଭାବିପାରୁନି ସେ ଆଜି କଣ ଶୁଣିଲା । ଗୋଟିଏ ସରଳା ବାଳିକାର ସର୍ବନାଶ ପାଇଁ ଦାୟୀ ରାୟ-

ସାହେବ ? ସ୍ୱର୍ଣ୍ଣଦ୍ୱାର ପଦକ ଦେହରେ ଅଛି ବନ୍ଦୀ ନାଲସୁର ନକ୍ସା ? ରହସ୍ୟର କଳା ପରଦା ଘୁଞ୍ଚିଲା ତା ଆଖିରୁ...ସେ ବୁଝିଲା କାହିଁକି ଗୋଟାଏ ସ୍ୱର୍ଣ୍ଣଦ୍ୱାର ପାଇଁ ଗୁପ୍ତସାହେବ ଆଜି ଭୂଗର୍ଭର ଅତଳ ତଳେ ବନ୍ଦୀ......

ଆଲୁଅ ଜାଳି କାଗଜ ବାହାର କରି ସେ ଲେଖିଲା—ତାପରେ ଶୋଇ ଶୋଇ ପ୍ରଭାତ....କିନ୍ତୁ କାନରେ ବାଜିଲା ନାହିଁ ବିହଙ୍ଗ କାକଳିର ମଧୁର କୂଜନ...ଆଖିରେ ଝଲସିଲା ନାହିଁ ବାଳ ସୂର୍ଯ୍ୟର ରଶ୍ମିବାଣମାନ ଅନେକ ସ୍ୱପ୍ନ....ଦିନରାତି ଏ ଭୂଗର୍ଭରେ ସବୁବେଳେ ସମାନ—ଇଲେକ୍ଟ୍ରିକ୍ ଆଲୁଅ ସବୁବେଳେ ଏଠି ଜଳୁଥାଏ—

ସେ ଶୋଇବାକୁ ଚେଷ୍ଟାକଲା—

## —ଉଠିଲେଣି—

ଅଧାଜଳା ସିଗାରେଟ୍ ଖଣ୍ଡିକ ଜଳି ଜଳି ଆଙ୍ଗୁଠି ପାଖକୁ ଆସିଲାଣି । ସେଥିପ୍ରତି ତାଙ୍କର ଧ୍ୟାନ ନାହିଁ । ଗଭୀର ଚିନ୍ତାମଗ୍ନ ରଜନୀବାବୁ । ଆଗରେ ଖୋଲାହୋଇ ପଡ଼ିଛି ଗୋଟାଏ ଚିଠି । ଲେଖାଅଛି—

ରଜନୀବାବୁ,

ସେ ଦ୍ୱାରଟାର ପଦକ ଖୋଲିବେ—ତା'ର ଭିତରେ ଥିବା କାଗଜ ଖଣ୍ଡିକ ଗୋଟାଏ ନକ୍ସା—ସେଇ ନକ୍ସା ଅନୁସାରେ କାମ କଲେ ଆପଣ କିଛି ଗୋଟାଏ ସୂତ୍ର ପାଇବେ ବୋଲି ମୋର ବିଶ୍ୱାସ—

ତମର କେହି ଜଣେ

ଧୀର ଧୀର ଅଧାଜଳା ସିଗାରେଟ୍‌ଟିକୁ ଫୋପାଡ଼ିଦେଇ ରଜନୀବାବୁ ଅତି ଯତ୍ନରେ ସାଇତି ରଖିଥିବା ଦ୍ୱାରଟିକୁ କାଢ଼ିଲେ । ଦ୍ୱାରର ପଦକଟି ବାସ୍ତବିକ୍ ଅସ୍ୱାଭାବିକ ଭାବରେ ବଡ଼ । ତଥାପି ତା ଭିତରେ ଗୋଟାଏ ନକ୍ସା ଥିବା ତାଙ୍କର ବିଶ୍ୱାସ ହେଲା ନାହିଁ ।

ପୁଣି ଭାବିଲେ ତାହା ନ ହୋଇଥିଲେ ସାମାନ୍ୟ ହାରଟା ପାଇଁ ଏତେ ଗଣ୍ଡଗୋଳ ଲାଗିଆନ୍ତା କାହିଁକି । ତେବେ ଯଦି ଥାଏ ତେବେ ନକ୍ସାଟା କାହାର ନକ୍ସା ହୋଇପାରେ ?

ରଜନୀବାବୁ ଭାବି ଭାବି ଉଠି ପଡ଼ିଲେ । ଗୋଟାଏ କିଛି ସମାଧାନ ନ କଲେ ମନରେ ଶାନ୍ତି ଆସିବ ନାହିଁ । କିନ୍ତୁ ସମାଧାନର ଉପାୟଟା କ'ଣ ସେ ଭାବି ପାରିଲେ ନାହିଁ ।

ମୋଟର ଗ୍ୟାରେଜରୁ ମୋଟରଟା ଆଣି ସେ ଛୁଟାଇ ଦେଲେ ଦ୍ରୁତବେଗରେ ।

ନଗରର ଶ୍ରେଷ୍ଠ ସ୍ୱର୍ଣ୍ଣାଳଙ୍କାର ବେପାରୀ ଶେଠ ମଦନଲାଲ ବାଗଡ଼ି । ସୁନା ହୀରାର ମୂଲ୍ୟବାନ ଜିନିଷ ସବୁ ତିଆରି କରି ବିକିବାରେ ମଦନ-ଲାଲଙ୍କ ଖ୍ୟାତି ବଙ୍ଗବିଖ୍ୟାତ । ବଡ଼ ବଡ଼ ଷ୍ଟେଟର ଡ଼କାଏତମାନଙ୍କଠାରୁ ସୁନା, ହୀରା ଇତ୍ୟାଦି ଶସ୍ତାରେ କିଣି ନିଜେ ପୁଣି ଥରେ ଗଢ଼ି ଅଧିକ ଲାଭରେ ଲାଭବାନ ହେବା କଥା ନଗରର ଲୋକ ମୁଖରେ ପ୍ରଚାରିତ ।

କେତେକ ଘଟଣା କ୍ରମେ ରଜନୀବାବୁଙ୍କ ପରିଚିତ ଏହି ମଦନଲାଲ । କିଛି ଉପାୟ ନପାଇ ରଜନୀବାବୁ ତାଙ୍କର ଦ୍ୱାରସ୍ଥ ହେଲେ । ଉଦ୍ଦେଶ୍ୟ ଏ ହୀରା ହାରର ପଦକଟି ଖୋଲି ନକ୍ସା ଅଛି କି ନାହିଁ ପରୀକ୍ଷା କରିବା ।

ସେଠଜୀଙ୍କ ଦାଣ୍ଡଦୁଆର ମୁହଁରେ ରଜନୀବାବୁଙ୍କ ମୋଟର ଅଟକିଲା । ରଜନୀବାବୁ ଦେଖିଲେ ସେଠଜୀଙ୍କ ଦ୍ୱାର ଭିତରପଟୁ ବନ୍ଦ । ସେ କବାଟରେ ହାତ ବାଡ଼େଇଲେ ।

"କିଏ ?" ରଜନୀବାବୁ ବାରିଲେ ଏହା ମଦନଲାଲଙ୍କ କଣ୍ଠସ୍ୱର ।

"ଖୋଲନ୍ତୁ···ଜରୁରି କାମ··" ଚାପା କଣ୍ଠରେ କହିଲେ ରଜନୀବାବୁ ।

"କିଏ ? ପରିଆ ?"·· ପୁଣି ମଦନଲାଲର ପ୍ରଶ୍ନ ।

ପରିଆ ? ଚମକି ପଡ଼ିଲେ ରଜନୀ ବାବୁ । ପରିଆ କୁମାରୀ ମାୟାଙ୍କ ବିଶ୍ୱସ୍ତ ଚାକର । ତା'ନାଁ ଧରିବାର କାରଣ କଣ ? ରହସ୍ୟ ବୁଝିବା ପାଇଁ ରଜନୀବାବୁ ଚାପା କଣ୍ଠରେ କହିଲେ, "ହୁଁ···"

କବାଟ ଖୋଲିଗଲା । ମାତ୍ର ପରିଆ ବଦଳରେ ରଜନୀବାବୁଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଉଠିଲେ ମଦନଲାଲ ।

"ଆପଣ ? କହୁନାହାନ୍ତି ·····"ମଦନଲାଲ କହିଲେ ।

"ଆପଣ ତ ଆଉ ଘର ଛାଡ଼ି ପାରୁନାହାନ୍ତି, କହ ନୂଆ କଅଣ ?"

"ନାଇଁ···ବହୁଦିନ ପରେ ଦେଖା ନା"···ଲଜ୍ଜିତ ହୋଇ କହିଲେ ମଦନଲାଲ ।

"ନାଇଁ ଏଣେତ ଆମର ଚଳପ୍ରଚଳ ବେଶୀ ନୁହେଁ—ହଁ, ଆପଣଙ୍କ ସାଙ୍ଗରେ ଗୋଟାଏ ଗୁପ୍ତ କଥାବାର୍ତ୍ତା ଅଛି ।"

ଏହା କହି ରଜନୀବାବୁ କକ୍ଷ ଭିତରକୁ ପଶିଲେ । ମାତ୍ର ଏ କଣ ? କଣ ଦେଖୁଛନ୍ତି ସେ ? ଏତେ ସ୍ୱର୍ଣ୍ଣାଳଙ୍କାର···ଅଥଚ···ଅଥଚ ରଜନୀବାବୁ କଣ କହୁ କହୁ ଅଟକି ଗଲେ ।

"ଏଗୁଡ଼ାକ...."

"ହଁ, ଏ ଜିନିଷଗୁଡ଼ାକ ରଙ୍ଗଲାଲ ଝାଉଙ୍କ ଝିଅ ମାୟା ଭଙ୍ଗାଇ ଅନ୍ୟ ବଢ଼ିଆ ଜିନିଷ ତିଆରି କରିବ ବୋଲି ଲେଖି ପଠାଇଛି ।"

"ସତେ ?"

"ହଁ, ହେଇ ଏ ଚିଠି ଦେଖୁନାହାନ୍ତି··"

ରଜନୀବାବୁ ପଢ଼ିଲେ—

ମଦନ ମଉସା,

ଏ ଜିନିଷଗୁଡ଼ାକ ପରିଆ ହାତରେ ପଠାଇଲି । ପୁରୁଣା କାଳିଆ ଜିନିଷ ଗୁଡ଼ାକ···ଭାଙ୍ଗି ନୂଆ ଢଙ୍ଗାଇକର ଜିନିଷ ତିଆରି କରିଦେବେ ।

ଏକଥା ଅନ୍ୟ କାହାରିକି ଜଣାଇବେ ନାହିଁ । । ଇତି । ଆପଣଙ୍କ

ମାୟା

ଚିଠିଟା ପଢ଼ିସାରି ରଜନୀବାବୁ ପରୀକ୍ଷା କରିନେଲେ ସ୍ୱର୍ଣ୍ଣାଳଙ୍କାର ଗୁଡ଼ାକ । ହୁଁ...ହୁଁ...ଠିକ ଖାଣ୍ଟି ସୁନା । ତାଙ୍କ ଅନୁମାନ ଭୁଲ୍ ହୋଇ ନ ପାରେ । ସେ ଚିନ୍ତିତ ହୋଇ ପଡ଼ିଲେ ।

"କ'ଣ କାମ ଥିଲା କହୁଥିଲେ ?"
"ହଁ ଟିକିଏ ଭିତରକୁ ଆସନ୍ତୁ..."

ଗୋଟିଏ ନିର୍ଜନ କକ୍ଷକୁ ନେଇ ରଜନୀବାବୁ ସୁନା ହାରଟା ଝାଡ଼ି ଦେଖାଇଲେ । ଲୋଭରେ ପାଟିରୁ ନାଳ ଗଡ଼ି ପଡ଼ିଲା ମଦନଲାଲଙ୍କର । ହାରଟା କମରେ ୧୦ ହଜାର ଟଙ୍କାରୁ କମ ହେବ ନାହିଁ । କେତେ ଦରରେ ବିକିବେ ରଜନୀ ବାବୁ ? ଚିନ୍ତା ମଗ୍ନ ହୋଇ ପଡ଼ିଲେ ମଦନଲାଲ୍ ।

"ଏ ପଦକଟା ପରୀକ୍ଷା କରନ୍ତୁ ନା..." ରଜନୀବାବୁ କହିଲେ । ଶେଠଜୀ କିଛି କାରଣ ବୁଝିପାରିଲେ ନାହିଁ । ପଦକ ପରୀକ୍ଷା କରିବେ କାହିଁକି ? ତଥାପି ବାଧ୍ୟ ଶିଷ୍ୟ ଭଳି ପରୀକ୍ଷା କରି ବସିଲେ ତାକୁ ମଦନଲାଲ୍..."ଏଁ ଏ କଣ ? ଭିତରେ ଏହାର ଗୋଟାଏ ପୋଲା କାଗଜ ?" ମଦନଲାଲଙ୍କ ବିସ୍ମୟରେ କହି ଉଠିଲେ ।
"କାଗଜ ବାହାର କରି ଦିଅନ୍ତୁ ନା !"

ମଦନଲାଲ୍ ନିଜ ଯନ୍ତ୍ର ସାହାଯ୍ୟରେ କାଗଜଟା କାଢ଼ିଦେଲେ । ରଜନୀବାବୁ କାଗଜଟା ଆଣି ପରୀକ୍ଷା କରି ଦେଖନ୍ତି ତ ଅଧ ପତଳା କାଗଜ ଖଣ୍ଡେ । ଆଠ ପ୍ରସ୍ଥ ହୋଇ ପଶିଥିଲା ପଦକ ଦେହରେ । କାଗଜ ଦେହସାରା କେବଳ ସୂକ୍ଷ୍ମ କଲାଗାର । ରଜନୀବାବୁ ବୁଝିଲେ ତାହା ଗୋଟିଏ ନକ୍ସା । ସେ ଆନନ୍ଦରେ ବିଭୋର ହୋଇ ପଡ଼ିଲେ । "ପଦକ ମୁହଁଟା ଟିକିଏ ପୂର୍ବ ଭଳି ବନ୍ଦ କରି ଦିଅନ୍ତୁ ।"

ମଦନଲାଲ୍ ତାହାହିଁ କଲେ । ହାରଟା ପୁଣି ପକେଟସ୍ଥ କରି ପଦାକୁ ବାହାରି ପଡ଼ିଲେ ରଜନୀବାବୁ । ହାରଟା ବିକ୍ରୀ ନ କରିବାରୁ ମଦନଲାଲଙ୍କ ଆଶା କେବଳ ଆଶାରେ ହିଁ ରହିଗଲା ।

## —କୋଡ଼ିଏ—

"କଣ ସବୁବେଳେ ନଜର ରଖିବାକୁ ପଡ଼ିବ ?"

"ହଁ, ହଁ ସବୁବେଳେ—ଆଖି ପିଛୁଡ଼ାକେ ସବୁ ନଚେତ୍ ଭଣ୍ଡୁର ହୋଇଯିବ ମୋର ଏତେବଡ଼ ଆଶା, ଦମ୍ଭ ସବୁ ମିଶିଯିବ ମାଟିରେ । ତୁମେ ସତର୍କତା ଉପରେ ନିର୍ଭର କରୁଛି ମୋର ସବୁ କିଛି—" ଏତକ କହି ସାରି ରଜନୀବାବୁ ଫେରିଗଲେ ସ୍ତ୍ରୀ ଆଡ଼େ ସତର୍କତାର ସହିତ ।

"ଆଚ୍ଛା—ଆପଣ ?"

"ମୋ ଉପରେ ଆଉ ନିର୍ଭର କଲେ ଚଳିବ ନାହିଁ । ବିଶେଷତଃ ମୋତେ ନଦେଖିବା ଆଶା ବେଶୀ । ସ୍ତ୍ରୀ ଆଡେ ହିଂସ୍ର ଲୋକଙ୍କ ରହସ୍ୟର ଜାଲ । ସେ ଜାଲ କାଟି ମୋତେ ପ୍ରକୃତ ଘଟଣା ସ୍ଥଳୀକୁ ଆଗେଇ ଯିବାକୁ ପଡ଼ିବ ।'

"ବେଶ, ମୁଁ ଚାଲିଲି ନମସ୍କାର ।"

ପ୍ରତି ନମସ୍କାର ଜଣାଇ ରଜନୀବାବୁ ବିଦାୟ ଦେବାକୁ ଗଲେ ଶରତକୁ । ସେ ଚାଲିଗଲା ପରେ ସେ ପୁଣି ଫେରି ଆସିଲେ ନିଜ କକ୍ଷକୁ । ଯୁବକ ଶରତ—ଶିକ୍ଷିତ, ଭଦ୍ର—ଏ ବିଷୟରେ ଅନୁସନ୍ଧାନ କରିବାକୁ ଆଗ୍ରହ ବେଶ । ରଜନୀବାବୁଙ୍କ ନିର୍ଦ୍ଦେଶରେ ଚାଲିଗଲା—ରଜନୀବାବୁ ନିଶ୍ଚିନ୍ତ ହେଲେ ।

ପୁଣି କକ୍ଷକୁ ଫେରି ଆସିଲେ ରଜନୀବାବୁ...ଶରତକୁ ମାୟାଦେବୀଙ୍କ ଘରଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇ ସେ ପୁଣି ଭାବିବାକୁ ଲାଗିଲେ । ବ୍ୟବସାୟୀ ହରିହରବାବୁଙ୍କ ହରଣଚାଲ ପରେ ସେ ଚଞ୍ଚଳ ହୋଇ ଉଠିଛନ୍ତି । ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବିରକ୍ତ ହେଲେଣି । ଅଧିକ ଦିନ ବିତିଗଲେ ସୁଦ୍ଧା କୌଣସି ସମାଧାନରେ ନ ପହଞ୍ଚିବା ଫଳରେ ଜନସାଧାରଣଙ୍କ ସନ୍ଦେହ, ଆଶଙ୍କା ବରାବର ବୃଦ୍ଧି ପାଉଛି । ଖବର କାଗଜ, ସାଧାରଣ ସଭାରେ ପୋଲିସ ବିଭାଗର ଅକର୍ମଣ୍ୟତା ପ୍ରକାଶିତ ହେଉଛି··· ସମାଲୋଚନା ଚାଲିଛି···

ରଜନୀବାବୁ ଭାବନା ବିହ୍ୱଳ ହୋଇ ପଡ଼ିଛନ୍ତି...କେମିତ ସେ ଏ ରହସ୍ୟ ସବୁର ସମାଧାନ କରିବେ । ପ୍ରତ୍ୟେକ କେଶ୍ ଗୋଟିଏ ଗୋଟିଏ ରହସ୍ୟର ଆଧାର ।

"ବାବୁ..."

"କଏ ? ଭଗିଆ, କରେ କ'ଣ ?"

"ବାହାରେ..."

"ବାହାରେ କଏ ? ଡାକଦେ ତାଙ୍କୁ ଭିତରକୁ । କଏ ପୋଲିସ ସାହେବ ?

"ନା—ଜଣେ ରମଣୀ...."

"ରମଣୀ...ଆଚ୍ଛା ଆସିବାକୁ ଦେ ତାଙ୍କୁ ।"

ଚାକର ଭଗିଆ ଚାଲିଗଲା ତଳକୁ । ରଜନୀବାବୁ ଭାବିବାକୁ ଲାଗିଲେ କଏ ସେ ଭଦ୍ର ମହିଳା ? କଣ ତାର ଆବଶ୍ୟକ ପୁଣି ତାଙ୍କ ପାଖରେ ।"

ନମସ୍ତେ...

ପ୍ରତି ନମସ୍କାର ଜଣାଇ ରଜନୀବାବୁ ଦେଖିଲେ ଯୁବତୀ ଜଣେ...ଅଙ୍ଗ ଲତାରେ ଖେଳୁଛି ଯଉବନର ମଧୁ ମାଦକତା....ଆଖି ଦୁଇଟି ଭସା ଭସା... ପୁରିଲା ପୁରିଲା ଗାଲ ଦୁଇଟିରେ ଫୁଟିଛି ଗୋଲାପର ଆଭା....ଚକ୍ଷୁ ଦୁଇଟିରୁ କାରୁଣ୍ୟ ଫାଟି ପଡ଼ୁଛି । ରଜନୀବାବୁ ଦୀର୍ଘ ଅନୁଶୀଳନ ପରେ ଜାଣିପାରିଲେ ଯୁବତୀ ଜଣକ ବିପଦଗ୍ରସ୍ତା ।

"ବସନ୍ତୁ...ରଜନୀବାବୁ ଖଣ୍ଡେ ଚେୟାର ନିର୍ଦ୍ଦେଶ କଲେ । ଯୁବତୀ ଜଣକ ଚେୟାରରେ ବସିଲାପରେ ବିନୀତ କଣ୍ଠରେ କହିଲା—"ମୁଁ ବଡ଼ ବିପଦରେ ପଡ଼ିଛି ଆଜ୍ଞା । ଆପଣ ନିକଟରେ ଅଛନ୍ତି ଜାଣି ବହୁ ଆଶାରେ ଛୁଟି ଆସିଛି । ଆଶା କରୁଛି ଆପଣ ନିରାଶ କରିବେ ନାହିଁ ।"

ରଜନୀ ବାବୁ ମୃଦୁ ହସି କହିଲେ "ଆପଣ ଜାଣିଥିବେ ମୁଁ ବଡ଼ କାର୍ଯ୍ୟବ୍ୟସ୍ତ । ଖବର କାଗଜରୁ ପଢ଼ୁଥିବେ ନିକଟରେ ଯେଉଁ ରହସ୍ୟମୟ ହତ୍ୟା, ହରଣଗୁଳ ସବୁ ହୋଇ ଯାଇଚି, ତାର ଦାୟିତ୍ୱ ମୁଁ ନେଇଛି । ତଥାପି ଆପଣ ବିପଦଗ୍ରସ୍ତା...ମୁଁ ମୋ ଯଥାସାଧ୍ୟ ସାହାଯ୍ୟ କରିବି—କ'ଣ କୁହନ୍ତୁ..."

ଯୁବତୀ ଜଣକ କୃତଜ୍ଞତା ପୂର୍ଣ୍ଣ ଆଖିରେ ଚାହିଁ ପୁଣି ଆନତ କଣ୍ଠରେ କହିଲେ, "ମୁଁ ଏଇ ନିକଟସ୍ଥ ପ୍ରୀତି ରେଷ୍ଟୁରାଣ୍ଟର ଏକ ଭଡ଼ା ଘରେଥିଲି । କାଲି ହଠାତ୍ ରାତିରେ ଶୋଇଥିବା ଅବସ୍ଥାରେ କିଏ ବ'ଗ୍ଲରଜଣ ମୋ ଘରେ ଜବରଦସ୍ତି ପଶି ନଗଦ ୫ଶହ ଟଙ୍କା ଓ ଗୋଟାଏ ସୁନାହାର ନେଇ ଯାଇଛନ୍ତି···ତା ସାଥିରେ ଗୋଟାଏ ମୂଲ୍ୟବାନ ଦଲିଲ୍ ମଧ୍ୟ । ଆପଣ ଟିକିଏ ନକଲେ ମୋର ସର୍ବନାଶ ହେବ...ସେ ମୂଲ୍ୟବାନ୍ ଦଲିଲଟି ନିହାତି ଲୋଡ଼ା···"

ରଜନୀବାବୁ ଖୁବ ଖୁବ କହିଲେ, "ଅଚ୍ଛା ଚାଲନ୍ତୁ···ମୁଁ ପଛରେ ଯାଉଛି...ହଁ ଆପଣଙ୍କ ନାଁ···"

"ମୋ ନାଁ ପ୍ରୀତି....ଆପଣ ଶୀଘ୍ର ଚାଲନ୍ତୁ...ବାହାରେ ମୋ କାର ଅଛି ...ମୋ ବିଶ୍ୱାସ ସେ ଜିନିଷ ସବୁ ସେଇ ପ୍ରୀତି ରେଷ୍ଟୁରାଣ୍ଟରେ ଅଛି । ଆପଣ ଟିକିଏ ଶୀଘ୍ର ନକଲେ ହୁଏତ ମାଲ୍‌ଟା ହାତଛଡ଼ା ହୋଇଯିବ ।"

ଆଉ ବାକ୍ୟବ୍ୟୟ ନକରି ରଜନୀବାବୁ ଉଠି ପଡ଼ିଲେ । ଯୁବତୀ ଜଣକ ଆଗେ ଆଗେ ବାଟ କଢ଼ାଇ ନେଲେ । ଗୋଟାଏ ବାଦାମୀ ରଙ୍ଗର କାର ଠିଆ ହୋଇଥିଲା । ରଜନୀବାବୁ ବସିଲାକ୍ଷଣି ଛୁଟିଲା ତୀବ୍ର ବେଗରେ... 'ପ୍ରୀତି ରେଷ୍ଟୁରାଣ୍ଟ' ଆଗରେ କାର ରହିଲା···

ଯୁବତୀ ରହୁଥିବା ଭଡ଼ା ଘରକୁ ଚାଲିଲେ ରଜନୀବାବୁ । କୁମାରୀ ପ୍ରୀତି ତାଙ୍କୁ ଗୋଟାଏ ଚେୟାର ଦେଇ ବସିବାକୁ କହିଲେ ।

"ଆପଣ ରେଷ୍ଟୁରାଣ୍ଟ ମାଲିକଙ୍କୁ ଏ ସମ୍ବାଦ ଦେଇଛନ୍ତି,"

"ନା—"

"କାହିଁକି ?"

"ଆପଣଙ୍କ ଉପରେ ଭରସା କରି ଆବଶ୍ୟକ ମନେକରି ନଥିଲି"

"ନା—ନା, ତାଙ୍କ ବିନା ସାହାଯ୍ୟରେ କିଛି କରି ହେବନି । ଦୟାକରି ଟିକିଏ ତାଙ୍କୁ ଖବର ଦିଅ ।"

ଯୁବତୀ ଜଣକ ସମ୍ମତି ଜଣାଇ ଚାଲିଗଲେ । ସାଙ୍ଗେ ସାଙ୍ଗେ ଗୋଟାଏ କଳା ପରଦା ଖସି ପଡ଼ିଲା । କାରଣ କିଛି ବୁଝି ନପାରି ରଜନୀବାବୁ ଅନେଇ ରହିଲେ ଷ୍ଟେଜ୍ ବାଟେ—

ଅଧଘଣ୍ଟାଏ ଗଲା—

କିନ୍ତୁ ଯୁବତୀର କିମ୍ବା ରେଷ୍ଟୁରାଣ୍ଟ ମ୍ୟାନେଜରଙ୍କ ଦେଖାନାହିଁ । ରଜନୀବାବୁ ବ୍ୟସ୍ତ ହୋଇ ପଡ଼ିଲେ । ତାଙ୍କ ହାତରେ ମୂଲ୍ୟବାନ କାମ ସବୁ । ଏମିତି ବିନା କାରଣରେ ସମସ୍ତ ଅତିବାହିତ କରିବା ସେ ଉଚିତ ମନେ କରୁ ନଥିଲେ ।

ଘଣ୍ଟାଏ··ଦେଢ଼ଘଣ୍ଟା ବିତିଲା··କିନ୍ତୁ କିଏ କାହିଁ ?—ରଜନୀବାବୁ କିଛୁ ବୁଝି ପାରିଲେ ନାହିଁ । ସେ ସ୍ତ୍ରୀତିକୁ ଦେଖିବାକୁ ଉଠିଲେ, ମାତ୍ର—ମ.ନ—

ପରଦା ଦୁଇପାର୍ଶ୍ୱକୁ କୁଞ୍ଚିତ ହୋଇଗଲା । ସେ କୁଞ୍ଚିତ ପରଦା ଉହାଡ଼ରୁ ଜଣେ କିଏ ହସି ଉଠିଲା ହଃ – ହଃ – ହଃ—ରଜନୀବାବୁ ଦେଖିଲେ ଜଣେ ମୁକ୍ତକେଶୀ ରମଣୀ—ମୁଣ୍ଡରେ ଦେବୀ ଉପାସକଙ୍କ ଭଳି ସିନ୍ଦୁର କଲ—ହାତରେ ଚକ୍ ଚକ୍ କରୁଛି ଗୋଟିଏ ଲୋଡ଼େଡ୍ ରିଭଲଭର୍ । "ହାତ ଉପରକୁ ଟେକି ସୁନାପିଲା ଭଳି ଠିଆ ହୁଅନ୍ତୁ—ନଚେତ୍—"

ରଜନୀବାବୁଙ୍କ ଦୁଇହାତ ଆପେ ଆପେ ଟେକି ହୋଇଗଲା । ରମଣୀ ତାପରେ ତୀବ୍ରସ୍ୱରରେ ବଜାଇ ଦେଲା ଗୋଟାଏ ହୁଇସିଲ୍—ସାଙ୍ଗେ ସାଙ୍ଗେ ଜଣେ ଯୁବକ ରଜନୀବାବୁଙ୍କୁ ଦୁଇଟା ଇନ୍‌ଜେକସନ ଦେଇ ଅଚେତା କରିଦେଲା—ତାପରେ—ତାପରେ—

ମୁକ୍ତକେଶୀ ରମଣୀ କହି ଉଠିଲା—ଧନ୍ୟ—ଧନ୍ୟ—ରଜନୀବାବୁ ! ବିପଦ ଗ୍ରସ୍ତାଙ୍କୁ ସାହାଯ୍ୟ କରିବାକୁ ଆସି ଆଜ ପୁଣି କାହାର ସାହାଯ୍ୟ ପ୍ରାର୍ଥୀ ହେବ— ହାଃ—ହାଃ—ହାଃ

× × ×

ରଜନୀବାବୁ ଆଖି ଖୋଲିଲେ—

ଗୋଟିଏ ଅନ୍ଧାରୁଆ ଗୁମ୍ଫାଭଳି ଘରଟିଏ । ସନ୍ତସନ୍ତିଆ ସ୍ଥାନ । ତାର ଭିତରେ ସେ ବନ୍ଦୀ, ହାତଗୋଡ ବନ୍ଧା ହୋଇଛି । ବଳ ପାଉନି ଉଠିବାକୁ । ସମୟ କେତେ ହେବ ସେ ଚେଷ୍ଟା କଲେ ଅନୁମାନ କରିବାକୁ ।

କିଏ ଜଣେ କବାଟ ଖୋଲିଲା...

ଝଲକାଏ ସୂର୍ଯ୍ୟାଲୋକ ଛୁଟିଆସି ପଡିଲା କକ୍ଷକୁ । ରଜନୀବାବୁ ଅନୁମାନ କଲେ ତାହା ବୋଧହୁଏ ସୂର୍ଯ୍ୟାଲୋକ ନୁହେଁ, ବିଜୁଳି ଆଲୁଅ । ତେବେ ... ତେବେ କଣ ସବୁବେଳେ ଏଠି ବିଜୁଳିବତୀ ଜଳେ...ତେବେ ସେ କେଉଁଠି ?

କକ୍ଷ ଭିତରକୁ କେହି ପ୍ରବେଶ କଲା ।

ଝାଳ୍ପି ଆଲୋକରେ ଆଖି ବୁଜିଲେ ରଜନୀବାବୁ ।

ଆଗନ୍ତୁକ ଜଣକ କକ୍ଷରେ ପଶି ପୁଣି ଦରଜା ବନ୍ଦ କରିଦେଲା । ତାପରେ ହସି ଉଠିଲା ଖୁବ ଜୋରରେ । ରଜନୀବାବୁ ଆଖି ଖୋଲି ଦେଖିଲେ କୃଷ୍ଣ ପୋଷାକଦ୍ୱାରା ଆଚ୍ଛାଦିତ ଜଣେ ଯୁବକ । ଆଖିରେ କଳା ଚଷମା । ଯୁବକ ଆଗେଇ ଆସି ରଜନୀବାବୁଙ୍କ ଆଡ଼େ ଅନେଇଲା—

"ନମସ୍ତେ ରଜନୀବାବୁ— !! ଆଗନ୍ତୁଙ୍କ ଗଣ୍ଠରେ ବିଦ୍ରୁପର ସ୍ପଷ୍ଟ ଆଭାସ ।

ରଜନୀବାବୁ ତା ଆଡ଼କୁ ଗୋଟିଏ ଗମ୍ଭୀର ଦୃଷ୍ଟି ନିକ୍ଷେପ କରି ଆଖିଫେରାଇ ନେଲେ ।

"କିଛି ଅସୁବିଧା ହେଉଛି ?"

ଥରଥରିଆ କଣ୍ଠରେ ରଜନୀବାବୁ କହିଲେ, 'ନା—'

'ବେଶ୍, ମୋର କେଇଟା ପ୍ରଶ୍ନର ଉତ୍ତର ଦେଇଦିଅ ।'

'କଣ ?'

'କାହିଁକି ଲାଗିଛ ତୁମେ ମୋ ପଛରେ । ଓଡ଼ିଶାର ମନୋରମ ପଲ୍ଲୀ ପ୍ରକୃତି ଛାଡ଼ି କାହିଁକି ତୁମେ ଆଜି ଘୂରି ବୁଲୁଛ ମହାନଗରୀ କଲିକତାର ଗଳିକନ୍ଦିରେ ମୋ ପଛେ ପଛେ ? କଣ ମୁଁ ତମର କିଛି କ୍ଷତି କରିଛି ?'

"କ୍ଷତି — ମୋ ବ୍ୟକ୍ତିଗତ କଥା କହୁଛ ? ମୋ ବ୍ୟକ୍ତିଗତ କ୍ଷତି କରିଥିଲେ ଓଡ଼ିଶା ଛାଡ଼ିବା କଥା ଭିନ୍ନ; ମୋ ଶୟନକକ୍ଷ ମଧ୍ୟ ମୁଁ ଛାଡ଼ି ନ ଥାନ୍ତି । କିନ୍ତୁ ତୁମେ କ୍ଷତି କରିଛ ମୋର ଶରଣାର୍ଥୀର, ମୋ ଦେଶର ଅସଂଖ୍ୟ ନାଗରିକମାନଙ୍କର । ତୁମର ଦେଇ ମୋ ଦେଶରେ କେବଳ ନୁହେଁ, ମୋ ଦେଶର ବାହାରେ ମଧ୍ୟ ଆଜି ଆତଙ୍କତାର ରାଜୁତି ଚଳାଇଛ । ସେଇଥି ପାଇଁ ମୁଁ ଜୀବନକୁ ପାଣି ଛଡେଇ ଆଜି ଛୁଟିଛି ତୁମ ପଛେ ପଛେ—

'କିନ୍ତୁ କଣ କରିବ ମୋର ? ମୋର ଲକ୍ଷ୍ୟ ପୂର୍ଣ୍ଣ ପୂର୍ବରୁ କେହି ମୋତେ ମୋ ବାଟରୁ ଟଳାଇ ପାରିବେ ନାହିଁ । ଆଜି ଏ ଅନ୍ଧକାର କାରା କକ୍ଷରେ ମୋ କଥାର ବାସ୍ତବତା କଳ୍ପନା କରି ପାରୁଥିବ ତୁମେ ରଜନୀ । ସେଇଥି ପାଇଁ ଆଜି ତୁମ ମୁହଁରୁ ଶେଷ କଥା ଶୁଣିବାକୁ ଚାହେଁ । ମୋ ବାଟରୁ ଘୁଞ୍ଚିବ ନା ମୋ ପଛେ ପଛେ ଲାଗି ବରଣ କରିନେବ ନିର୍ମମ ମୃତ୍ୟୁର ନିଷ୍ଠୁର ଆଲିଙ୍ଗନ ?"

ରଜନୀବାବୁ କିଛି ନ କହି ନୀରବ ରହିଲେ ।

'ଶେଷଥର ପାଇଁ ଭାବି ନିଅ ଯୁବକ । ରକ୍ତ ତୁମର ବର୍ତ୍ତମାନ ଗରମ ! ସେ ଗରମ ରକ୍ତର ତାଡ଼ନାରେ ଯଦି କିଛି ଭୁଲ କରିପକାଅ, ପଛରେ ପସ୍ତାଇବା ପାଇଁ ମଧ୍ୟ ସମୟ ମିଳିବ ନାହିଁ । ଆଗରେ ତୁମର ଦୁଇଟି ରାସ୍ତା—ଗୋଟିଏ ରାସ୍ତାରେ ପୂନେଇଁ ରାତିର ନରମ ଜୋଛନା—ଅନ୍ୟ ରାସ୍ତାରେ ଅଗାଧ ଅମାବାସ୍ୟାର ଦୁର୍ଭେଦ୍ୟ ଅନ୍ଧାର । ଠିକ କରି ନିଅ କେଉଁଟି ତୁମର କାମ୍ୟ ।"

'ମୋର ଦରକାର ସେଇ ରାସ୍ତାଟି ଯେଉଁ ରାସ୍ତାରେ ଅଛି ଅମା ରଜନୀର ଘନଘୋର ଅନ୍ଧକାର । ସେଇ ଅନ୍ଧକାର ଭିତରେ ଆଲୋକର ସନ୍ଧାନ କରିବା

ବରଂ ଭଲ ଲାଗେ କଲୁ ତୋ ଭଳି ଘୃଣ୍ୟ ପଶୁଠାରୁ ଜୀବନ ଭିକ୍ଷା କରି-ନେବା ମୋ ପକ୍ଷେ ଅସମ୍ଭବ ।'

'ହଃ—ହଃ—ହଃ—ହଃ—ପୁଣି ହସର ଜୁଆରରେ କକ୍ଷର ବାୟୁ-ମଣ୍ଡଳ ଚହଲି ଗଲା । ଆଗନ୍ତୁକ ଉଚ୍ଚ ସ୍ୱରରେ କହିଲା——'ବେଶ୍—ତାର ସୁବନ୍ଦୋବସ୍ତ ମୁଁ କରି ଦେଉଛି । ଅନ୍ଧାରପୁରୀରେ ଖାଇବା, ପିଇବା, ଆଲୋକ ନ ପାଇ ମରିବାର ସୁଖ ସୁଆଦ ମୁଁ ତତେ ଚଖାଇଦେବି । ତୋ ଗୋଏନ୍ଦାଗିରି ଆଜଠୁଁ ପୃଥିବୀରୁ ଲୋପ ପାଇଯିବ—' ଉତ୍ତେଜିତ ସ୍ୱରରେ ଏତିକି କହି କବାଟ ଆଉଜେଇ ନେଇ ଆଗନ୍ତୁକ ଜଣକ ଚାଲି ଯାଉଥିଲା—ପୁଣି ଫେରି ଆସି କହିଲା, 'ଆଉ ଗୋଟାଏ କଥା ଭୁଲି ଯାଉଛି—କଣ କଲୁ ତୁ ସେ ସ୍ୱାର୍ଷ୍ଟାର ?'

'ସ୍ୱାର୍ଷ୍ଟାର ? —ଚମକି ପଡ଼ିଲେ ରଜନୀବାବୁ ।

'ହଁ, ହଁ, ସେ ସ୍ୱାର୍ଷ୍ଟାର—କୌଶଳରେ ରାମୁସାହେବଙ୍କ ଅସଲି ସ୍ୱାର୍ଷ୍ଟାରକୁ ବଦଳାଇ ଯେଉଁ ସ୍ୱାର୍ଷ୍ଟାର ତୁ ହସ୍ତଗତ କରିଛୁ, ସେହି ସ୍ୱାର୍ଷ୍ଟାରର ପଦକ ଭିତରେ ଅଛି 'ବନ୍ଦୀ ନିଳୟ'କୁ ଯିବା ରାସ୍ତାର ନକ୍ସା—'

'ମୁଁ ଜାଣେ ନ'

'ମିଥ୍ୟାବାଦୀ—କେଉଁଠି ରଖିଛୁ କହ ନଚେତ ତୋ ଆଖି ଦୁଇଟା ଖୋଳି ନେବି କାରଣ ସେଇ ସ୍ୱାର୍ଷ୍ଟାର ବିନା ଆଖି ଥାଇ ସୁଦ୍ଧା ମୋର ଫୁଟି ଯାଇଛି । ଅତି ଆଦରର ଭଉଣୀ ମୋର ଆଜି ବନ୍ଦୀନିଳୟର ନିର୍ଜନ କକ୍ଷରେ ବକ୍ଷ ଫଟାଇ କାନ୍ଦୁଥିବ—ତା ବିନା ପ୍ରାଣ ମୋର କାନ୍ଦଉଠୁଛି—'

'ମୁଁ କିଛି ବୁଝି ପାରୁନି—

'ତୁମେ ସବୁ ବୁଝି ପାରୁଥିଲେ ଏତେ କଥା ହେବାକୁ ଯାଆନ୍ତା ନାହିଁ—ତୁମେ ସବୁ କିଛି ପାରୁଥିଲେ ଅଭିଶପ୍ତ ମୁଁ ଜୀବନ ସାରା କେବଳ କାନ୍ଦି କାନ୍ଦି କଟାଇ ଦେଇ ନଥାନ୍ତି—ତୁମେ କୁହ··କୁହ କେଉଁଠି, ରଖିଛ

ସେ ହାରହାର—ନରେନ୍ଦ୍ର, ନରେନ୍ଦ୍ର—' କହୁ କହୁ ଗୋଟାଏ ବଜ୍ରମୁଷ୍ଟି ଉଞ୍ଚାଇ ଆଗେଇ ଆସିଲା ଯୁବକ ।

ରଜନୀବାବୁ ହସି ହସି କହିଲେ—'ତୁମ ବଜ୍ରମୁଷ୍ଟିର ଆଘାତକୁ ମୋର ଭୟ ନାହିଁ ଯୁବକ ! ତୁମର ଆବେଗଭରା କଥା ଶୁଣି ମୋର ଦୟା ହେଉଛି—'

'ହଁ—ହଁ—ତମେ ମୋତେ ଦୟା କର ରଜନୀବାବୁ । ତୁମେ ଦୟା ନ କଲେ ମୁଁ ମରିଯିବି—''

ଏ କ୍ଷିପ୍ତ ଯୁବକ, ଯିଏ କି ଆଗରୁ ଗର୍ବ ଅହଙ୍କାରରେ ଫାଟି ପଡ଼ି ସାର୍·ହୁଂକାର ଛାଡୁଥିଲା, ଠିକ୍ ତା ପରେ ପରେ ତାର ଚରମ ଦୁର୍ବଳତା ଦେଖି ମନେ ମନେ ହସିଉଠିଲେ ରଜନୀବାବୁ ।'ତାପରେ କହିଲେ—

'ନିଅ ମୋ ପକେଟରୁ ଚାବି, ମୋ.ଶୋଇବା ଘରର ଆଲମିରା ଖୋଲି ଉପର ଥାକରେ ଥିବା ଗ୍ରେଟ ସୁଟ୍‌କେଶରୁ ନେଇଯିବ ସେ ହାର—'

ଛଦ୍ମବେଶୀ ଯୁବକ ଠିକ୍ ସେଇଆ କରି ଅନ୍ତର୍ଦ୍ଧାନ ହୋଇ ଗଲା । ତା ପରେ ରଜନୀବାବୁ ପୁଣି ମନେ ମନେ ହସି ଉଠିଲେ । କାରଣ ଛଦ୍ମବେଶୀ ଯୁବକର ଈପ୍‌ସିତ ନକ୍ସା ସେତେବେଳେ ତାଙ୍କ ପକେଟରେ ନିର୍ବିଘ୍ନରେ ଥିଲା ।

## —ଏକୋଇଶି—

ତା ଆରଦିନ । ରଜନୀବାବୁ ବହୁ କଷ୍ଟରେ ଉଠି ବସିଲେ । କାଲି ଶୋଇଲା ବେଳେ କେମିତି ତାଙ୍କ ହାତର ବନ୍ଧନ ଖୋଲି ଯାଇଛି । ତାଙ୍କର ସାହସ ହେଲା ସେ ହୁଏତ ଚେଷ୍ଟା କଲେ ଏ ବନ୍ଦୀ ଅବସ୍ଥାରୁ ମୁକ୍ତ ପାଇଯିବେ, ମାତ୍ର କପରି ?

ସେ ବସିକରି କକ୍ଷର ଚାରି ଆଡ଼କୁ ଲକ୍ଷ୍ୟ କଲେ—କକ୍ଷର ଗୋଟିଏ କଣରୁ କ୍ଷୀଣ ଆଲୋକ ଆସୁଛି । ବୁଝି ପାରିଲେ ନାହିଁ ସେ ଆଲୁଅ କୁଆଡ଼ୁ, କପରି ଆସୁଛି । ସେ ଘୁସୁରି ଘୁସୁରି ଯାଇଁ ସେଠାରେ ପହଞ୍ଚିଲେ । କକ୍ଷରେ ତାଙ୍କୁ ପାଣି ପିଇବାକୁ ଦିଆଯାଇଥିବା କାଚ ଗ୍ଲାସକୁ ଭାଙ୍ଗି ଭଙ୍ଗା କାଚରେ ତାଙ୍କ ବନ୍ଧନ କାଟିଦେଲେ । ତା' ପରେ ପକେଟରୁ କାଢିଲେ ଗୋଟିଏ ଛୁରୀ । ବନ୍ଦୀ କଲାବେଳେ ଦୁର୍ବୃତ୍ତମାନେ ସେ ଖଣ୍ଡିକ ନେଇ ଯିବାକୁ ଭୁଲି ଯାଇଥିଲେ ।

ଆଲୋକ ଆସୁଥିବା ଛିଦ୍ରକୁ ପରୀକ୍ଷା କରି ଦେଖିଲେ ତାହା ହେଉଛି ଇଟା କାନ୍ଥର ଫାଟ ଅଂଶ । ସେଇ ଫାଟ ବାଟେ ଆଲୋକ ଆସୁଛି । ବହୁ କଷ୍ଟରେ ସେ ତାଙ୍କ ଛୁରୀ ସାହାଯ୍ୟରେ ସିମେଣ୍ଟ ପଲସ୍ତରା କାଟି ଇଟା ଖଣ୍ଡେ ଖସାଇ ଦେଲେ । ତାପରେ ଖଣ୍ଡେ ଇଟା ଖସି ପଡ଼ିବାରୁ ଅନ୍ୟ ଉପର ଇଟା ଖଣ୍ଡିକ ମଧ୍ୟ ଆପେ ଆପେ ଖସି ପଡ଼ିଲା । ନବୀନ ଆଶାରେ ମୁଖମଣ୍ଡଳ ତାଙ୍କର ଉଜ୍ଜ୍ୱଳ ହୋଇ ଉଠିଲା । ସେ ସାବଧାନତାର ସହିତ ସେ କକ୍ଷରୁ ବାହାରି ଆସିଲେ ।

ବାହାରେ ଗୋଟିଏ ବିଜୁଳିବତୀ ଜଳୁଛି ।

ତାର ତଳେ ଠିଆ ହୋଇ ଚାରି ଆଡ଼କୁ ଦେଖି ନେଲେ—କେହି କୁଆଡ଼େ ନାହାନ୍ତି । ଚାରିଆଡ଼ ଶୁନ୍‌ଶାନ୍ । ରାସ୍ତାକୁ ଯିବାକୁ ବାଟ କୁଆଡ଼େ ସେ ଜାଣି ପାରିଲେ ନାହିଁ । ଗୋଟାଏ ଜାଗାରେ ଠିଆ ହେଲେ ହାଲେ କାହାର ଦୃଷ୍ଟିରେ ପଡ଼ିଯିବେ ସେଥିପାଇଁ ସେ ଆଗକୁ ଚାଲିବାକୁ ଲାଗିଲେ ।

ହଠାତ୍ ଗତି ତାଙ୍କର ସ୍ଥିର ହୋଇଗଲା । ସେ ଶୁଣିଲେ—କିଏ ଚୁପା କଣ୍ଠରେ କଥାବାର୍ତ୍ତା ହେଉଛି । ସ୍ଥିର ଧୀର ସେ ଆଗକୁ ପାଦ ବଢ଼ାଇବା କ୍ଷଣି ହଠାତ୍ ଇଲେକ୍‌ଟ୍ରିକ୍ ବେଲ୍ ସବୁ ବାଜି ଉଠିଲା ଏବଂ ଆଲୋକ ବଦଳରେ ଘନ ଅନ୍ଧାର ଭିତରେ ବୁଡ଼ିଗଲା ସାରା ଗୁପ୍ତଭବନ । ରଜନୀବାବୁ ସ୍ଥାଣୁ ପାଲଟି ଗଲେ ।

ସେ ତଳକୁ ଚାହିଁ ଦେଖନ୍ତି ତ ତାଙ୍କ ପାଦତଳେ ଗୋଟାଏ ବର୍ଣ୍ଣ ଚକ୍ ଚକ୍ କରୁଛି । ସେ ବର୍ଣ୍ଣପଟ୍ଟି ସେଇଟା ପରୀକ୍ଷା କରି ନେଲେ । ଗୋଟାଏ ଇଲେକ୍ଟ୍ରିକ ବଟନ ସେ ତାଙ୍କ ପାଦତଳେ ଚାପି ଧରିଛନ୍ତି— ତା ଦେହରେ ଲେଖାଅଛି 'ରୂପଦର୍ଶୀକା' । ତାପରେ ତାଙ୍କୁ ପଛଆଡ଼ୁ କିଏ ଜଣେ ଧକ୍କା ଦେଲା । ସେ ମୂର୍ଚ୍ଛା ପଡ଼ିଲେ, ତାଙ୍କ ଚେତନା ହଜିଗଲା ।......ତାଙ୍କ ଚେତନା ଫେରି ଆସିଲାବେଳକୁ ପୁଣି ସେ ଦେଖିଲେ ସେ ହାତ ଗୋଡ଼ ବନ୍ଧା ଅବସ୍ଥାରେ ପଡ଼ିଛନ୍ତି, ତାଙ୍କ ପାଖରେ ପିସ୍ତଲ ଧରି ବସିଛି ରକ୍ତଲୋଭୀ । ସେ ଆଖି ମେଲିବାରୁ ହସି ହସି କହିଲା—

'ଏଥର ବି ତୁମକୁ କେହି ରକ୍ଷା କରି ପାରିବେ ନାହିଁ ରଜନୀ ବାବୁ । ତୁମେ ଭାବିଥିଲ ଆମ ଭଳି ଲୁକ୍କାୟିତ ଚତୁର-ଏ ଘାଣ୍ଟି ଦୁନିଆରେ କେହି ନାହାନ୍ତି । କିନ୍ତୁ ତାର ପ୍ରମାଣ ଆଜ ତୁମେ ଗ୍ରହଣ କରିବ । ଦଳର ଲୋକମାନଙ୍କ ଛଡ଼ା ଅନ୍ୟ କେହି ଏ ଗୁପ୍ତ ଭବନର ରହସ୍ୟ ଜାଣନ୍ତି ନାହିଁ । ତୁମେ ମୂର୍ଖ ଭଳି ଆସିଲ ସତ କିନ୍ତୁ କିଛି ଜାଣି ନ ଥିବାରୁ ରୂପଦର୍ଶୀକାରେ ପାଦ ଦେଲ । ଫଳରେ ସତର୍କ ଘଣ୍ଟା ବାଜି ଉଠିଲା..."

ରଜନୀବାବୁ କେବଳ ଶୁଣି ଯାଉଥାନ୍ତି । ତା ପରେ ରକ୍ତଲୋଭୀ କହିଲା—

"ମୁଁ ତୁମକୁ ଯେତେ ପରିମାଣରେ ବୋକା ଭାବିଥିଲି ତୁମେ ସେତେ ପରିମାଣରେ ବୋକା ଅବଶ୍ୟ ନୁହଁ । ନଚେତ୍ ସ୍ୱର୍ଣ୍ଣଦ୍ୱାରର ପଦକରୁ ବର୍ଣ୍ଣ ଶବ୍ଦର ନକ୍ସା ଆଗରୁ କାଢ଼ି ରଖି ପାରି ନ ଥାନ୍ତ । ବର୍ତ୍ତମାନ କୁହ, କେଉଁଠି ରଖିଛ ସେ ନକ୍ସା ?"

"ନକ୍ସା ? ମୁଁ ଜାଣିବି କିପରି ନକ୍ସା କେଉଁଠି ଅଛି ?"

"ତୁମେ ମୋତେ ଜାଣନା ?"

"ନା—"

"ବେଶ୍ ତାହାହିଁ ହେଉ । ବର୍ତ୍ତମାନ ବୁଝିବ ମୋ ଆଗରେ ମିଛ କହିବାର ପ୍ରତିଫଳ କେତେ ନିର୍ମମ••ନିଷ୍ଠୁର ।"

ଏହା କହି ସେ କକ୍ଷର କବାଟ ବନ୍ଦ କରି ଦେଇ ସେ ଚାଲିଗଲା । ରଜନୀବାବୁ ଆସନ୍ନ ବିପଦର ଆଶଙ୍କାରେ ଥରି ଉଠିଲେ । ଝଂ—

ଗୋଟାଏ ଅଦ୍ଭୁତ ଶବ୍ଦ ହେଲା । ରଜନୀବାବୁ ଦେଖିଲେ ସେ ଶୋଇଥିବା କକ୍ଷର ଦୁଇ ପାର୍ଶ୍ୱର କାନ୍ଥ ତଳକୁ ଖସି ପଡ଼ିଛି । ତା ବଦଳରେ ଲୁହା ଜାଲିର କାନ୍ଥ ବସାଯାଇଛି । ସେ ଜାଲି ଆର ପାଖକୁ ଚାହିଁ ଦେଖିଲେ କୁମାରୀ ମାୟା ବନ୍ଧନ ଅବସ୍ଥାରେ ଅନ୍ୟ ଏକ କକ୍ଷରେ ଶାୟିତା । ରକ୍ତଲେଖା ସ୍ଥିର କଣ୍ଠରେ କହୁଛି—"ଏଥର ମୋ ଆଦେଶ ଅମାନ୍ୟ କରିବାର ଫଳ ଭୋଗ କର ମାୟା—ଆର ପାଖର ଜାଲିକାନ୍ଥ ଖୋଲି ଦେଲାକ୍ଷଣି କ୍ଷୁଧାର୍ତ୍ତ ବ୍ୟାଘ୍ରଟା ଆହାର ସଂଗ୍ରହ କରି ନେବ—ଯେତେବେଳେ ହିଂସ୍ର ବ୍ୟାଘ୍ରର ତୀକ୍ଷ୍ଣ ନଖାଘାତରେ ତମର କଅଁଳ ଅଙ୍ଗଲତା ରକ୍ତାକ୍ତ ହୋଇ ଉଠିବ, ସେତେବେଳେ ତମେ ବୁଝିବ ରକ୍ତଲେଖାର ଦଣ୍ଡ କେତେ ଚମତ୍କାର । ତମକୁ ହାତରେ ମାରି ନିଜକୁ କଳୁଷିତ କରିବି ନାହିଁ ।"

ହଠାତ୍ ବ୍ୟାଘ୍ରର ଗର୍ଜ୍ଜନ ଶୁଭିଲା—

ରଜନୀବାବୁ ଉତ୍କଣ୍ଠିତ ଭାବରେ ରକ୍ତଲେଖା କଥା ଶୁଣୁଥିଲେ । ବ୍ୟାଘ୍ର ଗର୍ଜ୍ଜନ କୁଆଡ଼ୁ ଆସୁଛି ବୋଲି ଜାଣିବାକୁ ଚାହିଁ ସେ ଦୃଷ୍ଟି ଫେରାଇଲା କ୍ଷଣି ସେ ଦେଖିଲେ ଅନ୍ୟ ଜାଲିକାନ୍ଥ ଉହାଡ଼ରେ ଗୋଟାଏ ହିଂସ୍ର ବ୍ୟାଘ୍ର ରକ୍ତାକ୍ତ ନୟନରେ ତାଙ୍କ ଆଡ଼କୁ ଅନେଇଛି ।

ତାଙ୍କ ଆଖିରେ ରହସ୍ୟ ସ୍ପଷ୍ଟ ହୋଇଗଲା ।

ତାଙ୍କୁ ମଧ୍ୟ ଏହି କ୍ଷୁଧାର୍ତ୍ତ ବ୍ୟାଘ୍ରର ଶିକାର ହେବାକୁ ହେବ । ଦୁଇ ପାଖର ଲୁହା ଜାଲିକାନ୍ଥ ତଳକୁ ଖସି ପଡ଼ିଲାକ୍ଷଣି ଦୁଇ ବ୍ୟାଘ୍ରଙ୍କର ଶିକାର ହେବେ ସେ ଓ ମାୟା । ଭୟରେ ତାଙ୍କର ଆଖି ବୁଜି ହୋଇ ଆସିଲା । ସେ ଆଖି ବୁଜି କଳ୍ପନା କରିବାକୁ ଲାଗିଲେ ମୃତ୍ୟୁର ବିଭୀଷିକା—କବାଟ ଖୋଲିବାର ଶବ୍ଦ ହେଲା ପୁଣି—

ରଜନୀବାବୁ ଆଖିବୁଜି ଶୋଇଥିବା ଅବସ୍ଥାରେ ଭାବିଲେ ଏଥର ବୋଧହୁଏ ଶେଷ ଧମକ ଦେଇ ନକ୍ସା ନେବାର ଚେଷ୍ଟା କରିବାକୁ ଆସିଛି ରକ୍ତଲୋଭୀ । କିନ୍ତୁ ତାଙ୍କ ବନ୍ଧନ କିଏ କାଟି ଦେବାର ଚେଷ୍ଟା କରୁଥିବା ସେ ଜାଣିପାରିବାରୁ ଦେଖିଲେ ତାଙ୍କ ପାଖରେ ଠିଆ ହୋଇ ବନ୍ଧନ ମୁକ୍ତ କରିବା ଚେଷ୍ଟା କରୁଛି ଛଦ୍ମବେଶୀ ରମଣୀ—

"ରମଣୀ ତୁ କିପରି ଜାଣିଲୁ ମୁଁ ଏଠାରେ ?"

"ଚୁପ୍ କରି ଶୁଅନ୍ତୁ ନଚେତ୍ ବିପଦ—" ଛଦ୍ମବେଶୀ ରମଣୀ ଓରଫ ରଘୁଆ କହିଲା ।

ଏହି ସମୟରେ ପୁଣି ଗୋଟାଏ କଣ ଶବ୍ଦ ହେଲା । ରଜନୀବାବୁ ଦେଖିଲେ ଆର ପାଖର ଜାଲକାନ୍ଥ ଦୁଇ ପାର୍ଶ୍ୱକୁ ସଙ୍କୁଚିତ ହୋଇ ଯାଉଛି ଏବଂ ହିଂସ୍ର ବ୍ୟାଘ୍ର ମୁଣ୍ଡ ଗଳାଇ କୁମାରୀ ମାୟାଙ୍କ ଆଡ଼କୁ ଅଗ୍ରସର ହେଉଛି । କାଳବିଳମ୍ବ ନ କରି ସେ ବ୍ୟାଘ୍ର ଉଦ୍ଦେଶ୍ୟରେ ଗୁଳି ଚଳାଇଲେ ।

ଭୀଷଣ ଗର୍ଜନ କରି ବାଘଟା ପଡ଼ିଗଲା । ରମଣୀ ତତ୍ପର - କରି ଜାଲକାନ୍ଥକୁ ପ୍ଲାସ ସାହାଯ୍ୟରେ କାଟି କୁମାରୀ ମାୟାଙ୍କୁ କାନ୍ଧରେ ପକାଇ କକ୍ଷ ତ୍ୟାଗ କଲେ—ତାଙ୍କ ପଛେ ପଛେ ରଜନୀବାବୁ ।

## — ବାଇଶି —

ଛଦ୍ମବେଶୀ ରଘୁଆ ଓରଫ୍ ରମଣୀବାବୁଙ୍କ ଦାୟିତ୍ୱରେ କୁମାରୀ ମାୟାଙ୍କୁ ଛାଡ଼ି ରଜନୀବାବୁ ତାଙ୍କ ବିଶ୍ରାମଗାରରେ ବସିଛନ୍ତି କି ନାହିଁ କ୍ରିଂ କ୍ରିଂ ହୋଇ ଫୋନ ବାଜି ଉଠିଲା ।

ରଜନୀବାବୁ ଫୋନ ଧରି ଡାକିଲେ, 'ହ୍ୟାଲୋ—ହ୍ୟାଲୋ—କିଏ ? ନିଜେ ଆପଣ ? —କଣ ? କଣ କହିଲେ ?—ଆପଣଙ୍କ ଆଖି ଆଗରେ

ଆପଣଙ୍କ ଘରୁ ୧୦ ହଜାର ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ହରଣହୋଇଲ ? — ହଉ ମୁଁ ଯାଉଛି ନମସ୍କାର—

ଜଜେ-ପୋଲିସ-ସୁପରିଣ୍ଟେଣ୍ଡେଣ୍ଟଙ୍କ ଘରୁ ଫେରି ? ରଜନୀବାବୁ ବ୍ୟସ୍ତ ହୋଇ ଉଠିଲେ । ଅନ୍ତଃଶାନ୍ତିରେ ନିଶ୍ୱାସ ମାରି ହେବ ନି । ଯାହେଁ ସାଙ୍ଗେ ସେ ଛୁଟି ପଡ଼ିଲେ ।

× × ×

ପୋଲିସ ସାହେବଙ୍କ ଦୁଆର ମୁହଁରେ ରଜନୀବାବୁଙ୍କ କାର୍ ରହିଲା । ରଜନୀବାବୁଙ୍କୁ ଅସମୟରେ ଦେଖି ପୋଲିସ ବିସ୍ମୟରେ ପଚାରିଲେ, 'ଆପଣ ? ପୁଣି ଏତେ ରାତିରେ ?'

ରଜନୀବାବୁ ସବୁ କଥା ସଂକ୍ଷେପରେ କହିଲେ । ପୋଲିସ ସାହେବ ବିସ୍ମୟର ଚରମ-ସୋପାନରେ ପାଦ ଦେଇ କହିଲେ, "ମୁଁ ଫୋନ୍ କରି-ଥିଲି ? ଆପଣ ଫୋନ୍‌ରେ ମୋ କଣ୍ଠ ସ୍ୱର ଶୁଣିଛନ୍ତି ? ଆପଣ କଣ କହୁଛନ୍ତି ମୁଁ ବୁଝି ପାରୁନି ?"

ରଜନୀବାବୁ ମନେ କଲେ ଠିକ୍ ତ, ତାହା ସାହେବଙ୍କ କଣ୍ଠସ୍ୱର ନୁହେଁ । ତେବେ ? ତେବେ ସେ ପ୍ରତାରିତ ହୋଇଛନ୍ତି । ସେ ଅପ୍ରତିଭ ଭାବରେ କହିଲେ — "ମୁଁ ସେତେବେଳେ ପ୍ରାକୃତିକ ଅବସ୍ଥାରେ ନଥିଲି । ତେଣୁ ଆପଣଙ୍କ କଣ୍ଠ ସ୍ୱର କି ନାହିଁ ଜାଣିବା ପୂର୍ବରୁ···"

"ମୋର କିନ୍ତୁ ସନ୍ଦେହ ହୁଏ ଏହା ଭିତରେ କିଛି ରହସ୍ୟ ଅଛି । ଆପଣ ଚାଲନ୍ତୁ—"

ରଜନୀବାବୁଙ୍କ କାର୍ ପୁଣି ଫେରିଲା ପୋଲିସ ସାହେବଙ୍କୁ ନେଇ । ରଜନୀବାବୁ ନିଜ ଭଙ୍ଗା କାଚ ଝରକାକୁ ଦେଖି ଅସ୍ପଷ୍ଟ ଚିତ୍କାର କରି ଉଠିଲେ । ତାଙ୍କ କକ୍ଷର ଆସବାବ ପତ୍ରସବୁ ବିକ୍ଷିପ୍ତ । ତାଙ୍କ କାଚ ଆଲମିରା ଖୋଲା ଜହ୍ନସା-କାହିଁ ?··· ନବସା-କାହିଁ ? ରଜନୀବାବୁଙ୍କ ମୁଣ୍ଡ ବୁଲିଗଲା । ସେ ବୁଝିଲେ କିପରି ଅସାବଧାନ ହେବା ଫଳରେ ସେ କେତେ

ବଡ ଭୁଲ୍ କରୁଛନ୍ତି । ସେ ମୁଣ୍ଡରେ ହାତଦେଇ ବସି ପଡ଼ିଲେ । ହଠାତ୍ ତାଙ୍କ ଗୋଟାଏ ବୁଦ୍ଧି ଦିଶିଲା । ସେ ଫୋନ୍‌ରେ ଶରତ ସାଙ୍ଗରେ କଣ କଥାବାର୍ତ୍ତା କରିସାରି କହିଲେ, "ଆପଣ ମୋତେ ଟିକଏ ସାହାଯ୍ୟ କରନ୍ତୁ ସାର୍—ନଚେତ୍ ସର୍ବନାଶ ହେବ—

ପୋଲିସ ସାହେବ କିଛି ବୁଝି ନପାରି ଅନେଇ ରହିଲେ । ରଜନୀବାବୁ କହିଲେ, "ଆପଣ, କେତେଜଣ ପୋଲିସ ମୋ ପାଇଁ ଯୋଗାଡ଼ କରି ଦିଅନ୍ତୁ—ମୋତେ ବର୍ତ୍ତମାନ ବନ୍ଦୀ ନିଳୟ ଅବରୋଧ କରିବାକୁ ପଡ଼ିବ—"

ସାଙ୍ଗେ ସାଙ୍ଗେ ସବୁ ବନ୍ଦୋବସ୍ତ ହୋଇଗଲା । ରଜନୀବାବୁ ମନେ ପକାଇ ନେଲେ ନକ୍‌ସା କଥା ! ହଁ ଠିକ୍···ଗଙ୍ଗା ପଶ୍ଚିମପାଖ ୧୨ନମ୍ବର ଖୁଣ୍ଟିଠାରୁ ୧୦୦ ହାତ ଦୂରର ଭଙ୍ଗା କୋଠା—ଲତା'ପରେ ଦେବଦାରୁ ଗଛ...ସବୁ ଠିକ୍ ମନେ ଅଛି—

ପୋଲିସ ସାହେବଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇ ୧୦ଜଣ ପୋଲିସଙ୍କୁ ସାଥିରେ ନେଇ ସେ ପୁଣି କାର୍ ଦଉଡ଼ାଇ ଦେଲେ । କାର୍ ଛୁଟିଲା । ଗଙ୍ଗା ନଦୀ ପଶ୍ଚିମ ପଟ ୧୨ ନମ୍ବର ଖୁଣ୍ଟି ପାର ହୋଇଯିବାର କିଛି ଦୂରରେ ପଡ଼ିଲା ଗୋଟାଏ ଭଙ୍ଗାକୋଠା···ଲତା ଗୁଳ୍ମରେ ସାରା ଦେହ ତାର ଆବୃତ । ଦୁଇଜଣ ପୋଲିସଙ୍କ ଜିମା କାର୍‌ଟା ଗୋଟାଏ ଗଛ ଆଢ଼ୁଆଳରେ ରଖି ସେ ଭିତରେ ପଶିଲେ । ଗୋଟାଏ ଦେବଦାରୁ ଗଛ... ତାର ମୂଳରେ ଗୋଟାଏ ଇଲେକ୍‌ଟ୍ରିକ୍ ସୁଇଚ୍···ଟିପି ଧରିଲାକ୍ଷଣି ଗୋଟାଏ ବାଟ ମେଲା ହୋଇଗଲା ତଳକୁ···ସେ ସେହି ଗୁପ୍ତ ଦରଜା ଭିତରେ ପଶିଲେ...ପାହାଚରେ କିଛି ବାଟ ତଳକୁ ଖସିଲାପରେ ସମତଳ ଗୋଟିଏ ରାସ୍ତାରେ ପହଞ୍ଚିଲେ – ଟର୍ଚ୍ଚ ଜାଳି ଦେଖିଲେ ସ୍ଥାନଟା ଦୁର୍ଗନ୍ଧମୟ...

ଶୁଭିଲା କାହାର ଦ୍ରୁତ ପଦକ୍ଷେପ—

ଟର୍ଚ୍ଚ ଲିଭାଇ ଦେଇ ଆତ୍ମ ଗୋପନ କଲେ ରଜନୀବାବୁଙ୍କ ସହିତ ପୋଲିସ ଆଠଜଣ—ସେ ଘନ ଅନ୍ଧାର ଭିତରେ ଦେଖିଲେ କେହି ଜଣେ ପାହାଚ

ଉପରେ ଉଠୁଛି— ବାହାରେ ତାର ପଡୁଛି କୌଣସି ସ୍ତ୍ରୀଲୋକ—କ୍ଷିପ୍ର ଗତିରେ ରଜନୀବାବୁ କୁଦି ପଡ଼ିଲେ ତା ଉପରକୁ—ଛଞ୍ଚାଣ ଭଳି ବାହାରୁ ତାର ସ୍ତ୍ରୀ ଲୋକଟିକୁ ଅଲଗା କରି ଦେଇ ତାକୁ ତଳେ ପକାଇ ଦେଲେ— ତାପରେ କ୍ଲୋରୋଫର୍ମ ସିକ୍ତ ରୁମାଲ୍‌ଟାଏ ତା ନାକ ପାଖରେ ଚପି ଧରିଲା କ୍ଷଣି ଲୋକଟା ଗୋଟାଏ ଅବ୍ୟକ୍ତ ଚିତ୍କାର କରି ଆଖି ବୁଜିଦେଲା ।

ସାଙ୍ଗେ ସାଙ୍ଗେ ପୋଲିସମାନଙ୍କ ହାତରେ ଜଳି ଉଠିଲା ଆଠଟା ଟର୍ଚ୍ଚ । ରଜନୀବାବୁ ଦେଖିଲେ ବକ୍ତୁଲୋଖି କ୍ଲୋରୋଫର୍ମ ସାହାଯ୍ୟରେ ଅଚେତ ହୋଇ ପଡ଼ିଛି । ପାଖରେ ଜଣେ ସ୍ତ୍ରୀ ଲୋକ ସେ ଚିହ୍ନି ପାରିଲେ ନାହିଁ— ପୁଣି ସମସ୍ତଙ୍କୁ ସେ କାର୍‌ରେ ଭରି କାର୍‌ ଛୁଟାଇ ଦେଲେ— X X X

ସେଇଦିନ ରାତି ଦଶଟା ହେବ—

ଶରତ୍ ପହଞ୍ଚିଲା ରଜନୀବାବୁ ପାଖରେ—ମୁଖମଣ୍ଡଳ ତାର ଉତ୍ତେଜନାରେ ଲାଲ୍ ପଡ଼ିଯାଇଥାଏ । ରଜନୀବାବୁ କହିଲେ, କ'ଣ ସବୁ ଠିକ୍ ?"
"ହଁ—ଆପଣଙ୍କ କଥା ଅକ୍ଷରେ ଅକ୍ଷରେ ସତ୍ୟ । ଆଜି ରାତି ବାରଟା ବେଳେ ମୁଁ ଆପଣଙ୍କଠାରୁ ଫୋନ୍ ସମ୍ବାଦ ପାଇ କୁମାରୀ ମାୟାଙ୍କ ଘରକୁ ମୋଟରରେ ଯାଉଁ ଯାଉଁ ଦେଖିଲି କୁମାରୀ ମାୟା ନିଜେ ମୋଟର ଚଲାଇ ପଳାଉଛନ୍ତି । କାରଣ କିଛି ବୁଝି ନପାରି ତାଙ୍କୁ ମୋଟର ଅଟକାଇବାକୁ ଆଦେଶ ଦେଲାକ୍ଷଣି ସେ ଦ୍ରୁତଗତିରେ ମୋଟର ନେଇ ପଳାଇଲେ । ବାଧ୍ୟ ହୋଇ ଟାୟାରକୁ ଗୁଳି ସାହାଯ୍ୟରେ ଜଖମ କରି ଦେଖେତ କୁମାରୀ ମାୟା ଛଦ୍ମ ବେଶରେ ଡ୍ରାଇଭର ସିଟ୍‌ରେ ବସିଛନ୍ତି । ଆପଣଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ଗିରଫ କଲି ।"

"କିନ୍ତୁ ରହସ୍ୟ କେବଳ ସେଇଠି ସରିଲାନି । ମାୟାଙ୍କ ଘରକୁ ଆସି ଦେଖେତ ଟେବୁଲ୍ ଉପରେ ଥୁଆହୋଇଛି ଗୋଟାଏ ଚିଠି । ଯେଉଁ ଚିଠି ଆପଣ ପଢ଼ିଲେ ସବୁ ରହସ୍ୟ ବୁଝି ପାରିବେ ।"

ଶରତ୍ ଚଠି ଖଣ୍ଡିକ ରଜନୀବାବୁଙ୍କ ହାତକୁ ବଢାଇ ଦେଲେ । ସେଥିରେ ଲେଖାଥିଲା ।

ପ୍ରିୟ ରଜନୀବାବୁ,

ଆପଣଙ୍କ ଶତ ସତର୍କ ଦୃଷ୍ଟି ପାତ ସତ୍ତ୍ୱେ ମୋତେ ଆଜ ମୋ ଲକ୍ଷ୍ୟ ପୂରଣ କରିବାକୁ ହେବ । ସେଥିରେ ଆପଣ କିମ୍ବା ଆପଣଙ୍କ ପୋଲିସବାହିନୀ କେହି ବାଧାଦେଇ ପାରିବେ ନାହିଁ ।

କୁମାରୀ ମାୟାଙ୍କୁ ହରଣସ୍ଥଳ କରି ମୁଁ ମୋ ଲକ୍ଷ୍ୟ ଅବଶ୍ୟ ପୂର୍ଣ୍ଣ କରିବି । ସାରା ଦୁନିଆ ଖୋଜିଲେ ମଧ୍ୟ ତାଙ୍କୁ ତୁମେ ପାଇବ ନାହିଁ । ଇତି ।

ରକ୍ତଲୋଖ

ଚଠିଟି ପଢ଼ି ଉଚ୍ଚ କଣ୍ଠରେ ହସି ଉଠିଲେ ରଜନୀବାବୁ । ତାପରେ କହିଲେ, "ଚମତ୍କାର ବୁଦ୍ଧି । ନିଜେ ମାୟା ପ୍ରକୃତ ମାୟାକୁ ପାତାଳପୁରୀରେ ବନ୍ଦୀକରି ଛଦ୍ମବେଶରେ ମିସ୍ ସୁଜାତା ଓ ରଙ୍ଗଲାଲଙ୍କୁ ହତ୍ୟାକରି ନିର୍ବିଘ୍ନରେ ପଳାୟନ କରିଥିଲେ । କାଲି ସକାଳୁ ଆମେ ହୁଏତ ଜାଣିଆନ୍ତୁ ମାୟା ରକ୍ତଲେଖା ହାତରେ ବନ୍ଦୀ··ହାଃ...ହାଃ...

"କିନ୍ତୁ ବୁଝିପାରିଲି ନାହିଁ ସାର୍, ଛଦ୍ମବେଶୀ ମାୟା ପଳାୟନ କରୁଥିଲେ କାହିଁକି ? ସେ ବେଶ ତ ରଙ୍ଗଲାଲବାବୁ ଅଗାଧ ସଂପତ୍ତି ନିର୍ବିବାଦରେ ଉପଭୋଗ କରି ପାରିଥାନ୍ତେ ?"

"ମୁଁ କହି ପାରିବିନି ରଙ୍ଗଲାଲଙ୍କ ପରିବାର ଉପରେ ରକ୍ତଲେଖାର କାହିଁକି ବିଷ ଦୃଷ୍ଟି ପଡ଼ିଥିଲା । କିନ୍ତୁ ଛଦ୍ମବେଶୀ ମାୟା ପଳାୟନ କରିଥିଲେ ଦୁନିଆ ଜାଣିଥାନ୍ତା ମାୟା ନିର୍ଦ୍ଦୋଷ—ସେ ସବୁ କାଲି ବିସ୍ତୃତିଭାବରେ ନିଷ୍ପତ୍ତି ହେବ । ତୁମେ ଛଦ୍ମବେଶୀ ମାୟାର ଉପଯୁକ୍ତ ବନ୍ଦୋବସ୍ତ କରିଦିଅ । ପୋଲିସ ସାହେବ ଏତେବେଳକୁ ଗୁପ୍ତ ଭବନ ଅବରୋଧ କରି ସାରିବେଣି ।

## — ଢେଉଣି —

ବଗୃଗଲପୁ ।

ଜନାକୀର୍ଣ୍ଣ । ବନ୍ଧୁରପେଠ, ରଜନୀବାବୁ, ରମଣୀବାବୁ, ବିଶିଷ୍ଟ ପୋଲିସ କର୍ମଚାରୀ, ସାମ୍ବାଦିକ, ସହରର ବିଶିଷ୍ଟ ଭଦ୍ରଲୋକଙ୍କ ସହିତ ଅଖିଳବାବୁ ଆସନ ଗ୍ରହଣ କରିଥାନ୍ତି । ପୋଲିସ ଅବେଷ୍ଟନୀ ଭିତରେ ଠିଆ ହୋଇ-ଥାଏ ରକ୍ତଲୋଭୀ । ମୁହଁରେ ବଲେଲ.ହାସ୍ୟର ସୁସ୍ପଷ୍ଟ ଆଭାସ । ଏହି ସମୟରେ ଜଣେ କିଏ ସମ୍ବାଦ ପହଞ୍ଚାଇଲା ଯେ ରାୟସାହେବ ମରିଗଲେ ।

ରଜନୀବାବୁ କହିଲେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ତାଙ୍କୁ ଯେଉଁ ଉତ୍କଟ ବିଷବାଷ୍ପ ଦିଆଯାଇ ଥିଲା, ଗୁପ୍ତଭବନରୁ ଉଦ୍ଧାର କରିବାର ୩ ଘଣ୍ଟା ପରେ ତାଙ୍କର ମୃତ୍ୟୁ ନିଶ୍ଚିତ ଥିଲା । ତାପରେ ସେ ରକ୍ତଲୋଭୀକୁ ତାର ଆତ୍ମ ପରିଚୟ ଏବଂ ତାର କାର୍ଯ୍ୟକଳାପର ବିବରଣୀ ଶୁଣାଇବା ପାଇଁ ଅନୁରୋଧ କଲେ ।

ରକ୍ତଲୋଭୀ ମୃଦୁ ହସିଲା । ତାପରେ ଅମାନୁଷିକ କଣ୍ଠରେ କହିଲା, "ମୋ ଲକ୍ଷ୍ୟ ପୂର୍ଣ୍ଣ ହୋଇ ସାରିଛି । ମୋ ଆତ୍ମଚରିତ କହିବାରେ ମୋର ଆପତ୍ତି ନାହିଁ । ତାହା ଯଦି ଉପସ୍ଥିତ ଜନତା ହୃଦୟରେ ତିଳେମାତ୍ର ଆନନ୍ଦ ବା ଚାଞ୍ଚଲ୍ୟ ସୃଷ୍ଟି କରେ ତାହାହେଲେ ମୁଁ ଖୁସି ହେବ ।

"ମୋ ନା ଜନ୍ମରୁ ନ ଥିଲା ରକ୍ତଲୋଭୀ—ମୋ'ନା ଯଦୁନାଥ । ମୋ ବାପା ଜଣେ ଗୋରା ସାହେବଙ୍କ ଆଦେଶବାହକ. କାର୍ଯ୍ୟ କରୁଥିଲେ । ସେତେବେଳେ ମୋ ଜନ୍ମଭୂମି ଥିଲା ଗୋରାସାହେବଙ୍କ କ୍ରୀଡ଼ାଭୂମି—ପରାଧୀନ । ମୋ'ର ଦେଶର ପାଣି ପବନରେ ଲାଳିତ ପାଳିତ ହୋଇଥିବା ସୁନ୍ଦରୀ ଝିଅମାନଙ୍କୁ ବିଦେଶ ରପ୍ତାନୀ କରିବା ଥିଲା ତାଙ୍କର କାମ । ସେଥିରୁ ସେମାନେ ପାଉଥିଲେ ପ୍ରଚୁର ଅର୍ଥ—ସେ ଗୋରାମାନଙ୍କୁ ସାହାଯ୍ୟ କରୁଥିଲେ ଆମର ଦେଶର କେତେଜଣ ଅର୍ଥଲୋଲୁପି ପ୍ରତାରକ । ରାୟସାହେବ ନରହରିବାବୁ ଓ ଦେବାନ ବାହ'ଦୁର ରଙ୍ଗଲାଲଜୀ ଥିଲେ

ସେମାନଙ୍କ ମଧ୍ୟରୁ ଦୁଇଜଣ । ମୋ ବାପା ସେହିଭଳି ଜଣେ ଗୋରା ସାହେବଙ୍କ ଅଧୀନରେ ଚାକରୀ କରୁଥିଲେ ।

ମୋ ବାପାଙ୍କ ମୁକଦ୍ଦମ ଥରେ ଗୋଟିଏ ବାଳିକାକୁ ଜବରଦସ୍ତି ଜାହାଜରେ ପୂରାଇ ଆମେରିକା ପଠାଇବାକୁ ବାପାଂକୁ ଆଦେଶ ଦେଲେ । ବାପା କିନ୍ତୁ ତାଙ୍କୁ ଏପରି ଘୃଣକାର୍ଯ୍ୟ କରି ପାରିବେ ନାହିଁ ବୋଲି ମୁହଁରେ ମୁହେଁ ଜଣାଇ ଦେଲେ ।

କିନ୍ତୁ ଏଇ ସତ୍‌ସାହସ ହେଲା ତାଙ୍କର କାଳ । ସାହେବ ରାଗିଯାଇ ତାଙ୍କ ସହକାରୀ ନରହରିବାବୁଙ୍କୁ ବାପାଙ୍କୁ ଚାବୁକ ମାଡ଼ ଦେଇ ମାରି ଦେବାକୁ ଆଦେଶ ଦେଲେ । ନରହରିବାବୁ କୁଣ୍ଠିତ ହେବା ଦୂରେ ଥାଉ ସାହେବଙ୍କ ପ୍ରିୟଭାଜନ ହେବା ଆଶାରେ ବାପାଂଙ୍କ ପିଠିରେ କଷେଇ ଦେଇଗଲେ ଚାବୁକ ।

ଚାବୁକର ନିର୍ମମ ପ୍ରହାରରେ ବାପା ବରଣ କରିନେଲେ ମରଣ । ସଭ୍ୟ ଜଗତର ଆଲୋକ ଭିତରକୁ ଆସିଲା ନାହିଁ ଏ ସମ୍ବାଦ...ବଣମଲ୍ଲୀ ବଣରେ ଫୁଟି ଝଡ଼ି ପଡ଼ିଲା...ନିଃସହାୟ ଭାଇ ଭଉଣୀ ଆମେ ବୁକୁର କୋହ ଚପାଇ ରଖିଲୁ ବୁକୁରେ ।

କିନ୍ତୁ ତା ପୂର୍ବରୁ ଗୋଟିଏ ଅଘଟଣ ଘଟି ଯାଇଥିଲା । ସାହେବ ପାଇଥିଲେ ଆମ ଦେଶର ଏକ ସ୍ଥାନରେ ପୋତା ଧନ ଥିବା ସ୍ଥାନର ନକ୍ସା ନରହରି ଓ ରଙ୍ଗଲାଲଙ୍କ ଆଖିରୁ ଲୁଚେଇ ରଖିବାକୁ ସେ ଦେଇଥିଲେ ବାପାଙ୍କ ହାତରେ ସେଇଟି ଲୁଚେଇ ରଖିବା ପାଇଁ । ବାପା ନାହିଁ କି କେଜାଣି ସେ ସ୍ଥାନଟି ନାମ କେବଳ ମୋ ଭଉଣୀକୁ କହି ନଷ୍ଟ କରି ଦେଇଥିଲେ କାଗଜ ଖଣ୍ଡିକ ।

ବାପଙ୍କ ମଲାପରେ କଥାଟା ଜଣାପଡ଼ିଲା । ତେଣୁ ମୁଁ ବୁଝିଲି ସେଠାରେ ରହିବା ଅର୍ଥ ବିପଦ ଡରିବାଗିର ଧାରେ ଧାରେ ଖାଲିପାଦରେ

ଚାଲିବା, ତେଣୁ ଦିନେ ରାତିରେ ବାପ ଅଜା ଚଉଦ ପୁରୁଷଙ୍କ ଭିଟାମାଟି ଛାଡ଼ି ଆମେ ଗୋଡ ବଢ଼ାଇଲୁ ଆଗକୁ···

କିଛି ଦୂର ଯାଇଛୁ, ଶୁଣିଲୁ ଆମ ପଛେ ପଛେ ଛୁଟିଛି ନରହରି ରାୟ—ଝଡ ହେଲା ସେଠିକିବେଲକୁ ଠିକ୍—ଜୀବନ ଭରସାରେ ଆମେ ପଶିଆସିଛୁ ଏକ ଜଙ୍ଗଲରେ । କଣ୍ଟା ଝଣ୍ଟାରେ ପାଦ, ଗୋଡ, ଦେହ କ୍ଷତ ବିକ୍ଷତ, ରକ୍ତାକ୍ତ । ଏହି ସମୟରେ ଆମ ବାଟ ଓଗାଳିଲା ନରହରି ରାୟ । ମୋର ଝର ଝର ଲୁହ ବର୍ଷା, ଆକୁଳ ମିନତି—ସବୁକୁ ପୈଶାଚିକ ହସ ଭିତରେ ବୁଡ଼ାଇ ଦେଇ ସେ ଛଡ଼ାଇ ଆଣିଲା ମୋ ଭଉଣୀକୁ—

ବାଧିବାକୁ ଚେଷ୍ଟା କରି ବାଧି ପାରିଲିନି...ଆତ୍ମହତ୍ୟା କରିବାକୁ ଚେଷ୍ଟାକରି ହେଲି ବିଫଳ—ଆପେ ଆପେ ଗୋଡ ପଡିଲା ମୋର ବିଦେଶକୁ, ହାତଠାରିଲା ମୋତେ ବିଦେଶ—ଯେଉଁ ବିଦେଶ ଦିନେ ହାତ ଠାରିଥିଲା ଦେଶ ପ୍ରେମୀ ସୁଭାଷଙ୍କୁ···ମୁଁ ଚାଲିଲି ରେଙ୍ଗୁନ । କିନ୍ତୁ ଏହାରି ଭିତରେ ସବୁ ହୋଇ ଯାଇଥିଲା ଓଲଟ ପାଲଟ । ସମସ୍ତ ଚକ୍ରର ଘୂର୍ଣ୍ଣନ ଭିତରେ ଭାରତ ହେଲା ସ୍ୱାଧୀନ୍, ବାପାଙ୍କ ମୁନିବଙ୍କ ଭଲ ସାହେବ ବିଣ୍ଡିଲପତ୍ର ବାନ୍ଧି ଘର ମୁହାଁ ଧରିଲେ, କିନ୍ତୁ ତା ପୂର୍ବରୁ ଝିଅ ରପ୍ତାନୀ ବାଣିଜ୍ୟ ଯେପରି ଚାଲୁ ରହିବ କରିଗଲେ ତାର ବନ୍ଦୋବସ୍ତ, ଡାକୁ ନରହରି ରାୟକୁ ରାୟସାହେବ ଉପାଧି ଓ ରଙ୍ଗାଲାଲଙ୍କୁ ଦେବାନ ବାହାଦୁର ଉପାଧି ଦେଇ ନିରୀହ ଜନତା ଆଖିରେ ଗୁଣ୍ଡି ଦେଇଗଲେ ଶୁଖୁଆ ଲଙ୍କା । ସେମାନେ ବାହାରକୁ ସାଜିଲେ ଦେଶପ୍ରେମୀ, ଦାନୀ, ଭିତରେ ଚାଲୁ ରଖିଲେ ଝିଅ ରପ୍ତାନୀ ବାଣିଜ୍ୟ ।

ମୋ ଭଉଣୀକୁ ଅଣି ବାଧ୍ୟ କରାଗଲା ସେ ଗୁପ୍ତ ସ୍ଥାନଟିର ନାମ କହିବାକୁ । ଯେଉଁ ସ୍ଥାନରେ ଆଜି ସୁଦ୍ଧା ବି ପୋତା ହୋଇ ରହିଛି ଅଜସ୍ର ସ୍ୱର୍ଣ୍ଣ ମୋହର । କିନ୍ତୁ ସେ ରାଜି ହେଲାନାହିଁ କହିବାକୁ । ତେଣୁ ତାକୁ ମାଟିତଳେ ଗୋଟାଏ ଘରେ ବନ୍ଦୀ କରି ରଖାଗଲା । ପ୍ରତିଦିନ ତାକୁ ଧମକ ଦିଆଯାଏ ଗୁପ୍ତସ୍ଥାନଟିର ନାମ ନ କହିଲେ ତାକୁ ହତ୍ୟାକରି ଦିଆଯିବ, କିନ୍ତୁ ତା ମୁଖପଟରେ ଅନ୍ୟକେହି ସେ ସ୍ଥାନଟି ନାମ ଜାଣି ନଥିବାରୁ ତାକୁ ମୃତ୍ୟୁ ମୁଖରେ ପଡ଼ିବାକୁ ହୋଇନି ।

ତାପରେ ମୁଁ ରେଙ୍ଗୁନରୁ ଗୋଟିଏ ଡକାଏତ ଦଳଗଢ଼ି ଫେରିଲି ଭାରତକୁ । ମୋର ଲକ୍ଷ୍ୟ ହେଲା ଶେଠ ରଙ୍ଗଲାଲ ଓ ନରହରି ଗୁପ୍ତ ବଂଶକୁ ନିର୍ମୂଳକରି ମୋ ଦେଶର ସୁନ୍ଦରୀ ଝିଅମାନଙ୍କୁ ବିଦେଶୀ ବ୍ୟଭିଚାରୀଙ୍କ ହାତରୁ ରକ୍ଷା କରିବା । ସେ ଲକ୍ଷ୍ୟ ମୋର ଉଣା ଅଧିକେ ପୂର୍ଣ୍ଣ ହୋଇଛି— ଝିଅ ରପ୍ତାନି ବାଣିଜ୍ୟକୁ ମୁଁ କରି ଦେଇଛି ପଙ୍ଗୁ । ତେଣୁ ମୃତ୍ୟୁ ଦଣ୍ଡକୁ ଆଜି ମୋର ଭୟନାହିଁ । ବରଂ ମୁଁ ତାକୁ ସ୍ୱାଗତ କରୁଛି ।"

ଯଦୁନାଥ ନୀରବ ରହିଲା । ସମସ୍ତଙ୍କ ମୁହଁରେ ଚୁପା ଉତ୍ତେଜନା । ରଜନୀବାବୁ ପଚାରିଲେ "ଲୀଳା କିଏ ? ତାକୁ ହତ୍ୟାକଲା କିଏ ? ଅଖିଳ ବାବୁଙ୍କ ସହିତ ତାର ସମ୍ପର୍କ କ'ଣ ? ଅଖିଳ ବାବୁଙ୍କ ନକ୍‌ସାରେ ଥିଲା କ'ଣ ?"

ପୁଣି ଯଦୁନାଥ ମୁହଁ ସତେଜ ହୋଇ ଉଠିଲା । ସେ କହିଲା, "ମୁଁ ଭୁଲି ଯାଇଥିଲି କହିବାକୁ । ଲୀଳା ରେଙ୍ଗୁନ୍‌ର ଏକ ବେଶ୍ୟା । ପ୍ରଥମେ ବିପତ୍ନୀକ ଭାବରେ ବାସ କରୁଥିଲେ ଅଖିଳବାବୁ । ତାଙ୍କର ଗୋଟିଏ ଝିଅ ଥିଲା—ସ୍ୱର୍ଣ୍ଣଲତା । ବିପତ୍ନୀକ ଅଖିଳବାବୁ ପଡ଼ିଥିଲେ ଏଇ ବେଶ୍ୟା ଲୀଳା ପ୍ରେମରେ, କିନ୍ତୁ ଲୀଳା ଭଲ ପାଉଥିଲା ରେଙ୍ଗୁନର ଜଣେ ଧନୀ ଯୁବକକୁ । ତେଣୁ ଲୀଳା ଓ ଅଖିଳବାବୁଙ୍କ ଅବାଧ ପ୍ରଣୟରେ ସେ ହେଲା ଅନ୍ତରାୟ । ସେଥିପାଇଁ ଲୀଳା ପରାମର୍ଶରେ ଅଖିଳବାବୁ ହତ୍ୟାକରିଥିଲେ ସେଇ ଯୁବକକୁ ଏବଂ ଅଖିଳବାବୁଙ୍କ ଅଲକ୍ଷ୍ୟରେ ଲୀଳା ସେହି ହତ୍ୟାକାଳୀନ ଫଟୋଟି ଉଠାଇ ନେଇଥିଲା, ଯେଉଁଥିରେ ସ୍ପଷ୍ଟ ଜଣା ପଡୁଥିଲା, ଛଣ୍ଡିଚପି ସେ ଯୁବକକୁ ହତ୍ୟା କରିଛନ୍ତି ଅଖିଳବାବୁ । ସେହି ଯୁବକର ହତ୍ୟା ରହସ୍ୟ ଉଦ୍‌ଘାଟନ କରିବା ପାଇଁ ବର୍ମା ସରକାର ଘୋଷଣା କରିଥିଲେ ୧୦ ହଜାର ଟଙ୍କା । ଲୀଳା ଏ ଫଟୋ ଦେଖାଇ ବର୍ମା ସରକାରଙ୍କଠାରୁ ସେ ଟଙ୍କା ଆଣିବ ବୋଲି ଧମକ ଦେଇ ଆଦାୟ କରୁଥିଲା ଟଙ୍କା ଅଖିଳ ବାବୁଙ୍କଠାରୁ ।"

"ଲୀଳା କଲିକତା ଆସିବାପରେ ଗୁପ୍ତସାହେବ ନରହରି ବାବୁ ଝିଅ ଯୋଗାଡ଼ କରିଦେବାକୁ ଲୀଳାକୁ ନିଯୁକ୍ତ କରିଥିଲେ ଏବଂ ତାକୁ ଦେଉଥିଲେ ପ୍ରଚୁର ଟଙ୍କା । ଅଖିଳବାବୁଙ୍କ ଝିଅଠାରେ କୋପଦୃଷ୍ଟି ପଡ଼ିଲା

ଗୋଇ ସାହେବଙ୍କର ଏବଂ ସେଥିପାଇଁ ସେ ଫଟୋ ଧମକ ଦେଇ ଲୀଳା ଚାହିଁଲା ସ୍ୱର୍ଣ୍ଣଲତାଙ୍କୁ ଅଖିଳବାବୁଙ୍କଠାରୁ । ସେଇ ବିପଦରୁ ରକ୍ଷା ପାଇବା ପାଇଁ ଅଖିଳବାବୁ ଡକାଇଥିଲେ ଆପଣଙ୍କୁ—

ଆଁ ଭିତରେ ଆଉ ଏକ ଗଣ୍ଡଗୋଳ ହେଲା । ଲୀଳାର କିଛୁ ପ୍ରାପ୍ୟ ଆମ ଦଳର ଜଣେ ଲୋକ ତା ଛଦ୍ମବେଶରେ ଗ୍ରସ୍ୱସାହେବଙ୍କ ଠାରୁ ନେଇ ଆସିଲା । ଏଥିପାଇଁ ମନୋମାଳିନ୍ୟ ଘଟିଲା ଲୀଳା ଆଉ ଗ୍ରସ୍ୱସାହେବଙ୍କ ଭିତରେ । ଲୀଳା ସବୁକଥା ପୋଲିସକୁ ଜଣାଇ ଦେବବୋଲି ଧମକ ଦେବା ଫଳରେ ଗ୍ରସ୍ୱସାହେବ ଲୀଳାକୁ କଲେ ନିର୍ମମ ହତ୍ୟା—

"ଆପଣ ସେ ଫଟୋଟା କ'ଣ କଲେ ?"

"ନଷ୍ଟକରି ଦେଇଛି । ସେ ଫଟୋକୁ ରଖି ଆଉ ଗୋଟାଏ ଅଶାନ୍ତି ସୃଷ୍ଟି ଉଠାଇବା ମୋର ଲକ୍ଷ୍ୟ ନଥିଲା ।" ଯଦୁନାଥ କହିସାରି ବସି-ପଡ଼ିଲା ଚେୟାର ଉପରେ । ତା ଦେହର ଶିରାଗୁଡ଼ାକ ନୀଳ ହୋଇ ଆସୁଥାଏ ।

ବସ୍ତ୍ରପତି ପଚାରିଲେ, "ଆପଣ ବିଷ ଖାଇଛନ୍ତି, ଆପଣଙ୍କ ଶରୀରର ଶିରାଗୁଡ଼ିକ ଯେ ନୀଳ ହୋଇ ଆସୁଛି ?"

ଅଳ୍ପ ହସି ଯଦୁନାଥ କହିଲା, 'ବ୍ୟସ୍ତ ହୁଅନ୍ତୁ ନାହିଁ, ଏ ବିଷ ଠିକ୍ ଘଣ୍ଟା ପରେ ମଣିଷକୁ ଶେଷ କରିଦିଏ । ମୋ ସମୟ ଆସି ଗଲାଣି । ନମସ୍ତେ—"ତା ପରେ ତାଙ୍କ ଜୀବନ ଦୀପର ଶେଷ ଶିଖା ଥରି ଥରି ଲିଭିଗଲା । ବସ୍ତ୍ରପତିଙ୍କ ବସ୍ତ୍ରରକୁ ଫାଙ୍କି ଦେଇ ଚାଲିଗଲା ଯଦୁନାଥ । ତା ପରେ ସ୍ଥାନାନ୍ତରିତ କରାଗଲା ଯଦୁନାଥର ଶବ ।

ତାପରେ ବସ୍ତ୍ରପତି ପଚାରିଲେ, "ଆପଣ କିପରି ଜାଣିଲେ ରଜନୀ-ବାବୁ ! ଛଦ୍ମବେଶୀ ମାୟା ପ୍ରକୃତ ମାୟା ନୁହେଁ ?"

ରଜନୀବାବୁ କହିଲେ, "ସେ ବି ଏକ ରହସ୍ୟ । ପ୍ରକୃତ ମାୟାକୁ ଯଦୁନାଥ ତାଙ୍କ ଗୁପ୍ତଘରେ ବନ୍ଦୀ କରି ରଖି, ତାଙ୍କ ଦଳର ଜଣେ ଯୁବତୀକୁ ପଠାଇଥିଲା ମାୟାର ଛଦ୍ମବେଶରେ । ଏ ବିଷୟ ମୋର ପ୍ରଥମ ସନ୍ଦେହ

ହଁ ଏ ସୁଜୟାଙ୍କ ମୃତ୍ୟୁ ଦିନ । କାରଣ ସୁଜୟାଙ୍କ ବେଶ ଘର ବତୀର ସୁଇଚ୍ ଥିଲା ମାୟା ଶୋଇବା ଘରେ...ତେଣୁ କେବଳ ମାୟା ସୁଜୟାଙ୍କ ବେଶ ଘରର ବତୀ ଲିଭାଇବାକୁ ସକ୍ଷମ ଥିଲେ । ଏ ସନ୍ଦେହ ମୋର ଦୃଢ଼ିଭୂତ ହେଲା ସ୍ୱର୍ଣ୍ଣ ଅଳଂକାର ହରଣଶୂଳ ଦିନ । ଆଶ୍ଚର୍ଯ୍ୟଜନକ ଭାବେ ସେ ସ୍ୱର୍ଣ୍ଣ ଅଳଂକାରଗୁଡ଼ିକ ହରଣ ହୋଇଗଲା ପରେ ସେ ଅଳଂକାରଗୁଡ଼ିକ ମୁଁ ଦେଖିଲି ମଦନମୋହନଙ୍କ ଘରେ । ସେଗୁଡ଼ିକ ଲାଗି ଅନ୍ୟ ଛାଞ୍ଚ କରିବାକୁ ଜଣେ ମାୟା ପଠାଇଥିଲେ ।

"ସେଇଦିନୁ ଶରତକୁ ମାୟାଂଙ୍କ ଉପରେ ନଜର ରଖିବାକୁ ପଠାଇଲି । ଗୁପ୍ତ ଭବନରେ ମୋତେ ବନ୍ଦୀ କରି ମୋଠାରୁ ବର୍ଦ୍ଧୀ ନିଳୟର ନକ୍ସା ନେଇ କୁମାରୀ ଝରଣାଂକୁ ମୁକ୍ତ କରିବାର ଚେଷ୍ଟା କଲେ ଯଦୁନାଥ । କିନ୍ତୁ ତା ପୂର୍ବରୁ ମୋ ସହକାରୀ ରମଣୀ ରଦ୍ଧୁଆ ନାମରେ ଥିଲା ଗୁପ୍ତଭବନରେ, ତା ସାହାଯ୍ୟରେ ପ୍ରକୃତ ମାୟାକୁ ଉଦ୍ଧାର କରି ମୁଁ ପ୍ରକୃତ କଥା ଜାଣି ପାରିଲି ।"

ଏହାପରେ କୁମାରୀ ଝରଣାଙ୍କୁ ଅଣାଗଲା । ଡାକ୍ତର ପରୀକ୍ଷା କରି ଦେଖିଲେ ଅଧିକ ଡୋଜ ସଙ୍କୋପ ଦେବା ଫଳରେ ତାଙ୍କ ମସ୍ତିଷ୍କ ବିକୃତ ଘଟିଛି । ସେ ପାଗଳିନୀ ହୋଇଯାଇଛନ୍ତି । ତେଣୁ ଗୁପ୍ତଧନ ଲୁଚାଥିବା ସ୍ଥାନର ନାମ ଜାଣିବାର ଆଶା ସମସ୍ତଙ୍କର ମନେ ମନେ ମରିଗଲା ।

ବସୁଉପାଧ୍ୟାୟଙ୍କ ରିପୋର୍ଟ ଅନୁସାରେ ଛଦ୍ମବେଶୀ ମାୟାଙ୍କ ସହିତ ଗୁପ୍ତ ଭବନରୁ ଧୃତ ସମସ୍ତ ଡକାଏତ ୫ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗ କଲେ ଏବଂ ରଙ୍ଗଲାଲବାବୁଙ୍କ ବିପୁଳ ସମ୍ପତ୍ତିର ଏକମାତ୍ର ଉତ୍ତରାଧିକାରିଣୀ ମାୟା । ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ହୃଦୟରୁ ଚହଲା ହାସ୍ୟଧ୍ୱନି ଭିତରେ ରମଣୀବାବୁଙ୍କୁ ବିବାହ କରିବା ସ୍ଥିର ହୋଇଗଲା । ବସୁସାହେବ ନରହରି ବାବୁଙ୍କ ସମସ୍ତ ସମ୍ପତ୍ତି ପାରିଶ୍ରମିକ ସ୍ୱରୂପ ପାଇଲେ ରଜନୀବାବୁ ।

କୁମାରୀ ଝରଣାଂକ ଉପଯୁକ୍ତ ଚିକିତ୍ସା ଭାର ଓ ଦାୟିତ୍ୱ ନେଲେ ରଜନୀବାବୁ ।

## —ଶେଷ ଦୃଶ୍ୟ—

ପହିଲ ଫଗୁଣରେ ଗୋଟିଏ ରମଣୀୟ ସନ୍ଧ୍ୟା···

କୁମାଶ୍ରୀ ମାଷ୍ଟ୍ରାଙ୍କ ହାତରେ ରମଣୀବାବୁଙ୍କ ହାତ ମିଳିବାକୁ ଆତୁର ସ୍ୱରବଦନ ବାଜ । ଆକାଶରେ ଉଠିଛି ରୂପାଥାଲି ପରି ଜହ୍ନ···କୁମାଶ୍ରୀ ମାଷ୍ଟ୍ରା ଗପ ଲଗାଇଛନ୍ତି ସ୍ୱର୍ଣ୍ଣଲତାଙ୍କ ସହିତ । ରୁପେଲି ଜୋଛନା ଲହଡ଼ି ଖେଳୁଛି ସିମେଣ୍ଟ ବେଞ୍ଚଖଣ୍ଡ ଉପରେ । ବାହାରେ କାହାର ପଦକ୍ଷେପ ଶୁଭିଲା ।

କୁମାଶ୍ରୀ ମାଷ୍ଟ୍ରା ପଚାରିଲେ, "କିଏ ?"

ରଜନୀବାବୁ ଭିତରକୁ ପଶି ଆସୁ ଆସୁ କହିଲେ,..."ମୁଁ....ରମଣୀ କାହିଁ ?"

"ଶୁଣନ୍ତୁ, ମୋର ଗୋଟିଏ କଥା ରଖିବାକୁ ହେବ ।"

"କ'ଣ କୁହନ୍ତୁ, ରଖିବାର ହୋଇଥିଲେ ଅବଶ୍ୟ ରଖିବ ।"

"ଏଇ ସୁନା ଅପାର ସୁନା ହାତ ସହିତ ଆପଣଙ୍କ ହାତଟା...

ରଜନୀବାବୁ ଓ ସ୍ୱର୍ଣ୍ଣଲତା ପରସ୍ପରକୁ ଚାହିଁ ହସି ପକାଇଲେ । ଏହି ସମୟରେ ରମଣୀ ଓ ଅଖିଳବାବୁ ଭିତରକୁ ପଶି ଆସୁ ଆସୁ କହିଲେ--

"ବେଶ୍—ବେଶ୍ – ଆମେ ତ ସେଇଆ ଠିକ କରି ଆସିଛୁ ।"

ଅଖିଳବାବୁ କହିଲେ, "ଆପଣ ମୋତେ ବଡ଼ ବିପଦରୁ ରକ୍ଷା କରିଛନ୍ତି । ଏ ବିପଦରୁ ଆପଣ ନ ରଖିଲେ ଆଉ କିଏ ରଖିବ ?" ମୋର ଶେଷ ଅନୁରୋଧ ଗ୍ରହଣ କରିବାକୁ ପଛାନ୍ତୁ ନାହିଁ···"

ରଜନୀବାବୁ ନୀରବ ରହିଲେ । ନୀରବ ରହିଲା ସ୍ୱର୍ଣ୍ଣଲତା । ଅଖିଳବାବୁଙ୍କ ମୁହଁରେ ଫୁଟି ଉଠିଲା ତୃପ୍ତିର ହସ ଫୁଲଟିଏ । ରମଣୀବାବୁଙ୍କୁ ଗ୍ରେରେଇ ଗ୍ରେରେଇ ଚାହୁଁଥାଏ ମାଷ୍ଟ୍ରା । ମୁହଁରେ ତାର ନୂଆନୀ ହସ ଢେଉ ଖେଳୁଥାଏ ।

ଚକ୍ ଚକ୍ ନରମି ଜୋଛନା ଭିତରେ ମୂର୍ଚ୍ଛା ଯାଉଥାଏ ଫୁଲ ବଗିଚାଟା....ବଗିଚାର ବହୁ ଦୂରରେ ଗୋଟାଏ ଫୁଲଗଛକୁ ଆଉଜି ପାଗଳିନୀ ବୈରଣୀ ଗାଉଥାଏ—"ଟେଲା ଡ଼ୋଲା ଖଞ୍ଜନାକ୍ଷୀ ବେଗପ ରୁ ହେଲୁରେ..."

---

ଭୁବନେଶ୍ୱର, ପହିଲି ରଜ, ୧୯୫୩,

---

Printed by P. K. Das at Krushak Press, Cuttack and Published by
B. B. Nayak for Dipti Novel Series, Jatni-1955.